# ଶିକ୍ଷାସୃଜନୀ

ସେପ୍ଟେମ୍ବର - ୨୦୨୫



ବିଦ୍ୟା ଭାରତୀ

ଶିକ୍ଷା ବିକାଶ ସମିତି, ଓଡ଼ିଶା



ଶିକ୍ଷା ବିକାଶ ସମିତି, ଓଡ଼ିଶାର ବରିଷ୍ଠ ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ଶ୍ରୀଯୁକ୍ତ ମନମୋହନ ପଟ୍ଟନାୟକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ।



ଶିକ୍ଷା ବିକାଶ ସମିତି, ଓଡ଼ିଶଙ୍କ ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ବୃନ୍ଦ ।

# ଶିକ୍ଷାସୃଜନୀ

## ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ମୁଖପତ୍ର

### ଭାଦ୍ରବ - ଆଶ୍ୱୀନ



**ସଂରକ୍ଷକ :**

- **ଶ୍ରୀମାନ୍ ଗୋବିନ୍ଦଚନ୍ଦ୍ର ମହାନ୍ତ**
  ସହ ସଂଗଠନ ମନ୍ତ୍ରୀ, ବିଦ୍ୟା ଭାରତୀ
- **ଶ୍ରୀମାନ୍ ଦିବାକର ଘୋଷ**
  ସଂଗଠନ ମନ୍ତ୍ରୀ, ବିଦ୍ୟା ଭାରତୀ ପୂର୍ବକ୍ଷେତ୍ର

**ଉପଦେଷ୍ଟା ମଣ୍ଡଳୀ :**

- **ଡଃ. କିଶୋରଚନ୍ଦ୍ର ମହାନ୍ତି**
  ସଭାପତି, ଶି.ବି.ସ., ଓଡ଼ିଶା
- **ଶ୍ରୀଯୁକ୍ତ କମଳାକାନ୍ତ ମିଶ୍ର**
  ସଂପାଦକ, ଶି.ବି.ସ., ଓଡ଼ିଶା
- **ଶ୍ରୀମାନ୍ ରମାକାନ୍ତ ମହାନ୍ତ**
  ସଂଗଠନ ସଂପାଦକ, ଶି.ବି.ସ., ଓଡ଼ିଶା

**ସର୍ବସ୍ୱତ୍ୱ ସଂରକ୍ଷିତ :**

ଶିକ୍ଷା ବିକାଶ ସମିତି, ଓଡ଼ିଶା

- ପ୍ରକାଶକ : ସମ୍ପାଦକ, ଶିକ୍ଷା ବିକାଶ ସମିତି, ଓଡ଼ିଶା
- ମୁଦ୍ରଣ : ସରସ୍ୱତୀ ଡିଟିପି ସେଣ୍ଟର, ଭୁବନେଶ୍ୱର


### ପ୍ରଚ୍ଛଦ ପ୍ରସଙ୍ଗ

ଛବିଳ ଛବି ଭିତରେ ମୋର
ରାଇଜ ପାଏ ଶୋଭା
ଅଙ୍କଗଣନ ରାଜାଭିଷେକ
ସୁନିଆଁ ମନ ଲୋଭା
ଫସଲ ନୂଆ ଧରି
ମାଆର ପାଖେ ଭେଟି ଲଗାଉ
ଜୁହାରଟିଏ କରି ।


**ପରିଚାଳନା ସମିତି :**

- **ସଭାପତି : ପ୍ରଫେସର ଡଃ.ବସନ୍ତକୁମାର ପଣ୍ଡା**
- **ସଂପାଦକ : ଶ୍ରୀଯୁକ୍ତ ମହେନ୍ଦ୍ରକୁମାର ଘଡ଼େଇ**
- **ସଦସ୍ୟ : ଶ୍ରୀ ମନୋଜରଞ୍ଜନ ସେଠୀ**
- **ସଦସ୍ୟ : ଶ୍ରୀ ଧରଣୀଧର ଦାସ**

**ସଂପାଦନା ମଣ୍ଡଳୀ :**

**(ସମ୍ଭାଗଶଃ ପ୍ରତିନିଧିମାନଙ୍କ ନାମ ଓ ସ୍ଥାନ)**

- ପୂର୍ବ - ଶ୍ରୀମତୀ ସଙ୍ଗୀତା ମିଶ୍ର, ଚନ୍ଦନପୁର, ପୁରୀ
- ପଶ୍ଚିମ - ଶ୍ରୀ ଦେବରାଜ ତ୍ରିପାଠୀ, ବୁର୍ଲା
- ଉତ୍ତର - ଶ୍ରୀ ଭାସ୍କରଚନ୍ଦ୍ର ମହାକୁଡ଼, ଚମ୍ପୁଆ
- ଦକ୍ଷିଣ - ଶ୍ରୀ ସୁଧାକର ପଣ୍ଡା, ଜୟପାଟଣା
- ଉତ୍ତର-ପୂର୍ବ - ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା, ବାଲୁବଜାର, କଟକ
- ଦକ୍ଷିଣ ପୂର୍ବ - ଶ୍ରୀ ସୁନୀଲକୁମାର ଗୌଡ଼, ଗଜପତିନଗର
- ପୂର୍ବୋତ୍ତର - ଶ୍ରୀ ପ୍ରଣୟକୁମାର ପଢ଼ିଆରୀ, ବନ୍ତ
- ଦକ୍ଷିଣ ପଶ୍ଚିମ - ଶ୍ରୀ କବିରାଜ ପ୍ରଧାନ, କଲେଜଛକ, ବଲାଙ୍ଗୀର
- ମଧ୍ୟ - ଶ୍ରୀ ମାନସରଞ୍ଜନ ଜେନା, ତାଳଚେର
- **ସଂଯୋଜକ -ଶ୍ରୀ ଦେବେନ୍ଦ୍ରକୁମାର ପଟ୍ଟନାୟକ**



**ଯୋଗାଯୋଗ ଠିକଣା :**

ଶିକ୍ଷାସୃଜନୀ

**ଶିକ୍ଷା ବିକାଶ ସମିତି, ଓଡ଼ିଶା**

ଇ-୫୯, ସେକ୍ଟର-ଏ, ଜୋନ୍-ଏ
ମଞ୍ଚେଶ୍ୱର ଶିକ୍ଷାଞ୍ଚଳ, ଭୁବନେଶ୍ୱର - ୧୦
ଦୂରଭାଷ : (୦୬୭୪)୨୫୮୨୯୮୮, ମୋ-୯୪୩୭୩୯୪୪୭୭
ଫାକ୍ସ : (୦୬୭୪) ୨୫୮୫୫୬୧
Email : shikshasrujanee@gmail.com



ପ୍ରତିଖଣ୍ଡର ମୂଲ୍ୟ : ଟ ୧୫.୦୦
ବାର୍ଷିକ ଦେୟ : ଟ ୯୦.୦୦

# ସୃଜନୀର ମୁଖଶାଳା


- ସମ୍ପାଦକୀୟ.......... ୦୩
- ମାତୃଭାଷାରେ ସଙ୍କଟ ୦୫
- ଈଶ୍ୱର କେଉଁଠାରେ ଅଛନ୍ତି ? ୦୮
- କହ୍ନେଇ ୦୯
- ଉତ୍କଳୀୟ ପରମ୍ପରାରେ ସୁନିଆ ୧୨
- ଧ୍ୟାନ ଯୋଗ ଦ୍ୱାରା ପରମତତ୍ତ୍ୱର ଅନୁଭବ ୧୫
- ପ୍ରକୃତି କବି ଗଙ୍ଗାଧରଙ୍କ ଜୀବନୀ ୧୬
- କିଏ ସେହି ଗଢ଼ାଳି ? ୧୮

**କବିତା ପସରା**

- ❖ ବର୍ଷାର ଦୋଷ ନାହିଁ ୧୯
- ❖ ଲଗାଇବା ଚାରା ହସିବ ଏ ଧରା ୨୦
- ❖ ଅଲିଭା ସ୍ମୃତି ୨୦
- ❖ ଜାତୀୟ ଧ୍ୱଜା ଆମ ଉଡ଼େ ଫରଫର ୨୧
- ❖ ଆହ୍ୱାନ ୨୧
- ❖ ଜୀଜାବାଈ ୨୨
- ଓଁ ଶ୍ରୀ ପରମାତ୍ମନେ ନମଃ ୨୩
- ଡ. ସର୍ବପଲ୍ଲୀ ରାଧାକ୍ରୀଷ୍ଣନ ୨୫
- ମହୀୟସୀ ନାରୀ ରମାଦେବୀ ୨୭
- ଲୋହିତ ଗ୍ରହରେ ଜୀବନର ସନ୍ଧାନ ୩୦
- ବର୍ଗ ୩୨
- ଯୋଗଂ ଶରଣଂ ଗଚ୍ଛାମି ୩୩
- ସମ୍ଭାଷଣାଭ୍ୟାସଃ ୩୪
- କେନ୍ଦ୍ରାପଡ଼ା ଜିଲ୍ଲା ୩୫
- ତସ୍ମୈ ଶ୍ରୀ ଗୁରବେ ନମଃ ୩୭
- ସ୍ୱଦେଶୀ ବିଚାର ୩୮
- ସମ୍ବାଦ ଚୁମ୍ବକେ ଚୁମ୍ବକେ ୪୦


## ଦେଶର ମୁକତି ତିଥି ଧରା ପରେ ପାଳିକି

*ଶ୍ରୀ ମହେନ୍ଦ୍ରକୁମାର ଘଡ଼େଇ*

କ୍ଷେତ ଜଗିଥିବା ଗେଣ୍ଡା ଦେବତାକୁ ହେଜିକି
ଭେଟି ଦେଉ ସୁନା ଚିତା ଜଗନ୍ନାଥ ପୂଜିକି
ଦେଶର ମୁକତି ତିଥି ଧରା ପରେ ପାଳିକି
କୋଟି କଣ୍ଠେ ବନ୍ଦନା ତା' ଗାଇଉଠୁ
ମଧୁର ରାଗେଣୀ ତୋଳିକି ।।

ସିନିହ ମମତା ଝରା ଡୋରି ଧରି ଭଉଣୀ
ଭାଇ ହାତେ ବାନ୍ଧି ଦେଇ ଲେଖେ ନୂଆ କାହାଣୀ
ଜନ୍ମାଷ୍ଟମୀ ପାଳିଥାଉ ଆମେ ହସଖୁସିରେ
ମେହେର, ତିଳକ, ଠାକୁର, ଅଟଳ
କବିବର ତିଥି ମିଶିରେ ।।

ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଜୟନ୍ତୀ ମନାଇ
ଗୁରୁଦିବସ ପାଳନ ପାଇଁ ଥାଉ ଅନାଇ
ଗଣେଶ ଚତୁର୍ଥୀ ନୂଆଖାଇ ବିଶ୍ୱକର୍ମାକୁ
ସୁନିଆ, ଇନ୍ଦୁଚନ୍ଦର ବ୍ୟାସଦେବ
ଭାଗବତ ପଢ଼ା ଧର୍ମକୁ ।।

*ସମ୍ପାଦକ*

### ରୋକ୍‌ଠୋକ୍

ପ୍ରତିଭାକୁ ତୁମ ସଶ୍ରଦ୍ଧବନ୍ଦନ
କରାଯାଏ ଧରାପରେ
ଆଗଚଳିବାକୁ ବତୀଘର ସାଜି
ଟାଣ କରି ହାତ ଧରେ
ଶୀର୍ଷ ଚଢ଼ିବାକୁ ସିଡ଼ି
ଆଗ ଦେଖି ଯିଏ ଚଢ଼ି ନ ପାରିଲା
ତଳେ ପଡି ଛାଡେ ରଡି ।।






# ଅମୃତବେଳାର ଡାକ



ଉଠ ଉଠ ଭାଇ ନବୀନ ଆଲୋକେ
ଶୋଇଥିଲେ ଚାହିଁ ହସୁଥିବେ ଲୋକେ
ଶୁଭକର୍ମ ପଥେ ହୁଅ ଅଗ୍ରସର
ଚକ୍ଷୁ ମିଳିବାକୁ ନାହିଁ ଅବସର ।

ସ୍ୱଭାବକବି ଗଙ୍ଗାଧର ମେହେର

ଅମୃତ ବେଳାର ଏଇ ଡାକକୁ ଆମେ ତ ନିଶ୍ଚୟ ଶୁଣି ପାରୁଥିବା । ଯଦି ହଁ ତେବେ ଆଉ ଶୋଇ ରହିବାର କି ପ୍ରୟୋଜନ ? ମାଆ, ମାତୃଭୂମି, ମାତୃଭାଷାର ଉନ୍ନତି କଥା କ'ଣ ଆମ ମନ ଭିତରକୁ ଆସୁନାହିଁ ? ସେଦିନ କବି ବାଞ୍ଛାନିଧି ଦାସ ଦେଇଥିବା ଆହ୍ୱାନ କ'ଣ ଆମ କର୍ଣ୍ଣ ପଟଳରେ ପ୍ରତିଧ୍ୱନିତ କରୁନାହିଁ ।

କହ କେଉଁ ଜାତି ପାଇଛି ମୁକତି
କରି କରି ହାରି ଗୁହାରି
କହ ପାଇଛି କେ ସୁଖ ଲିଭାଇଛି ଦୁଃଖ
ମାଗି ମାଗି ପଥ ଭିକାରି ।

**ନିଜ ଜୀବନକୁ ଉତ୍ସର୍ଗ କରି ଦେଶ** ମୁକୁଳାଇବା କାମରେ ଝାସ ଦେଇଥିବା ସେହି ବୀର ପୁରୁଷଙ୍କ ବଳିଦାନକୁ ଥରେ ମନେ ପକାନ୍ତୁ ତ ! ସେମାନଙ୍କ ଠାରୁ କ'ଣ ଶିଖିଲେ ? ପ୍ରକୃତ ସୁଖ ଭୋଗରେ ନୁହେଁ ବରଂ ତ୍ୟାଗରେ ଥାଏ । ତେନ ତ୍ୟକ୍ତେନ ଭୁଞ୍ଜିଥା । ସେହିଭଳି ତ୍ୟାଗୀ ପୁରୁଷଙ୍କ ବନ୍ଦନା ଏ ଜାତି ସର୍ବଦା କରିଆସିଛି । ସେମାନଙ୍କ ପଦାଙ୍କ ଅନୁସରଣ କରିବା ତ ଆମର ପ୍ରଥମ ଓ ପ୍ରଧାନ କାମ । ସେଥିପାଇଁ କବି ଗୋବିନ୍ଦ ରଥ ଲେଖିଯାଇଛନ୍ତି ।

ସ୍ୱଜାତି ଉନ୍ନତି ଚିନ୍ତ ଦିନରାତି
ସାଧନେ ହୁଅ ତତ୍ପର
ସ୍ୱଦେଶ ଗୌରବ କରି ଅନୁଭବ
ଜନମ ସାର୍ଥକ କର ।

ସାର୍ଥକ ତା'ରି ଜନ୍ମହେବ, ଯିଏ ଆଳସ୍ୟ ଓ କର୍ମହୀନତା ଭଳି ସୁଖ ମରୀଚିକା ପଛରେ ନ ଗୋଡାଇ ସାଧନାଦୀପ୍ତ ଭାବେ କର୍ମ ପଥରେ ନିଜ ନାଁକୁ ଯୋଡି ରଖିବ । କର୍ମ ହିଁ ମଣିଷର ପରିଚୟ ଓ ଧର୍ମ । ଅକର୍ମ ବଂଶ ମର୍ଯ୍ୟାଦାରେ କଳଙ୍କ ବୋଳିଦିଏ । ଯୁଗ ଯୁଗ ଧରି କୁଳ ନାଁରେ ରହି ଆସିଥିବା ସୁନାମକୁ ମାଟିରେ ମିଶାଇ ଦିଏ । ସେଥି ପାଇଁ ତ ବ୍ୟାସ କବି ଫକୀରମୋହନ ସେନାପତି ଲେଖି ଯାଇଛନ୍ତି । ପୃଥିବୀ ତ ନୁହଁ ସୁଖ ସ୍ଥାନ, ଏ କେବଳ ସୁଖର ଶ୍ମଶାନ । ଇନ୍ଦ୍ରଧନୁ ସୁନ୍ଦର ଆକାଶେ, ଦୁଇ ଚାରି ମୁହୂର୍ତ୍ତ ସକାଶେ ।

ମୁକ୍ତିର ଆନନ୍ଦ ସତରେ କେତେ ଭଲ । ଏହି ମୁକ୍ତି ମଶାଲକୁ ଆମ ହାତକୁ ଟେକି ଦେଇଥିବା ପୂର୍ବପୁରୁଷଙ୍କ କଥା ଥରେ ସ୍ମରଣ କରନ୍ତୁ ତ । ସେମାନଙ୍କର ସେହି କଷ୍ଟ ଲବ୍ଧ ଭାରତ ଭୂଇଁକୁ ଉଦାସପଣ କି ଆଳସ୍ୟ କି ସ୍ୱାର୍ଥର ବଶବର୍ତ୍ତୀ ହୋଇ ପୁଣି ପରାଧୀନତାକୁ ବରଣ କରିବା କେତେ ସମୀଚୀନ । ଏହା ଦେଶଦ୍ରୋହ ଅପରାଧ ଠାରୁ କିଛି କମ୍ ନୁହେଁ । ଦୃଢ଼ ମାନସିକତା ଓ ଶକ୍ତ ସଂକଳ୍ପ ହିଁ ଆମକୁ ମହିମାମଣ୍ଡିତ କରି ରଖିବ ଏହା ନିଃସନ୍ଦେହ । ସେହିଭଳି ଆହ୍ୱାନଟିଏ ତ ଦେଇଥିଲେ

ଶ୍ରମ ସାରିଲେ ଯେଝାମତେ । ଚଳନ୍ତି ବୃକ୍ଷ ଥାଇ ପଥେ ॥

କବି ଅନନ୍ତ ପଟ୍ଟନାୟକ ।

ସୂର୍ଯ୍ୟ ସମ ଜଳିବି ମୁହିଁ ଜହ୍ନ ସମ ଉଠିବି ଝଳି
ପବନ ସମ ପୃଥ୍ୱୀ ଛୁଇଁ ପ୍ରାଣରୁ ପ୍ରାଣେ ଖେଳିବି ଢ଼ଳି ।

ଦେଶ ସେବାରେ ନିମଗ୍ନ ହେବା ସମସ୍ତଙ୍କ ଭାଗ୍ୟରେ ମିଳେ ନାହିଁ । ଦେଶସେବାକୁ ଯିଏ ବ୍ରତ ବୋଲି ଧରିନିଏ ବିଭୁ ଆଶିଷ ତ ତା'ରି ଉପରେ ଅଜାଡି ହୋଇପଡେ । ତା'ର ସବୁ ବେଡ଼ି ଖୋଲିଯାଏ । ନିଜକୁ ଆଉ ଅଗମ୍ୟ ପଥର ବେସାହାରା ପଥିକ ନ ଭାବି ପରାକ୍ରମଶାଳୀ କରି ଠିଆ କରେ । ଆମ ଭିତରେ ସେମିତି ମାନସିକତା ନେବାକୁ ହେବ । ଯେମିତି କୁନ୍ତଳାକୁମାରୀ ସାବତ ଲେଖିଛନ୍ତି;

ଉଠରେ ଓଡ଼ିଆ ହୁଅରେ ମଣିଷ
ମଣିଷ ମୁଣ୍ଡରେ ବିଧିର ଆଶିଷ
ମଣିଷ ହିସାବେ ପୂଜା ପାଅ ଭବେ
ନାଚି ଉଠୁ ରକ୍ତ ମଣିଷ ଗରବେ ।

ମାଟି ମାଆର ଡାକକୁ ଯିଏ ଶୁଣିପାରି ତା ମୋହରେ ବାନ୍ଧି ହୋଇପାରିଲା, ସେ ହିଁ ସୁପୁତ୍ର କୁଳନନ୍ଦନ । ଏଭଳି କୁଳନନ୍ଦନଙ୍କର ପୂଜା କରିବାର ବେଳ ଏବେ ଆସି ପହଞ୍ଚିଛି । ଭକ୍ତ କବି ମଧୁସୂଦନ ରାଓଙ୍କର ସେହି କାଳଜୟୀ ପଂକ୍ତିକୁ ସ୍ମରଣ କରି ଭାରତ ମାଆର ପାଦପୂଜାରେ ଲାଗିପଡିବା ।

ତୁହି ମା ଧରଣୀ ଜନନୀ ମୋହର
ଧରିଛୁ ମା' ମୋତେ କୋଳେ
ଲୋଟୁଅଛି ସିନ୍ଧୁ ଚରଣେ ତୋହର
ଆହା କି ଉଲ୍ଲାସ ଭୋଳେ ।

❀❀❀

## -: କବି ଓ ଲେଖକମାନଙ୍କୁ ନିବେଦନ :-

ପ୍ରିୟବନ୍ଧୁ ଓ ଭଗିନୀ !

ସାରସ୍ୱତ ଅଭିନନ୍ଦନ ଓ ଶୁଭେଚ୍ଛା । ଶିକ୍ଷାସୃଜନୀ ପରିବାରର ଅଭିନ୍ନ ଅଙ୍ଗ ଲେଖକଲେଖିକାମାନଙ୍କୁ ସାରସ୍ୱତ ଅଭିନନ୍ଦନ ଜଣାଉଛି । ଆପଣମାନଙ୍କ ସାରସ୍ୱତ ସାଧନାର ସ୍ୱୀକୃତି ସ୍ୱରୂପ ଶିକ୍ଷାସୃଜନୀ ପତ୍ରିକା ଆଜି ଓଡ଼ିଶାର ସର୍ବାଧିକ ପ୍ରସାରିତ ପତ୍ରିକା ହିସାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏବେ ଏବେ ଟେକ୍ନୋଲୋଜିର ବହୁଳ ବ୍ୟବହାର କାରଣରୁ ଆପଣମାନେ ଲେଖାଗୁଡ଼ିକୁ ଇ-ମେଲ ମାଧ୍ୟମରେ ପଠାଉଛନ୍ତି । ଏହା ସ୍ୱାଗତଯୋଗ୍ୟ, ମାତ୍ର ଲେଖାଗୁଡ଼ିକୁ ଇ-ମେଲ କରିବା ସମୟରେ ନିମ୍ନଲିଖିତ ବିନ୍ଦୁ ପ୍ରତି ଦୃଷ୍ଟି ଦେବାକୁ ବିନୀତ ଅନୁରୋଧ ।

୧) ଯଦି ଲେଖାଗୁଡ଼ିକୁ ଡି.ଟି.ପି. କରି ପଠାଉଛନ୍ତି ତେବେ ତାହାକୁ ଆକୃତି ଓଡ଼ିଆ ଶାରଳା ଫଣ୍ଟ ମାଧ୍ୟମରେ ଡି.ଟି.ପି. କରି ଓରିଜିନାଲ୍ ଫାଇଲ୍ ସହ ପଠାଇବେ ।

୨) ଯଦି ହାତ ଲେଖା ଇ-ମେଲ୍ /ୱାଟସ୍‌ଆପ୍ ମାଧ୍ୟମରେ ପଠାଉଛନ୍ତି ତେବେ ଡକ୍ ସ୍କାନରରେ ସ୍କାନ କରି ଇ-ମେଲ ମାଧ୍ୟମରେ ପଠାନ୍ତୁ ଅଥବା ମୋବାଇଲରେ ଯେକୌଣସି ସ୍କାନର ଆପ୍ ଲୋଡ଼ କରି ସେହି ଆପ୍‌ରେ ସ୍କାନ କରି ପଠାନ୍ତୁ ।

୩) ହାତ ଲେଖାକୁ ମୋବାଇଲ କ୍ୟାମେରାରେ ଫଟୋ ଉଠାଇ କେବେବି ଇ-ମେଲ୍ /ୱାଟସ୍‌ଆପ୍‌ରେ ପଠାନ୍ତୁ ନାହିଁ । ଏହା ପ୍ରକାଶ ପାଇଁ ଗ୍ରହଣଯୋଗ୍ୟ ହେବ ନାହିଁ ।

୪) ଯଦି କାଗଜରେ ହାତଲେଖା ପଠାଉଛନ୍ତି ତେବେ A4 କାଗଜରେ ଗୋଟିଏ ପାଖରେ ଲେଖି ପଠାନ୍ତୁ । ମାର୍ଜିନ୍ ରହିବା ଆବଶ୍ୟକ ।

ସମ୍ପାଦକ

**ଚିନ୍ତା ଚେତନା**

# ମାତୃଭାଷାରେ ସଂକଟ

*ଡ. ମୀନାକ୍ଷୀ ଦାସ*

ମାତୃଭାଷା ହେଉଛି ଗୋଟିଏ ଜାତିର ପ୍ରାଣସ୍ପନ୍ଦନ, ଜୀବନ ନାଟିକା ବା ଜୀବନ ବିନ୍ଦୁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଭାଷାରେ ସଙ୍କଟ ଉପୁଜିଲେ ତାହା ଜାତିର ସଂକଟ ବୋଲି ବିବେଚିତ ହୁଏ । ଦେଶପ୍ରେମ ଭଳି ଭାଷାପ୍ରେମ ଏକ ପ୍ରଚଣ୍ଡ ଶକ୍ତିଶାଳୀ ବେଗ, ଯାହାକି ମାନବର ପ୍ରତି ଶିରାପ୍ରଶିରାରେ ଅଣୁରେଣୁରେ ନିୟତ ପ୍ରବାହିତ ହେଉଥାଏ । ଭାଷା ଆଧାରରେ ଗଢ଼ିଉଠିଥିବା ସଂସ୍କୃତି ଓ ପରମ୍ପରା ପୁନର୍ଜୀବନ ପାଏ ଭାଷାର ସୁରକ୍ଷାରେ । ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷାର ସ୍ଥିତି ଓ ଉନ୍ନତି ଅବଶ୍ୟ ବିଚାରଣୀୟ ।

ଭାଷାସେବକ ହାତରେ ମାଇକ୍ କଣ୍ଠରେ ଗର୍ଜନ ତର୍ଜନର ପ୍ରକମ୍ପିତ ସ୍ୱର ସର୍ବଦା ଶୋଭାପାଏ ନାହିଁ । ଏହା ଅତ୍ୟଧିକ ହୋଇଗଲେ ତାହା ଲୋକଦେଖାଣିଆ ରାଜନୀତି ହୋଇଯାଏ । ଭାଷାସେବକ ଏକ ନୀରବ ସାଧକ ଭାଷା ପାଇଁ ସେ କରିଚାଲେ ଯାହା ସମ୍ଭବ । ପ୍ରତ୍ୟାଶା କିମ୍ବା ପଦପଦବୀର ଲୋଭ ସେଠାରେ ନ ଥାଏ । ଉତ୍ତର ପିଢ଼ିକୁ ସୁସଂହତ, ସୁସଂଗଠିତ କରିବା ନିମନ୍ତେ ଭାଷାର ଭୂମିକାକୁ ହୃଦୟଙ୍ଗମ କରି ସଚ୍ଚା ଭାଷାସେବକ ନିୟତ କର୍ମ କରୁଥାଏ । ଭାଷାର ଦୁର୍ଗତିରେ ସେ ଅସହାୟତା ଅନୁଭବ କରି ନୀରବରେ ଗୋଟିଏ କ୍ଷଣରେ ଅଶ୍ରୁସିଞ୍ଚନ କରେ ତ ପରକ୍ଷଣରେ ଦୁର୍ଦ୍ଧର୍ଷ ବୀର ପରି ନିରାକରଣ ପଥରେ ମାଡିଚାଲେ । ଭାଷାର ଆଘାତ ତାକୁ ମନେ ହୁଏ ଆତ୍ମିକ ଆଘାତ ପ୍ରାୟ । ସବୁକିଛିର ବିନିମୟରେ ସେ ଚାହେଁ ଭାଷିକ ସୁରକ୍ଷା, ଭାଷାର ପ୍ରସନ୍ନତା ବାଣୀ ସାଧକର କର୍ମ ବାଙ୍ମୟୀ ବାଗ୍‌ଦେବୀଙ୍କ କୃପାରେ ସଫଳତା ଲଭେ । ତା'ର ପ୍ରତ୍ୟେକଟି କର୍ମ ହୁଏ ମଞ୍ଜୁଳ, ହିରଣ୍ମୟ ଶବ୍ଦ ହୋଇଯାଏ ଶବ୍ଦବ୍ରହ୍ମ ଓଜନଦାର ଓ ଓଜସ୍ୱୀ ଭାଷଣରେ ସେ ଜନମନ ହରଣ କରିପାରିବାର ସାମର୍ଥ୍ୟ ଅର୍ଜନ କରେ । ତେବେ ମାତୃଭାଷାର ଅବଦାନ ବ୍ୟକ୍ତି ଜୀବନରେ ଦୁର୍ମୂଲ୍ୟ ଓ ଅନନ୍ୟ । ପରବର୍ତ୍ତୀ ସମୟରେ ବ୍ୟକ୍ତିଟିଏ ଯେତେ ଯାହା ସଂଖ୍ୟକ ଭାଷା ଶିଖୁନା କାହିଁକି ମାନସିକ ସ୍ତରରେ ପ୍ରଥମେ ମାତୃଭାଷାରେ ହିଁ ଚିନ୍ତନ କରିଥାଏ ଏବଂ ଅନ୍ୟ ଭାଷାରେ ପ୍ରକାଶ କରିବାକୁ ଯିବା ବେଳେ ସ୍ୱତଃ ଅନୁବାଦୀକରଣ ବା ରୂପାନ୍ତରଣ ହୋଇଥାଏ । ତେଣୁ ମାତୃଭାଷାକୁ ପ୍ରଥମ ଭାଷା ରୂପେ ଆଖ୍ୟାୟିତ କରାଯାଇଛି । ବାସ୍ତବ ଜୀବନକ୍ଷେତ୍ରରେ ବେଳେ ବେଳେ ଦେଖାଯାଏ ଗୋଟିଏ ମାଟ୍ରିକ ପରୀକ୍ଷାର୍ଥୀ ସାହିତ୍ୟରେ ଶୂନ ନମ୍ବର ରଖିଥିବା ବେଳେ ସଂସ୍କୃତରେ ତିରିଶିରୁ ଊର୍ଦ୍ଧ୍ୱ ନମ୍ବର ରଖିଥାନ୍ତି । ଇତିହାସ ଭୂଗୋଳରେ ମଧ୍ୟ ପାଞ୍ଚ ଆଠ ନମ୍ବର ପର୍ଯ୍ୟନ୍ତ ରଖିଥାନ୍ତି ଏହିପରି ଭଳିକିଭଳି କାରଣ ଆମ ରାଜ୍ୟରେ ସଂସ୍କୃତ ଉତ୍ତର ଓଡ଼ିଆ ଭାଷାରେ ହିଁ ଲେଖାଯାଏ ଯାହାଙ୍କ ଆମ ବୈଜ୍ଞାନିକ ଜାତୀୟ ଶିକ୍ଷାନୀତି ୨୦୧୯ ଆଧାରରେ ବିସ୍ମୟର କଥା ଏହି ଯେ ଓଡ଼ିଆରେ ଏକ ନମ୍ବର ରଖି ପାରୁନଥିବା ପିଲା ବା ଛାତ୍ରଟିଏ କିପରି ଓଡ଼ିଆ ନ ଜାଣି ସଂସ୍କୃତରେ ତିରିଶରୁ ଅଧିକ ରଖିପାରେ । ତାହା ଆମ ସଙ୍କୋଚତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରେ । ଆମେ ଅଯାଚିତ ଭାବରେ ଅନୈତିକ ନମ୍ବର ଦେଇ ଶିକ୍ଷାର୍ଥୀର କି ଉପକାର କରୁ ତାହା ପ୍ରତ୍ୟେକେ ନିଜକୁ ପଚାରିବା ଉଚିତ ।

ଏଠାରେ ପ୍ରଶ୍ନ ଉଠେ ଭାଷା କାହିଁକି ସଂକଟର ସମ୍ମୁଖୀନ ହୁଏ ? ସେଥିପାଇଁ କିଏ ? ଦାୟୀ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପ୍ରତ୍ୟେକ ମାତୃଭାଷୀର କର୍ତ୍ତବ୍ୟ କ'ଣ ?

ଖ୍ରୀ.ପୂ. ୨ୟ ଶତାବ୍ଦୀରେ ସମ୍ରାଟ ଅଶୋକଙ୍କ ଧଉଳି ଓ ନଉଗଡ ଶିଳାଲେଖରୁ ଏବଂ ଐର ସମ୍ରାଟ ଖାରବେଳଙ୍କ ଖଣ୍ଡଗିରି, ଉଦୟଗିରି ଶିଳାଲେଖରୁ ଓଡ଼ିଆ ଭାଷାର ପ୍ରାଚୀନତା ଜନିତ ପ୍ରମାଣ ମିଳେ ।

ଏହି ପ୍ରାଚୀନତା ଓ ଅନନ୍ୟ ମୌଳିକତା ଆଧାରରେ ଓଡ଼ିଆ ଭାଷାକୁ

**ବିନା ଗୋବିନ୍ଦ ଆଶ୍ରେ ତାର । ନାହିଁ କେବଣ ପ୍ରତିକାର ॥**

ଶାସ୍ତ୍ରୀୟ ଭାଷାରେ ମାନ୍ୟତା ପ୍ରାପ୍ତ ହୋଇଅଛି । ଓଡ଼ିଆ ଏକ ପ୍ରାଚୀନ ଭାଷା ହୋଇଥିଲେ ମଧ୍ୟ ଅଣଓଡ଼ିଆ ଏବଂ ବିଦେଶୀ ଭାଷାର ପ୍ରଭାବ ତଥା ଯୁବବର୍ଗର ସ୍ୱମାତୃଭାଷା ପ୍ରତି ଚରମ ନିଷ୍କ୍ରିୟତା ଆମ ଭାଷା ଓ ସଂସ୍କୃତିକୁ ବିପନ୍ନ କରିଛି । ମାତୃଭାଷାର ବହୁଳ ବ୍ୟବହାର ଦିଗରେ ପ୍ରଦର୍ଶିତ ଉଦାସୀନତା ଏହାର ଅନ୍ୟ ଏକ ପ୍ରମୁଖ କାରଣ ପାଲଟିଛି । ଅପରପକ୍ଷରେ ପ୍ରଥମ ଭାଷା ମାତୃଭାଷା ଓଡ଼ିଆ ଏବଂ ଦ୍ୱିତୀୟ ଭାଷା ଇଂରାଜୀ ବା ହିନ୍ଦୀ ମଧ୍ୟରେ ଥିବା ତାରତମ୍ୟ ବୟସ୍କ ଓ କ୍ଷମତାଧାରୀମାନେ ବୁଝି ନ ପାରିବା ଅନ୍ୟ ଏକ ବିଡ଼ମ୍ବନା ।

First language is acquired and the second language is learnt. Difference between their two words describes the qualities of two language. Second language learning is not natural. It needs continuous guidance and instruction. First language is like an instinct which is triggered by and developed with the experience of being exposed to it. Second language is a permanent choise of a person.

ଭାଷା ସଂକଟର ପ୍ରମୁଖ କାରଣ ଭାଷାର ମହତ୍ତ୍ୱ ବୁଝି ନ ପାରିବା ଯେତିକି ପରିମାଣରେ ଦାୟୀ ଭାଷା ପ୍ରତି ଉଦାସୀନତା, ଅନ୍ୟ ଭାଷା ନିକଟରେ ଦାସବତ ଆତ୍ମସମର୍ପଣ ତତୋଽଧିକ ତଥା ମାରାତ୍ମକ ଭାବରେ ଦାୟୀ । ୨୦୦୧ ଜନଗଣନାନୁସାରେ ପ୍ରତି ୧୦୦୦ ସଂଖ୍ୟକ ପୁରୁଷ ତୁଳନାରେ ମହିଳା ସଂଖ୍ୟା ୯୭୨ ଥିବା ବେଳେ ୨୦୧୧ରେ ତାହା ସାମାନ୍ୟ ବୃଦ୍ଧି ପାଇ ୯୭୯ରେ ପହଞ୍ଚିଛି ଆମ ରାଜ୍ୟ ଓଡିଶାରେ ପ୍ରୋକ୍ତ ତଥ୍ୟ ଉପସ୍ଥାପନର କାରଣ ଏହି ଯେ ଉଲ୍ଲିଖିତ ସଂଖ୍ୟା ଆତ୍ମ ପ୍ରଦର୍ଶନ କରୁଥିବା ବେଳେ କିଛି ସଂଖ୍ୟକ ପୁଅ ଅବିବାହିତ ରହିବା ସୂଚିତ କରୁଅଛି । କିନ୍ତୁ ବାସ୍ତବ କ୍ଷେତ୍ରରେ ଦେଖାଯାଉଛି ଯେ ଓଡିଆ ଭାଷୀ ଯୁବବର୍ଗ ଅଣଓଡିଆ ଓ ବିଦେଶୀମାନଙ୍କୁ ବିବାହ କରି ମାତୃଭୂମି ତଥା ମାତୃଭାଷା ଠାରୁ ଦୂରେଇ ଯାଉଥିବାରୁ ଏବେ ବହୁ ସଂଖ୍ୟକ ପୁରୁଷ ଓ ମହିଳା ଉଭୟ ଅବିବାହିତ ଜୀବନ ବିତାଇବାକୁ ବାଧ୍ୟ ହେଉଛନ୍ତି । ମାଲିକାଣୀ ଗୃହିଣୀଙ୍କର ଭାଷା ପରିବାରରେ ଆଧିପତ୍ୟ ବିସ୍ତାର କରୁଥିବାରୁ ଓଡ଼ିଆ ମାନେ ଆଉ ଓଡ଼ିଆରେ ଘରେ କଥାବାର୍ତ୍ତା କରୁନାହାନ୍ତି । ଫଳରେ ପିତୃଭାଷା ପିତାଙ୍କର ଲୋପ ପାଇ ମାଆର ଭାଷା ଅଣଓଡ଼ିଆରେ ଓଡ଼ିଆ ବଂଶଧରମାନେ କଥାବାର୍ତ୍ତା ଶିଖୁଛନ୍ତି ଓ କରୁଛନ୍ତି । ଫଳରେ ନାମକୁ ମାତ୍ର ଓଡ଼ିଆ ବୋଲି ପରିଚୟ ଦେଇ ବାହାସ୍ଫୋଟ ମାରୁଥିବା ଯୁବଜନତା ମାତୃଭାଷା ମାରଣର ଆଦ୍ୟକର୍ମକର୍ତ୍ତା ସାଜୁଛନ୍ତି । ଗଣନ କ୍ଷେତ୍ରରେ ଓଡ଼ିଆ ପରିବାର ରୂପେ ପରିଚିତ ହେଉଥିଲେ ହେଁ ବ୍ୟାବହାରିକ ତଥା ପ୍ରକୃତ କ୍ଷେତ୍ରରେ ସେମାନେ ଅଣଓଡ଼ିଆ ପରିବାରର ଭୂମିକା ନିର୍ବାହ କରି ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଅବକ୍ଷୟ ଘଟାଇଚାଲିଛନ୍ତି । ସଭ୍ୟତାର ଚକଚକ୍ୟରେ ବିମୋହିତ ହୋଇ ଆପଣା ସଂସ୍କୃତି ଓ ସଂସ୍କାର ପ୍ରତି ନାସିକା କୁଞ୍ଚନ କରିଚାଲିଛନ୍ତି । ସମୟ ଆସିଛି ଏହିଭଳି ପରିବାରଗୁଡିକୁ ଚିହ୍ନଟ କରି ତାଲିକାଭୁକ୍ତ କରି ଓଡ଼ିଆ ସଂସ୍କୃତିରୁ ଦୂରେଇ ରଖିବା ନିହାତି ଆବଶ୍ୟକ । ଏପରିକି ପୈତୃକ ସମ୍ପତ୍ତିଗତ ଅଧିକାରରୁ ବଞ୍ଚିତ କରିବା ଉଚିତ କେବଳ ସମ୍ପର୍କହୀନତା କାରଣରୁ

- ଜାତୀୟ ଶିକ୍ଷାନୀତିର ପ୍ରସ୍ତାବ ପ୍ରକାରେ ପ୍ରାଥମିକ ସ୍ତରରେ ପ୍ରଥମ ଶ୍ରେଣୀରେ ଶତକଡା ୪୦ ଭାଗ ମାତୃଭାଷାରେ ଗୁରୁତ୍ୱ ଦିଆଯିବା କଥା କିନ୍ତୁ କ୍ଷମତାଲିପସୁମାନଙ୍କର ଅହେତୁକ ଇଂରାଜୀ ଭାଷା ପ୍ରତି ମୋହର ପରିଣାମ ସ୍ୱରୂପ ପ୍ରଥମ ଶ୍ରେଣୀରୁ ଇଂରାଜୀ ଭାଷା ଶିକ୍ଷାର ପ୍ରବର୍ତ୍ତନ ଘୋଷିତ ହେଲାଣି । ଏହା ମାତୃଭାଷାର ବାଧକ ହୋଇ ଦଣ୍ଡାୟମାନ ହେବ । ଏଥିରେ ସନ୍ଦେହ ନାହିଁ ।

ଶୋକ ହରଷ ବେନି ପଥେ । ମିଳନ୍ତି କର୍ମର ଆୟତ୍ତେ ॥

ମାତୃଭାଷାରେ ଶିକ୍ଷାର୍ଥୀ ଶିଶୁର ଭତ୍ତିଭୂମି ଦୃଢ଼ ହେବା ସତ୍ତ୍ୱେ ଯେପରି ଅନାବଶ୍ୟକ ବରଂ ସେ ସବଜାନତା ହେଉ ।

ସାହିତ୍ୟରେ ଦଳବଦ୍ଧତା ପୃଷ୍ଠଧାବନ ଏକ ସାଂପ୍ରତିକ ସଂକଟ କେଉଁଠି ତେଲିଆ ମୁଣ୍ଡରେ ତେଲ ତ ଆଉ କେଉଁଠି ସନ୍ଦେହାସ୍ପଦ ଚୟନଧାରା ଓ ବ୍ୟକ୍ତିବିଶେଷ ।

ସାହିତ୍ୟିକର କୌଣସି ନିର୍ଦ୍ଦିଷ୍ଟ ପରିମାପକ ବା ମାନଦଣ୍ଡ ନ ଥିବାରୁ ଅଣସାହିତ୍ୟ, ଅନୁବାଦ ଯାହା ମୌଳିକ ନୁହେଁ ସବୁକିଛି ସାହିତ୍ୟ ପର୍ଯ୍ୟାୟଭୁକ୍ତ ଓ ସଭିଏଁ ରାତାରାତି ପ୍ରତିଷ୍ଠିତ । ତେଣୁ ମୂଲ୍ୟବୋଧଭିତ୍ତିକ ସାହିତ୍ୟର ଘୋର ଅଭାବ ପରିଦୃଷ୍ଟ ।

ବ୍ୟକ୍ତିଗତ ଜୀବନରେ ଏକତା, ଏକାଗ୍ରତା, ପାରସ୍ପରିକ ସହୃଦୟତା, ମାନବିକତାର ଅଭାବ ଓ ଅବକ୍ଷୟ ହେତୁ ମାନବବାଦର ଜୟଗାନ ପୂର୍ବକ ଆବେଗାତ୍ମକ ଲେଖାର ଘୋର ଅଭାବ ଅନୁଭୂତ ହୁଏ ।

ତରୁଣ ଲେଖକମାନଙ୍କୁ ଉପଯୁକ୍ତ ପ୍ରୋତ୍ସାହନ, ତାଲିମ୍ ପ୍ରଭୃତିର ସୁବିଧାସୁଯୋଗ ନ ଥିବା ଅନ୍ୟତମ କାରଣ । ଓଡ଼ିଆ ଭାଷାରେ ଉଚ୍ଚତର ଯୋଗ୍ୟତା ବା ଡିଗ୍ରୀ ନ ଥାଇ ଇଂରାଜୀ ଭାଷାକୁ ଆୟତ୍ତ କରି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ କିଛି ଲୋକଙ୍କ ଆସ୍ଥାନ ଜମାଇବା ବା ପତିଆରା ଦେଖାଇବା ଇଂରାଜୀ ଦୃଷ୍ଟିରେ ଓଡ଼ିଆ ଭାଷାକୁ ତଉଲିବା ଏକ ନିକୃଷ୍ଟକର୍ମ ।

ସରକାରୀ ଉଦ୍ୟମରେ ହେଉ ପଛକେ ବିଦ୍ୱାନମାନେ ଏକତ୍ର ହୋଇ ଓଡ଼ିଆରେ ବର୍ଣ୍ଣସଂଖ୍ୟା ଏ ଯାବତ୍ ନିର୍ଦ୍ଧାରଣ କରି ନ ପାରିବା ଏକମତରେ ଉପନୀତ ହୋଇ ନ ପାରିବା ଭାଷା ପ୍ରତି ଅସମ୍ମାନ ଅଟେ ।

ସର୍ବୋପରି ବିଦ୍ୱାନମାନଙ୍କର ଅହଂଶୂନ୍ୟତା ଏକାନ୍ତ କାମ୍ୟ ।

*ପୂର୍ବତନ ଓଡ଼ିଆ ଭାଷା ବିଶେଷଜ୍ଞ*
*ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା*

ସାଦର ପ୍ରଣାମ,

ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କଦ୍ୱାରା ପ୍ରକାଶିତ 'ଶିକ୍ଷାସୃଜନୀ' ପତ୍ରିକାର ଅଗଷ୍ଟ - ସେପ୍ଟେମ୍ବର ସଂଖ୍ୟା ପାଠ କରି ଆପଣମାନଙ୍କର ସୁଚିନ୍ତିତ ପ୍ରେରଣାଦାୟୀ ମୌଳିକ ଓ ଚେତନାଧର୍ମୀ ମତାମତ ଓ ପରାମର୍ଶ ନିମ୍ନ ଠିକଣାରେ ପତ୍ର/ଇ-ମେଲ /ହ୍ୱାଟସ୍ଆପ୍ (Letter / E-mail / Whatsapp)ମାଧ୍ୟମରେ ପ୍ରଦାନ ପୂର୍ବକ ପତ୍ରିକାଟିକୁ ସରସ, ସୁନ୍ଦର ଓ ବଳିଷ୍ଠ ତଥା ଆକର୍ଷଣୀୟ ପରିପାଟୀରେ ସୁଶୋଭିତ କରାଇବା ଦିଗରେ ସହଭାଗୀ ହେବା ପାଇଁ ବିନମ୍ର ନିବେଦନ ।

ସମ୍ପାଦକ

*ଯୋଗାଯୋଗ ଠିକଣା :-*

ଶିକ୍ଷାସୃଜନୀ
ଶିକ୍ଷା ବିକାଶ ସମିତି, ଓଡ଼ିଶା
ଇ-୫୯, ସେକ୍ଟର-ଏ, ଜୋନ୍-ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୭୫୧୦୧୦
Whatsapp No. :- 8895461378, 9437740566
E-Mail :- shikshasrujanee@gmail.com

ଅଧର୍ମ କୂଟସଭା ଯହିଁ । ପଣ୍ଡିତେ ନ ବସିବ ତହିଁ ॥

**ଗପ ଗଜରା**

# ଈଶ୍ୱର କେଉଁ ଠାରେ ଅଛନ୍ତି

*ଶ୍ରୀ ଅଜୟ ବେହେରା*

ଏକ ଅରଣ୍ୟରେ କୌଣସି ଜଣେ ଗୁରୁଙ୍କ ଆଶ୍ରମ ଥିଲା । ଉକ୍ତ ଆଶ୍ରମରେ ବହୁ ଶିଷ୍ୟ ଆସି ଅଧ୍ୟୟନ କରୁଥିଲେ । ଏକଦା ଗୁରୁ ଶିଷ୍ୟମାନଙ୍କୁ ଭଗବାନଙ୍କ ଅସ୍ତିତ୍ୱ ବିଷୟରେ କହୁଥିଲେ । ଗୁରୁଦେବ କହୁଥିଲେ ଈଶ୍ୱର ପୃଥିବୀ ତଥା ବ୍ରହ୍ମାଣ୍ଡର କୋଣ ଅନୁକୋଣରେ ପରିବ୍ୟାପ୍ତ । ସେ ହିଁ ଦିନ ରାତି କରାଉଛନ୍ତି ଏବଂ ସକଳ ସ୍ରଷ୍ଟାର ସୃଷ୍ଟିକର୍ତ୍ତା । ଠିକ୍ ସେହି ସମୟରେ ଏକ ଜିଜ୍ଞାସୁ ଶିଷ୍ୟ ଗୁରୁଙ୍କୁ ପଚାରିଲା ହେ ଗୁରୁଦେବ ଈଶ୍ୱର ତ ମନ୍ଦିରରେ ଅଛନ୍ତି ବୋଲି ବାଲ୍ୟକାଳେ ମାତା କହୁଥିଲେ । ଯାହାକୁ ଆମେ ପୂଜା କରିବାକୁ ଯାଉ । ଏହା ଶୁଣି ଗୁରୁଦେବ ଟିକିଏ ସ୍ମିତହାସ କରି କହିଲେ, ହେ ବତ୍ସ ଈଶ୍ୱର କୌଣସି ମନ୍ଦିରରେ ବା ମୂର୍ତ୍ତିରେ ବିରାଜମାନ ନ ଥାନ୍ତି, ଈଶ୍ୱର ତ ଭକ୍ତର ଭାବରେ ଥାଆନ୍ତି । ଭକ୍ତର ଭାବ ଯେଉଁଠାରେ ଥାଏ, ସେ ସେଠାରେ ଭଗବାନଙ୍କ ସତ୍ତାକୁ ଅନୁଭବ କରିଥାଏ । ଯଥାର୍ଥରେ କୁହାଯାଇଛି–

ନ କାଷ୍ଠେ ବିଦ୍ୟତେ ଦେବେ ନ ପାଷାଣେ ନ ମୃଣ୍ମୟେ ।
ଭାବେ ହି ବିଦ୍ୟତେ ଦେବୋ ତସ୍ମାତ୍ ଭାବୋ ହି କାରଣମ୍

ଅର୍ଥାତ ଭଗବାନ କୌଣସି କାଷ୍ଠରେ, ପାଷାଣ ଅଥବା ମୃର୍ତ୍ତିକା ଆଦି ମୂର୍ତ୍ତିରେ ନ ଥାନ୍ତି, ସେ ଭକ୍ତର ଭାବରେ ବିରାଜିଥାନ୍ତି । ଭକ୍ତ ତାଙ୍କୁ ଯେଉଁଠାରେ ଅନୁଭବ କରେ, ସେ ସେଥିରେ ପାଇଥାଏ । ଆହୁରି ମଧ୍ୟ ଭଗବାନ ସ୍ୱୟଂ ନାରଦଙ୍କୁ କହିଛନ୍ତି–

ନାହଂ ତିଷ୍ଠାମି ବୈକୁଣ୍ଠେ ଯୋଗିନାଂ ହୃଦୟେ ନ ଚ
ମଦ୍ ଭକ୍ତାଃ ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ ।

ଏହା ଶୁଣି ଶିଷ୍ୟର ତ କିଛି ମାତ୍ରାରେ ଶଙ୍କା ଦୂର ହେଲା, କିନ୍ତୁ ପୂର୍ଣ୍ଣମାତ୍ରାରେ ଗଲା ନାହିଁ । ସେ ଏକ ପ୍ରଶ୍ନ କଲା ଯଦି ଭଗବାନ ସର୍ବବ୍ୟାପୀ ତେବେ ସେ ଦେଖାଯାଉ ନାହାନ୍ତି କ'ଣ ପାଇଁ ?

ଏହା ଶୁଣି ଗୁରୁଦେବ କହିଲେ ହେ ବତ୍ସ ! ଉତ୍ତମ ପ୍ରଶ୍ନ ତୁମେ ଏକ କାମ କର ଏକ ପାତ୍ରରେ କିଛି କ୍ଷୀର ନେଇ ଆସ । ଶିଷ୍ୟଟି ଯାଇ କିଛି କ୍ଷଣ ପରେ ଏକ ପାତ୍ରରେ କ୍ଷୀର ଆଣି ଗୁରୁଦେବଙ୍କୁ ଅର୍ପଣ କଲା । ଗୁରୁଦେବ କହିଲେ ହେ ବତ୍ସ ଏହି ପାତ୍ରରେ କ'ଣ ଅଛି ? ଶିଷ୍ୟ ଉତ୍ତର ଦେଲେ କ୍ଷୀର ଗୁରୁଦେବ । ଗୁରୁଦେବ କହିଲେ କ୍ଷୀର ବ୍ୟତୀତ ଆଉ କ'ଣ ରହିଛି ? ଶିଷ୍ୟ କହିଲେ କିଛି ନାହିଁ । ତତକ୍ଷଣାତ୍ ଗୁରୁଦେବ ପ୍ରଶ୍ନ କଲେ କ'ଣ ଏଥିରେ ଦହି ନାହିଁ ? ଲବଣୀ ନାହିଁ ? ଘିଅ ନାହିଁ ? ଶିଷ୍ୟଟିର ନିରୁତ୍ତର ରହିବା ଦେଖି ତା'ପରେ ଗୁରୁଦେବ ବ୍ୟାଖ୍ୟା କରି କହିଲେ ଯେପରି ଏହି କ୍ଷୀରରେ ଦହି, ଲବଣୀ ଓ ଘିଅ ପରୋକ୍ଷ ରୂପରେ ଲୁକ୍କାୟିତ ହୋଇ ରହିଛି । ଏହାକୁ ପାଇବାକୁ ହେଲେ ଆମକୁ କ୍ଷୀରର ମନ୍ଥନ କରିବାକୁ ପଡିବ । ମନ୍ଥନ ଦ୍ୱାରା ହିଁ ଏଗୁଡିକୁ ପାଇପାରିବା, ଠିକ୍ ସେହିପରି ଭଗବାନଙ୍କ ସତ୍ତାକୁ ଅନୁଭବ କରିବାକୁ ହେଲେ ଆମକୁ ବେଦ ବେଦାନ୍ତରେ ଥିବା ଜ୍ଞାନକୁ ରୋମନ୍ଥନ କରିବାକୁ ପଡିବ । ତା ହେଲେ ଯାଇ ଆମେ ଭଗବାନଙ୍କ ଅସ୍ତିତ୍ୱକୁ ଅନୁଭବ କରିପାରିବା ।

ପୁଣି ଶିଷ୍ୟ ଅନ୍ୟ ଏକ ପ୍ରଶ୍ନ କଲା କ'ଣ ଏହି କଳିଯୁଗରେ ଭଗବାନଙ୍କୁ ଅନୁଭବ କରାଯାଇ ପାରିବ । ଭଗବାନଙ୍କୁ ପାଇପାରିବା ଏହା ଶୁଣି ଗୁରୁଦେବ କହିଲେ–

ରାମ କଥା କିତନେ ଲିଖେ ତୁଳସୀ ଜୈସା ମର୍ଯ୍ୟାଦା କହାଁ ।
ନରସିଂହ ବସେ ପ୍ରତିଖମ୍ଭନ ମେଁ କାଢ଼େ ନେ କୋ ପ୍ରହ୍ଲାଦ କହାଁ

ହେ ଶିଷ୍ୟ ଆଜି ବି ପ୍ରତି ଖମ୍ଭରେ ଭଗବାନ ବିରାଜମାନ କରିଛନ୍ତି । କିନ୍ତୁ ତାଙ୍କୁ ଖମ୍ଭମଧ୍ୟରୁ ବାହାର କରିବା ପାଇଁ ପ୍ରହ୍ଲାଦ ପରି ଯୋଗ୍ୟ ଭକ୍ତ ନାହାନ୍ତି । କିନ୍ତୁ ଭଗବାନ ତ ଆଜି ମଧ୍ୟ ରହିଛନ୍ତି ।

ଏହା ଶୁଣି ସମସ୍ତ ଶିଷ୍ୟ ସାଧୁ, ସାଧୁ କହି ସାନନ୍ଦରେ ଗୁରୁଙ୍କୁ ପ୍ରଣାମ କଲେ । ତେଣୁ ଭଗବାନ ସର୍ବବ୍ୟାପୀ, ସେ ସର୍ବତ୍ର ବିରାଜମାନ କରିଛନ୍ତି । ଆଉ ସେ ସବୁକିଛି କରୁଛନ୍ତି । ତାଙ୍କ ଆଜ୍ଞାରେ ସଂସାର ଚଳପ୍ରଚଳ ହେଉଛି । ତେଣୁ କୁହାଯାଇଛି – କର୍ତ୍ତୁମକର୍ତ୍ତୁମ୍ ଅନ୍ୟଥା କର୍ତ୍ତୁ ସମର୍ଥୋ ଈଶ୍ୱରଃ ।

*ଆଚାର୍ଯ୍ୟ*
*ସ.ଶି.ବି.ମ., ଲିଙ୍ଗେଶ୍ୱର ବିହାର, ମୂଳାପାଳ*

ସଭାର ଦୋଷ ଯେ ଜାଣନ୍ତି । ବିଉରି ପ୍ରବେଶ ନୁହନ୍ତି ॥

# କହ୍ନେଇ

*ସସ୍ମିତା ସାହୁ*

ଗୋପୀନାଥପୁର ଗାଁରେ ଚଉଡା ଦାଣ୍ଡରେ ଗୋପାଳ ନନା ଗାଈଗୋରୁ ମାନଙ୍କୁ ନେଇ ଫେରୁଥାଆନ୍ତି । ଗାଈମାନଙ୍କୁ ନେଇ ସେମାନଙ୍କର ମାଲିକମାନଙ୍କର ଦାଣ୍ଡଦୁଆରେ ଛାଡ଼ିଦେଲେ କାମ ସରିବ । ଗାଁ'ର ଶେଷ ମୁଣ୍ଡରେ ଗାଈ ମାନଙ୍କୁ ହାବୁଡେଇ ଗାଁ ମୁଣ୍ଡ ଆଡ଼କୁ ପହଞ୍ଚିଲେ । ଆଉ ଚାରିଟା ଘର ରହିଲା । ତା ପରେ ନିଜ ଗାଈମାନଙ୍କୁ ନେଇ ଘରକୁ ଯିବେ । ବାସୁଦେବ ପ୍ରଧାନ ଘରର ଦୁଇଟା ଗାଈ ଗୋଟିଏ ବାଛୁରୀ । ଗାଈମାନେ ଘର ଦେଖି ଡିଆଁମାରି ଘର ଆଡ଼େ ଚାଲିଗଲେ ହେଲେ ବାଛୁରୀ ? ଗୋପାଳ ନନା ଗୋଠରେ ନଜର ପକେଇଲେ ପଛକୁ ଯାଇ ଦେଖିଲେ କିନ୍ତୁ ବାଛୁରୀ କୋଉଠି ନାହିଁ । ବାସୁଦେବ ବି ବ୍ୟସ୍ତ । କଅଁଳ ବାଛୁରୀ ଗଲା କୁଆଡ଼େ ? ଗାଈମାନଙ୍କୁ ଘରେ ଛାଡ଼ି ଦେଇ ବାଛୁରୀ ଖୋଜିବା ପାଇଁ ଗୋପାଳ ନନା ଓ ବାସୁଦେବ ବାହାରିଗଲେ । ଗାଁ ସାରା ଖୋଜି ଖୋଜି, ଗାଁ ଶେଷ ମୁଣ୍ଡରେ ଥିବା ଘାସ ପଡ଼ିଆରେ ପହଞ୍ଚିବା ବେଳକୁ ଦେଖିଲେ । ବାଛୁରୀ ଲାଞ୍ଜ ଟେକି ପଡ଼ିଆ ଯାକ ଡିଆଁ ମାରୁଛି । ଯେମିତି କହ୍ନେଇର ନଜର ଏମାନଙ୍କ ଉପରେ ପଡିଲା, ସେମିତି ତୀର ପରି ଏମାନଙ୍କର ପାଖ ଦେଇ ଗାଁ ଭିତରକୁ ଦୌଡିଲା । କହ୍ନେଇ ପଛେ ପଛେ ବାଛୁରୀ ବି ଦୌଡିଲା । ଦୁହେଁ ଘର ଏରୁଣ୍ଡି ଡେଇଁବା ପରେ ଦମ୍ ନେଲେ । ବାସୁଦେବ ଘରେ ପହଞ୍ଚିବା ବେଳକୁ କହ୍ନେଇ ବାଛୁରୀକୁ ନେଇ ଗୁହାଳରେ ବାନ୍ଧୁଥାଏ । ବାସୁଦେବ ରାଗରେ କହ୍ନେଇ ବୋଲି ଡାକିବାରୁ ନିରୀହ ମୁହଁ କରି କହିଲା ବାପା, ଗୋପାଳ ନନା ବାଛୁରୀକୁ ପଡିଆରେ ଛାଡି ଆସିଥିଲେ । ମୁଁ ତାକୁ ଆଣିବାକୁ ଯାଇଥିଲି । ଧୋବଲି ବାଛୁରୀକୁ ପଚାରୁନ । କିନ୍ତୁ ସତଟା ଠିକ୍ ଏହାର ବିପରୀତ ଥିଲା । ଗୋପାଳ ନନା ସବୁ ଗାଈବାଛୁରୀକୁ ନେଇ ଆସିଥିଲେ । ଗାଁ ମଝି ଗଳି ପାଖରେ କହ୍ନେଇ ବାଛୁରୀକୁ ନେଇଯାଇଥିଲା । କହ୍ନେଇ ପିଲାବେଳୁ ଏମିତି ଦୁଷ୍ଟାମିରେ ସବୁବେଳେ ଆଗରେ । ବାସୁଦେବଙ୍କର ଚାରୋଟି ସନ୍ତାନ ଭିତରୁ କହ୍ନେଇ ସାନ । ସମସ୍ତଙ୍କର ଗେଲବସରରେ ଦୁଷ୍ଟାମି ବେଶ ବଢ଼ିଯାଇଥାଏ । କେତେବେଳେ କାହା ବାଡ଼ିରୁ କାକୁଡ଼ି ଭାଙ୍ଗି ଆଣିଲାଣି ତ ଆଉ କେବେ କାହାର ବାଡ଼ି ଭିତରକୁ ଛେଳି ଛାଡ଼ି ଦେଇଥିବ ପହଁରିବା ତାକୁ ଏତେ ପ୍ରିୟ ଯେ ଗାଁ ପିଲା ଦୁଇ ଚାରି ଜଣଙ୍କୁ ସାଙ୍ଗ କରି ନଈରେ ପହଁରିବା ପାଇଁ ଯିବ ଆଉ ଫେରିବ ତିନି ଚାରି ଘଣ୍ଟା ପରେ । ଘରଲୋକ ଖୋଜି ଖୋଜି ବ୍ୟସ୍ତ ହୋଇଯାଇଥିବେ କିନ୍ତୁ କହ୍ନେଇର ରୂପ ଦେଖି ରାଗ ସବୁ ଦୟାରେ ପାଲିଟି ଯାଏ । ପାଣିରେ ପଡିପଡି ଶ୍ୟାମଳ ବର୍ଣ୍ଣ ଶେତାଳିଆ ଦିଶୁଥିବ । ହାତ ଗୋଡ କେନ୍ଦା ପଡି ଥରଥର ହେଉଥିବ । ମଝି ସାହିର ରାଧୁଆ ଜେଜେ ତ ଦୁଷ୍ଟାମିର ବଡ ସାମଗ୍ରୀ । ଜେଜେଙ୍କର କାନକୁ କମ୍ ଶୁଣାଯାଏ । ବାସ୍ କେତେବେଳେ ତାଙ୍କୁ ଏପଟ ସେପଟ କଥା କହି ଚିଡେଇବ ତ ଆଉ କେବେ ତାଙ୍କ ବାଡ଼ିରେ ମାଙ୍କଡ ଛାଡ଼ିଦେବ । ରାଧୁଆକୁ ଚିଡେଇଲେ ତାକୁ ଏତେ ଖୁସି କାହିଁକି ଲାଗେ କେଜାଣି ?

ବାସୁଦେବ ପ୍ରଧାନ, ଗାଁର ସରପଞ୍ଚ ସ୍ଥାନୀୟ ଲୋକ । ଏଣୁ ଲୋକମାନେ କେବଳ କହ୍ନେଇ ବିଷୟରେ ଅଭିଯୋଗ ହିଁ କରନ୍ତି ।

ପାଠପଢ଼ାରେ କହ୍ନେଇ ଖରାପ ନୁହେଁ । ଏତେ ଦୁଷ୍ଟାମି ଭିତରେ ମଧ୍ୟ ସେ ଠିକଠାକ୍ ନମ୍ବର ରଖି ପାସ ହୋଇଯାଏ । ଦୁନିଆରେ କେବଳ ସେ ବାପାଙ୍କୁ ଡରେ ଓ ମାନେ । ବାପାଙ୍କ ଡରରେ ଯେଉଁ ଘଣ୍ଟେ ଦୁଇଘଣ୍ଟା ବହି ଧରେ, ସେଇଥିରେ ପରୀକ୍ଷା ପାର ହୋଇଯାଏ । ଯେମିତି ସେମିତି କରି ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ କହ୍ନେଇ କହିଲା ଯେ ସେ ଆଉ ପାଠ ପଢ଼ିବ ନାହିଁ । ବାପାଙ୍କ ସହ ବିଲକୁ ଯିବ । ପୁଅ ଏତେ କମ୍ ପାଠପଢ଼ି ଘରେ ରହି ଚାଷକାମ କରୁ ବୋଲି ବାସୁଦେବ ଚାହୁଁନଥିଲେ । ଚାଷ କାମରେ ପରିଶ୍ରମ ଅଧିକ କିନ୍ତୁ ପଇସା କମ୍ । କହ୍ନେଇକୁ କଲେଜରେ ଆଡମିଶନ ପାଇଁ କହିଲେ । ପ୍ରଥମେ ତ କହ୍ନେଇ ରାଜିହେଲା ନାହିଁ । ପରେ ବାପାଙ୍କର ରାଗ,

ଜାଣି ନ ଜାଣି ପକ୍ଷ ବହି । ନରକେ ପଡ଼ନ୍ତି ସେ ଯାଇ ॥

ପ୍ରତିଦିନ ଟ୍ରେନରେ ଯିବା ଓ ହାତଖର୍ଚ୍ଚ ମିଳିବା ଲୋଭରେ ରାଜି ହୋଇଗଲା । ପାଖ ସହରର ଏକ କଲେଜରେ ନାମ ଲେଖା ହେବା ପରେ, ଗାଁର ଆଉ ଦୁଇଜଣଙ୍କ ସହ କଲେଜ ଗଲା । କଲେଜ ଯିବା ପରେ କହ୍ନେଇର ବଦମାସୀ ଅଲଗା ଦିଗକୁ ଗତି କରିଲା । ଖରାପ ପିଲାଙ୍କ ସହ ମିଶିବାରୁ ବ୍ୟବହାରରେ ଖୁବ ପରିବର୍ତ୍ତନ ହେଲା । ବାପାଙ୍କ ପ୍ରତି ଡର କମିଗଲା । ବାସୁଦେବ ଚିନ୍ତାରେ ପଡ଼ିଗଲେ । ଏମିତି ଆଉ କିଛି ବର୍ଷ ଚାଲିଲେ କହ୍ନେଇ ଚୋର କି ଗୁଣ୍ଡା ହୋଇ ବାହାରିବ । ଗାଁ ଓ ଘରର ଇଜ୍ଜତ ନଷ୍ଟ କରିବ । ଜଣେ ଦୂର ସମ୍ପର୍କୀୟ ଭାଇଙ୍କର ପରାମର୍ଶ କ୍ରମେ କହ୍ନେଇକୁ ସୈନ୍ୟବିଭାଗରେ ଭର୍ତ୍ତି କରିବାର ନିଷ୍ପତ୍ତି ନେଲେ । କିଛି ନ ହେଲେ ବି ପିଲାଟି ଅନୁଶାସନ ଶିଖିଯିବ । କହ୍ନେଇ ଅରାଜି ହେଲା ନାହିଁ । ରଥଯାତ୍ରା ବେଳେ ତାଙ୍କ ସ୍କୁଲରେ ରହୁଥିବା ସୈନିକମାନଙ୍କୁ ଦେଖିଛି । ୟୁନିଫର୍ମରେ ବଢ଼ିଆ ଦେଖା ଯାଆନ୍ତି । ବନ୍ଧୁକ ବି ଧରିଥାନ୍ତି । ନିଜେ ରୋଜଗାର କଲେ ନିଜ ଇଚ୍ଛାରେ ଚଳିପାରିବ । ଘର ଠାରୁ ଦୂରରେ ରହିଲେ ଗାଳି ଶୁଣିବାକୁ ପଡ଼ିବନି । ଏମିତିରେ ବି ସୈନିକମାନେ ସୀମାରେ ଯୁଦ୍ଧ କରନ୍ତି ନାହିଁ । ଅଲଗା କାମ ମଧ କରନ୍ତି ।

ଚଷାପୁଅ, ଶ୍ୟାମଳ ବର୍ଣ୍ଣକୁ ସୁଗଠିତ ଶରୀର । ପିଲାବେଳୁ ପହଁରା ଓ ଦୌଡ଼ାଦୌଡ଼ିର ଅଭ୍ୟାସ ଥିବାରୁ ଶରୀର ଫୂର୍ତ୍ତି ଥାଏ । ଅଳ୍ପ ଦିନର ଅଭ୍ୟାସ ପରେ ଲିଖିତ ଏବଂ ଶାରୀରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଟ୍ରେନିଂ ପାଇଁ ଚାଲିଗଲା ।

ସୈନ୍ୟବିଭାଗର ଟ୍ରେନିଂ ଏତେ ଅନୁଶାସିତ ହୋଇଥାଏ ଯେ ଏଥିରେ ବ୍ୟକ୍ତିର ଜୀବନଶୈଳୀ ସହ ଚିନ୍ତାଧାରା ଉପରେ ମଧ ପ୍ରଭାବ ପକାଏ । ଯେଉଁଠି ସମସ୍ତ ପ୍ରକାରର ପ୍ରତିକୂଳ ପରିସ୍ଥିତି ପାଇଁ ଶରୀରକୁ ପ୍ରସ୍ତୁତି କରିବା ସହିତ ମନରେ ଦୟା, ସ୍ନେହ ଓ କର୍ତ୍ତବ୍ୟନିଷ୍ଠ ଭାବନାକୁ ପ୍ରଜ୍ୱଳିତ କରିଥାଏ । ଟ୍ରେନିଂ ସରିବା ପରେ କହ୍ନେଇର ପ୍ରଥମ ପୋଷ୍ଟିଂ କାଶ୍ମୀରରେ ହେଲା । ସମୁଦ୍ର ପାଖ ସମତଳ ଭୂମିରେ ବଢ଼ିଥିବା କହ୍ନେଇକୁ ବରଫାବୃତ ପାହାଡିଆ ଜାଗା ନୂତନ ଅନୁଭୂତି ଦେଲା । କେତେବେଳେ ଗାଈକି ଛେଳି ଗୋଠ ଦେଖିଲେ ପିଲାଦିନର କଥା ମନେ ପଡ଼ିଯାଏ । ଛୋଟ ପିଲାମାନଙ୍କୁ ସେମାନଙ୍କ ପଛରେ ଦଉଡୁଥିବାର ଦେଖିଲେ ଆଖିରେ ପାଣି ଆସିଯାଏ । ଇଚ୍ଛା ହୁଏ ପୁଣି ଛୋଟପିଲା ହୋଇଯିବା ପାଇଁ ।

ଏମିତି ଦିନସବୁ ଗଡ଼ିଯାଉଥାଏ ଆଉ ଗୋଟେ ମାସ ପରେ ପ୍ରଥମ ଛୁଟିରେ କହ୍ନେଇ ଘରକୁ ଯିବ । ବେଶ ଖୁସି ଥାଏ କିନ୍ତୁ ନିୟତିର ନିର୍ଦ୍ଦେଶ କିଛି ଭିନ୍ନ ଥିଲା ବୋଧ ହୁଏ । ଖବର ଆସିଲା ଯେ ପାଖ ଗାଁରେ ଚାରୋଟି ଆତଙ୍କବାଦୀ ଲୁଚିଛନ୍ତି । କହ୍ନେଇ ଏବଂ ତାର ସାଥୀମାନେ ବାହାରିଗଲେ ସର୍ଚ୍ଚ ଅପରେସନରେ । ଗୁଳି ବିନିମୟ ହେଲା । ଦୁଇପଟର ଘମାଘୋଟ ସଂଘର୍ଷ ପରେ ତିନୋଟି ଆତଙ୍କବାଦୀ ମରିଗଲେ । ଆଉ ଜଣେ ଗୁରୁତର ହେଲା । ପାଞ୍ଚଜଣ ଯବାନ ମଧ ଆହତ ହେଲେ । ଆହତଙ୍କ ଭିତରେ କହ୍ନେଇ ମଧ ଥିଲା । ଗୋଟେ ଗୁଳି କହ୍ନେଇର ଡାହାଣ ଗୋଡ଼ରେ ବାଜିଥାଏ । ଆଉ ଗୋଟେ କାନରେ ହାଲକା ବାଜି ଚାଲିଯାଇଥାଏ ।

ଦୁଇମାସ ଚିକିତ୍ସା ହେବା ପରେ କହ୍ନେଇ ଘରକୁ ଫେରିଲା । ସାହାସିକତା ପାଇଁ ଉଚିତ ସମ୍ମାନ ସହ ଆର୍ମିରୁ ଅବସର ମିଳିଲା । କାରଣ ତାର ଗୋଟାଏ କାନ ଶ୍ରବଣ ଶକ୍ତି ହରାଇଥିଲା ଏବଂ ବାଡ଼ି ସାହାଯ୍ୟରେ ଛୋଟେଇ ଛୋଟେଇ ଚାଲୁଥିଲା । ପୁଅର ଏମିତି ଅବସ୍ଥା ଦେଖି ବାସୁଦେବ ନିଜକୁ ଧିକ୍କାରୁ ଥାନ୍ତି । ଗାଁ ଲୋକ କିନ୍ତୁ ଗର୍ବରେ ସ୍ୱାଗତ କରୁଥାନ୍ତି । ଯେଉଁ କହ୍ନେଇ ବିଷୟରେ ସମସ୍ତେ ସବୁବେଳେ ଅଭିଯୋଗ କରୁଥିଲେ । ସେହି କହ୍ନେଇର ସମ୍ମାନ ପାଇଁ ଗାଁରେ ସମାରୋହ ଆୟୋଜନ ହେଲା । କହ୍ନେଇକୁ ଯେତେବେଳେ କିଛି କହିବା ପାଇଁ କୁହାଗଲା ସେତେବେଳେ ସମସ୍ତଙ୍କୁ ଧନ୍ୟବାନ ଦେବା ପରେ ଆଉ କିଛି କହିପାରିଲା ନାହିଁ । କଣ୍ଠରୁଦ୍ଧ ହେଇଗଲା । ବାସୁଦେବ ପ୍ରଧାନ ବି ନିଜ ଲୁହକୁ ସମ୍ଭାଳି ପାରୁନଥିଲେ ।

ତାତମାତାଙ୍କ ବୃଦ୍ଧକାଳେ । ନିଜ ଭାରିଯା ଶିଶୁ ମେଳେ ।।

ଏହି ସମାରୋହର ଠିକ୍ ପାଞ୍ଚବର୍ଷ ପରେ, ରାଜଧାନୀରେ ଏକ ବଡ ସମାରୋହ ହେଉଥାଏ । ମଞ୍ଚକୁ କହ୍ନେଇ ପ୍ରଧାନକୁ ଡକାଯିବାରୁ ବାଡ଼ି ସାହାଯ୍ୟରେ କହ୍ନେଇ ମଞ୍ଚ ଉପରକୁ ଗଲା । ମୁଖ୍ୟମନ୍ତ୍ରୀଙ୍କ ହାତରୁ ଦୁଇଟି ସମ୍ମାନ ନେବା ପରେ ଯେତେବେଳେ କିଛି କହିବା ପାଇଁ ମାଇକ୍ ଦିଆଗଲା, କହ୍ନେଇର ଆଖି ଲୁହରେ ଭର୍ତ୍ତି ହୋଇଯାଇଥିଲା । ମଞ୍ଚ ତଳେ ଠିଆ ହୋଇଥିବା ବାସୁଦେବ, ଗୋପାଳ ନନା ଓ ରାଧୁଆ ଜେଜେଙ୍କ ସହ ଗାଁରୁ ଆସିଥିବା ସମସ୍ତଙ୍କ ଆଖିରେ ଲୁହ ଥିଲା । ଏହା ସହ ଛାତିର ଗର୍ବ ଦୁଇଗୁଣା ହେଇ ଯାଉଥିଲା । କାରଣ କହ୍ନେଇକୁ ସଫଳ କୃଷକ ଓ ସମାଜସେବୀ ଭାବରେ ମୁଖ୍ୟମନ୍ତ୍ରୀଙ୍କ ହାତରୁ ଦୁଇଟି ସମ୍ମାନ ମିଳିଥାଏ ।

ଘରେ ରହି ଶାରୀରିକ ଭାବରେ ସୁସ୍ଥ ହେବା ପରେ, ସେ ଗୋପାଳନ ଓ ଛତୁଚାଷ ଆରମ୍ଭ କରିଲା । ଏହା ସହିତ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଏକ ଅନୁଷ୍ଠାନ ଗଢ଼ିଲା । ଧୀରେ ଧୀରେ ଗାଈମାନଙ୍କର ସଂଖ୍ୟା ବଢ଼ିଲା । ଚାଷ ବଢ଼ିଲା । ଏପଟେ ଭିନ୍ନକ୍ଷମ ସେବା କେନ୍ଦ୍ରରେ ଖାଇବା, ରହିବା ସହ ରୋଜଗାରର ବ୍ୟବସ୍ଥା ଥିବାରୁ ସେବାଶ୍ରମର ଖ୍ୟାତି ବଢ଼ିଲା । ନିଜର ଚେଷ୍ଟା ଏବଂ ନିଷ୍ଠା ବଳରେ ଆଜି ଏଇ ମଞ୍ଚ ପର୍ଯ୍ୟନ୍ତ ଆସିପାରିଲା ।

କହ୍ନେଇ ନିଜର ବାଷ୍ପରୁଦ୍ଧ କଣ୍ଠକୁ ସଫା କରି କହିଲା । ଲାଲ ବାହାଦୁର ଶାସ୍ତ୍ରୀ କହିଥିଲେ ଜୟ ଜବାନ, ଜୟ କିଷାନ । ମୁଁ ଜବାନ ହେଇ ଅଧିକ ଦିନ ଦେଶର ସେବା କରିପାରିଲି ନାହିଁ । ମୁଁ ଗୋଟେ ଚାଷୀର ପୁଅ । ଭାବିଲି ଚାଷ କରି ମାନବ ସେବା କରି ବାକି ରହିଯାଇଥିବା ଦେଶସେବା କରିବି । ପିଲାଦିନେ ବହୁତ ଦୁଷ୍ଟାମୀ କରୁଥିଲି । ସମସ୍ତଙ୍କୁ ହଇରାଣ କରିଛି । କିନ୍ତୁ ମୋ ଗାଁ ଲୋକ ମତେ କ୍ଷମା କରିଦେଇଛନ୍ତି । ସେମାନଙ୍କର ସ୍ନେହ ଓ ସାହାଯ୍ୟ ପାଇଁ ମୁଁ ଏତିକି କରିପାରିଛି । ମୋ ଗାଁ ମହାନ ଜୟ ହିନ୍ଦୁସ୍ଥାନ । ଏତିକି କହି ବାଡି ଧରି ମଞ୍ଚ ଉପରୁ ବିଦାୟ ନେଲା । ସଭାସ୍ଥଳ କରତାଳିରେ ପୂରି ଉଠିଲା ।

*ଥେଣ୍ଟପୁର, ବୀର ନରସିଂହପୁର, ପୁରୀ*

## ଏ ଯୁଗର ଆଦ୍ୟ ସ୍ରଷ୍ଟା

| | | | |
|---|---|---|---|
| ୧) | ଉଡ଼ାଜାହାଜ | - | ବାପୁଜୀ ତଳପଦ |
| ୨) | ଜ୍ୟାମିତି ଉପପାଦ୍ୟ | - | ବୋଧାୟନ |
| ୩) | ପୃଥିବୀର ମାଧ୍ୟାକର୍ଷଣ | - | ଭାସ୍କରାଚାର୍ଯ୍ୟ (୨ୟ) |
| ୪) | ବିଶ୍ୱର ବିଧି ପ୍ରଣେତା | - | ମହର୍ଷି ମନୁ |
| ୫) | କାବ୍ୟ ପ୍ରଣେତା | - | ବାଲ୍ମୀକି |
| ୬) | ପୁରାଣକାର | - | ବେଦବ୍ୟାସ |
| ୭) | ନାଟ୍ୟ ସ୍ରଷ୍ଟା | - | ଭରତ ମୁନି |
| ୮) | ଶୂନ୍ୟ ଦଶମିକ | - | ବ୍ରହ୍ମଗୁପ୍ତ |
| ୯) | ରସାୟନବିଦ୍ | - | ନାଗାର୍ଜୁନ |
| ୧୦) | ବିଦ୍ୟୁତ୍ ବିଦ୍ୟାବିଦ୍ | - | ଅଗସ୍ତି |
| ୧୧) | ଅଣୁବିଦ୍ | - | କଣାଦ |
| ୧୨) | ସ୍ଥାପତ୍ୟ କଳାବିଦ୍ | - | ବିଶ୍ୱକର୍ମା |
| ୧୩) | ବ୍ୟାକରଣ ଓ ଧ୍ୱନିବିଦ୍ | - | ପାଣିନି |
| ୧୪) | ଅର୍ଥଶାସ୍ତ୍ର ବିଦ୍ | - | ଚାଣକ୍ୟ |
| ୧୫) | ଶଲ୍ୟ ଚିକିତ୍ସାବିଦ୍ | - | ସୁଶ୍ରୁତ |
| ୧୬) | ଅଶ୍ୱ ଚିକିତ୍ସାବିଦ୍ | - | ସୁଶ୍ରୁତ |
| ୧୭) | ଭେଷଜ ବିଦ୍ | - | ଧନ୍ୱନ୍ତରୀ |
| ୧୮) | କୃଷି ବିଦ୍ୟାବିଦ୍ | - | ବରାହମିହିର |
| ୧୯) | ଉଦ୍ଭିଦ ବିଜ୍ଞାନୀ | - | ଋଷି ପରାଶର |
| ୨୦) | ଆକାଶ ବିଦ୍ୟାବିଦ୍ | - | ଆର୍ଯଭଟ୍ଟ |
| ୨୧) | ବସ୍ତୁ ବିଜ୍ଞାନୀ | - | ଋଷି ଗୃତ୍ସମଦ |
| ୨୨) | ବିମାନ ବିଦ୍ୟାବିଦ୍ | - | ଭରଦ୍ୱାଜ |
| ୨୩) | ଧାତୁ ବିଜ୍ଞାନୀ ଓ ଚିକିତ୍ସା ବିଦ୍ | - | ଚରକ |
| ୨୪) | ଯୋଗ ଶାସ୍ତ୍ର ବିଦ୍ | - | ପତଞ୍ଜଳି |

ଗୋରୁ ବ୍ରାହ୍ମଣ ଗୁରୁଜନ । ଏହାଙ୍କୁ ନ ଦେଇ ଭୋଜନ ॥

ଆମ ପରମ୍ପରା

# ଉତ୍କଳୀୟ ପରମ୍ପରାରେ ସୁନିଆ

✱ ଶ୍ରୀ ଧରଣୀଧର ଦାସ

ଉତ୍କଳୀୟ ସଂସ୍କୃତିର ମୂଳାଧାର ତା'ର ରୀତି ଓ ନୀତି, ଚାହାଣି ଓ ଚଳଣି, ଈଶ୍ୱର ଭକ୍ତି ଓ ଆଧ୍ୟାତ୍ମିକତା । ନୈତିକତା ଓ ମାନବିକତା, ଏହାର ସୃଷ୍ଟିର ମୂଳ ଆଦର୍ଶ । ଏଥିପାଇଁ ଏଠି ପାଳିତ ହୁଏ କେତେ ପର୍ବପର୍ବାଣୀ, ଓଷା, ଯାନିଯାତ୍ରା ଓ ଉତ୍ସବମହୋତ୍ସବ । ମାନବୀୟ ସହୃଦୟତା, ଭାତୃତ୍ୱ, ମୈତ୍ରୀ ଓ ଐକ୍ୟ ଭାବର ପ୍ରତିଷ୍ଠା ଏହାର ଉଦ୍ଦେଶ୍ୟ । ରାଜାପ୍ରଜା, ଧନୀଦରିଦ୍ର, ଉଚ୍ଚନୀଚ, ବ୍ରାହ୍ମଣଚଣ୍ଡାଳ ଭେଦରେ ଏହା ସମାନ ରୂପରେ ଗୃହୀତ ଓ ପାଳିତ । ତେବେ ଉତ୍କଳୀୟ ସଂସ୍କୃତିରୁ ଓଡ଼ିଆର ଜାତୀୟ ଦେବତା ଜଗନ୍ନାଥ ଓଡ଼ିଆ ସଂସ୍କୃତିର କେନ୍ଦ୍ରବିନ୍ଦୁ । ଜଗତର ନାଥ ଜଗନ୍ନାଥଙ୍କୁ ବାଦ ଦେଇ ସମ୍ଭବତଃ ଏ ସଂସ୍କୃତିର ଆକଳନ ଅସମ୍ଭବ । ଜଗନ୍ନାଥ ଓଡିଆ ସଂସ୍କୃତିର କର୍ଣ୍ଣଧାର, ଓଡିଆ ଜାତିର ନେତା । ପୁରୀର ଗଜପତି ମହାରାଜା ତାଙ୍କର ପ୍ରତିନିଧି, ଚଳନ୍ତି ପ୍ରତିମା । ଜଗନ୍ନାଥ ଓଡ଼ିଶାର ମହାସାମନ୍ତ, ପରୋକ୍ଷ ଶାସକ । ତେଣୁ ଓଡ଼ିଶାର ଅଧିକାଂଶ ସାଂସ୍କୃତିକ ଉତ୍ସବ ଜଗନ୍ନାଥ କେନ୍ଦ୍ରିତ ସେହି ଉତ୍ସବମାନଙ୍କ ମଧ୍ୟରୁ ସୁନିଆ ଏକ ଗୁରୁତ୍ୱପୂର୍ଣ୍ଣ ତଥା ପ୍ରାଚୀନ ପର୍ବ ।

ସୁନିଆ ଓଡ଼ିଶାର ପ୍ରାଶାସନିକ ନବବର୍ଷ । ଅର୍ଥାତ୍ ଶାସକୀୟ ବର୍ଷର ପ୍ରଥମ ଦିନ । ଜଗନ୍ନାଥ ଓ ପୁରୀର ଗଜପତି ମହରାଜଙ୍କୁ କେନ୍ଦ୍ର କରି ଏହା ପ୍ରତିବର୍ଷ ପରମ୍ପରା କ୍ରମେ ପାଳିତ ହୁଏ । ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳ ଦ୍ୱାଦଶୀ ତିଥି ଦିନ ଜଗନ୍ନାଥଙ୍କ ସାମ୍ରାଜ୍ୟରେ ସର୍ବତ୍ର ଏହି ପର୍ବ ମହାସମାରୋହରେ ପାଳିତ ହେବାର ବିଧି ଅଛି । ପରମ୍ପରା ଅନୁସାରେ ସୁନିଆ ଦିନ ପୁରୀର ରାଜବାଟୀରେ ରାଜାଙ୍କ ମସ୍ତକରେ ସ୍ୱର୍ଣ୍ଣମୁଦ୍ରା ଲାଗି ହୁଏ । ପରିବାରର ସେବକ ସତେଇଶିଟି ବିଭିନ୍ନ ଦେବ ଦେବୀଙ୍କ ଛବି ତଥା ନୂତନ ଅଙ୍କ ମୁଦ୍ରିତ ସ୍ୱର୍ଣ୍ଣ ମୁଦ୍ରା ମହାରାଜାଙ୍କୁ ଦିଅନ୍ତି । ମହାରାଜା ରାଜଗୁରୁଙ୍କୁ ସେହି ମୁଦ୍ରା ଗୁଡିକ ଦେଇଥାନ୍ତି । ରାଜଗୁରୁ ବରୁଣ ପୂଜା, ନୃସିଂହ ପୂଜା ସମ୍ପୂର୍ଣ୍ଣ କରି ସାରିବା ପରେ ମହାରାଜାଙ୍କ ମସ୍ତକରେ ସେଗୁଡିକୁ ଲାଗି କରନ୍ତି । ଏହି ଦିନ ଠାରୁ ରାଜାଙ୍କର ନୂତନ ଅଙ୍କ ବା ନବ ବର୍ଷ ଆରମ୍ଭ ହୁଏ । ସ୍ୱର୍ଣ୍ଣ ମୋହରର ଆକୃତିରୁ ସେହି ବର୍ଷର ଶୁଭାଶୁଭ ନିର୍ଦ୍ଧାରଣ କରାଯାଏ । ସୁନା ମୋହର ସହ ସୁନିଆ ଶବ୍ଦର ସମ୍ପର୍କ ଅଛି ବୋଲି କେତେକ ମତ ଦିଅନ୍ତି । ଆଉ କେତେକ ସୁନିଆ ଶବ୍ଦରୁ ଶୁଭ ଅର୍ଥରେ ବା ଶୁଭ ଆଗମନ ସନ ବା ବର୍ଷ ଭାବେ ଗ୍ରହଣ କରନ୍ତି ।

ସୁନିଆ ପର୍ବର ଭିନ୍ନ ଏକ ଗୁରୁତ୍ୱ ହେଉଛି ଏହି ଦିନ ବାମନଙ୍କ ଜନ୍ମଦିନ ରୂପେ ପାଳିତ ହୁଏ । ମହାବଳୀ ରାକ୍ଷସ ରାଜା ବଳୀଙ୍କର ସମସ୍ତ ଅହଂକାରକୁ ପଦଦଳିତ କରିବା ଉଦ୍ଦେଶ୍ୟରେ ଭଗବାନ ବିଷ୍ଣୁ ପଂଚମ ଅବତାରରେ ବାମନ ରୂପରେ ଧରାବତରଣ କରିଥିଲେ । ତିନି ଗୋଟି ପାଦରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡକୁ ଆୟତ୍ତ କରି ସ୍ୱୟଂ ଭଗବାନ ନିଜ ଶକ୍ତିର ଚରମ ପରାକାଷ୍ଠା ପ୍ରଦର୍ଶନ କରାଇବା ସଙ୍ଗେ ସଙ୍ଗେ ସମସ୍ତ ଜଗତବାସୀଙ୍କୁ ଚକିତ ଓ ବିମୁଗ୍ଧ କରିଥିଲେ । ଏହିଦିନ ଗଜପତି ରାଜାମାନେ ନୂତନ ବର୍ଷର ଶୁଭ ସଂକେତକୁ ସ୍ମୃତିରେ ରଖି ଓ ତ୍ରିବିକ୍ରମ ବାମନଙ୍କ ପରାକ୍ରମକୁ ପାଥେୟ କରି ଦିଗ୍‌ବିଜୟରେ ବାହାରୁଥିଲେ ।

ଏତଦ୍‌ବ୍ୟତୀତ ଆଷାଢ଼ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ସମୟ ଅବଧି ଚତୁର୍ମାସ୍ୟା ନାମରେ ଅଭିହିତ । ପୁରାଣ ବର୍ଣ୍ଣିତ ଗାଥା ଅନୁସାରେ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ଶ୍ରୀହରି ଶୟନ କରନ୍ତି ଏବଂ କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ଉତ୍‌ଥାନ ବା ନିଦ୍ରାତ୍ୟାଗ କରନ୍ତି । ଭାଦ୍ରବ ଶୁକ୍ଳ ଏକାଦଶୀ ଦିନ ଶ୍ରୀହରି ପାର୍ଶ୍ୱ ପରିବର୍ତନ କରନ୍ତି ଅର୍ଥାତ ନିଦ୍ରାରୁ ଉଠିବା ପାଇଁ ପ୍ରସ୍ତୁତ ହୁଅନ୍ତି । ଏହି ଦିନଟି ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ନାମରେ ଅଭିହିତ । ଏହି ପାର୍ଶ୍ୱ ପରିବର୍ତ୍ତନ ପରେ ଦେବ ଉତ୍‌ଥାନର ବ୍ରାହ୍ମ ମୁହୂର୍ତ୍ତକୁ କଳ୍ପନା କରି ଭାଦ୍ରବ ଶୁକ୍ଳ ଦ୍ୱାଦଶୀକୁ ସୁନିଆ ବା ଉତ୍କଳର ନବବର୍ଷ ଭାବେ ପାଳନ କରାଯାଏ ।

ସୁନିଆ ଦିନ ବ୍ୟାବସାୟିକ ଅନୁଷ୍ଠାନମାନଙ୍କରେ ନୂତନ

ଖାତାରମ୍ଭ ଓ ପୂଜୋତ୍ସବ ଅନୁଷ୍ଠିତ ହୋଇଥାଏ । ରାଜାପ୍ରଜା, ଜମିଦାର, ରୟତ, ମହାଜନ, ଖାତକ, ଦୋକାନୀଗରାଖ ଆଦି ମଧ୍ୟରେ ଥିବା ସମ୍ବନ୍ଧକୁ ଅଧିକ ଘନିଷ୍ଠ ଓ ନିବିଡ଼ କରି ଗଢ଼ିତୋଳିବା ପାଇଁ ସମ୍ଭବତଃ ଏହା ପ୍ରଚଳିତ । ଉତ୍କଳୀୟ ରାଜତନ୍ତ୍ରରେ ପ୍ରଜାନୁରଞ୍ଜନର ଏହା ଏକ ଅଦ୍ଭୁତ ପର୍ବର ନିଦର୍ଶନ । ଏହି ଦିନ ପ୍ରଜାଗଣ ରାଜା ଓ ଜମିଦାରଙ୍କୁ ଭେଟି ବା ଉପହାର ଦେଇ ଶାସକ ଓ ଶାସିତର ସମ୍ବନ୍ଧକୁ ଅଧିକ ନିକଟତର କରିବା ସହିତ ରାଜା ଓ ଜମିଦାରମାନେ ପ୍ରଜାମାନଙ୍କୁ ଭୋଜିଭାତ ଦେଇ ଆପ୍ୟାୟିତ କରୁଥିଲେ ।

ସୁନିଆ ପର୍ବର ସବୁଠାରୁ ବିଶେଷତା ହେଉଛି ନବବର୍ଷ ଗଣନା ଓ ତା'ର ପ୍ରଚଳନ । ସମଗ୍ର ଭାରତ ବର୍ଷରେ ବର୍ଷ ଗଣନାର ବହୁବିଧ ପଦ୍ଧତି ଓ ପରମ୍ପରା ଯୋଡି ହୋଇ ରହିଛି । ସେଗୁଡ଼ିକ ମଧ୍ୟରେ ଏବେ ପ୍ରଚଳିତ ସୃଷ୍ଟିର ଆଦ୍ୟ ଦିବସରୁ ସୃଷ୍ଟାବ୍ଦ - ୧୯୫୫୮୮୫୧୨୨, ଶକରାଜା ଶାଳିବାହାନଙ୍କ ଦ୍ୱାରା ପ୍ରଚଳିତ ଶକାବ୍ଦ - ୧୯୪୩, ବିକ୍ରମାଦିତ୍ୟଙ୍କ ଦ୍ୱାରା ପ୍ରଚଳିତ ବିକ୍ରମ ସମ୍ବତ ବା ବିକ୍ରମାବ୍ଦ - ୨୦୭୮, ଶ୍ୱେତବରାହକଳ୍ପାସ୍ୟାତୀତାବ୍ଦ - ୧୯୭୨୯୪୯୧୨୦, ଭାଶ୍ୱତୀ ଗ୍ରନ୍ଥାବ୍ଦ ବା କରଣାବ୍ଦ - ୧୫୨, ଶାସ୍ତ୍ରାବ୍ଦ -୯୨୨, ଇଂରେଜାବ୍ଦ - ୨୦୨୧, ତଥା ଓଡ଼ିଶାର ସ୍ୱତନ୍ତ୍ର ବୈଶାଖ ମେଷ ସଂକ୍ରାନ୍ତିକୁ ଓଡ଼ିଆ ମାନଙ୍କର ନୂଆ ବର୍ଷ ଭାବେ ପାଳନ କରୁଥିବା ବେଳେ ସୁନିଆ ଭଳି ଉତ୍କଳର ନୂତନ ବର୍ଷ ଗଣନା ପରମ୍ପରା ନିଆରା । ସବୁ କାଳ ଗଣନା ଠାରୁ ଏହାର ଗଣନା ପଦ୍ଧତି ତଥା ବିଧି ସ୍ୱତନ୍ତ୍ର । ଏଠାରେ ସ୍ମରଣ କରାଯାଇପାରେ, ଉତ୍କଳୀୟ ନୂଆ ବର୍ଷ ବା ସୁନିଆର କାଳ ଗଣନା ଅଙ୍କ ନାମରେ ପରିଚିତ । ଏହି ଅଙ୍କ ଗଣନା ପୁରୀର ଠାକୁର ରାଜା ତଥା ଶ୍ରୀ ଶ୍ରୀ ଗଜପତି ଗୌଡେଶ୍ୱର ନବ କୋଟି କର୍ଣ୍ଣାଟ କଳବର୍ଗେଶ୍ୱର ଶାସନ କାଳକୁ ବୁଝାଏ । ପୁରୀ ଠାକୁର ରାଜାଙ୍କର ବଂଶାନୁକ୍ରମ ନାମକରଣରେ ମଧ୍ୟ ବିଶେଷତ୍ୱ ରହିଛି । ଭୋଇ ବଂଶ ଗଜପତି ରାଜା ରାମଚନ୍ଦ୍ର ଦେବ ଅଭିନବ ଇନ୍ଦ୍ରଦ୍ୟୁମ୍ନ ୧୫୬୯-୧୬୦୦ ଖ୍ରୀଷ୍ଟାବ୍ଦ ଠାରୁ ଗଜପତି ବିକ୍ରମ କେଶରୀ ଦେବ ୧୭୩୬-୧୭୯୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ନାମରେ ନାମିତ ହେଉଥିଲେ କିନ୍ତୁ ଗଜପତି ଦିବ୍ୟସିଂହ ଦେବ ୨ୟ ୧୭୯୩ ଖ୍ରୀଷ୍ଟାବ୍ଦ ଠାରୁ ଗଜପତି ରାଜାମାନେ ଚାରୋଟି ନାମରେ ଯଥାକ୍ରମେ ଦିବ୍ୟସିଂହ ଦେବ, ମୁକୁନ୍ଦ ଦେବ, ରାମଚନ୍ଦ୍ର ଦେବ, ବୀରକିଶୋର ଦେବ ନାମରେ ନାମିତ ହୋଇ ଆସୁଛନ୍ତି । ଏହି ଚାରୋଟି ନାମ ପର୍ଯ୍ୟାୟ କ୍ରମେ ରାଜାମାନଙ୍କୁ ପ୍ରଦତ୍ତ ହୋଇ ଆସୁଅଛି । ଓଡ଼ିଆ ମାନଙ୍କର ଜନ୍ମ ଜାତକରେ ପ୍ରଚଳିତ ସନ୍ ବା ସାଲ, ରାଜାଙ୍କ ଅଙ୍କ ଓ ରାଜତ୍ୱରେ ଥିବା ରାଜାଙ୍କ ନାମ ଏହି ନାମ ମଧ୍ୟରୁ ଏକ ନାମ ଶ୍ରୀ ଶ୍ରୀ ଗଜପତି ଗୌଡେଶ୍ୱର ନବ କୋଟି କର୍ଣ୍ଣାଟ କଳବର୍ଗେଶ୍ୱର ଉପାଧି ସହ ଯୋଡି ହୋଇ ଆଦ୍ୟରେ ଲିଖିତ ଥାଏ ।

ପୁଣି ମଧ୍ୟ ବିସ୍ମୟର କଥା ଗଜପତି ରାଜାମାନଙ୍କର ରାଜତ୍ୱର ଅଙ୍କ ଗଣନା ମଧ୍ୟ ନିଆରା । ସାଧାରଣ ଭାବେ ଗଜପତି ରାଜାମାନଙ୍କ ଅଙ୍କ ଗଣନା ବେଳେ ୧୦ ବ୍ୟତୀତ ଏକକ ସ୍ଥାନରେ ଶୂନ ଥିବା ଆଉ ସମସ୍ତ ଅଙ୍କ ଯଥା ୨୦,୩୦,୪୦,୫୦..... ଆଦି ଏବଂ ଏକକ ସ୍ଥାନରେ ୬ ଥିବା ସମସ୍ତ ଅଙ୍କ ବାଦ ଦେଇ ପ୍ରଥମ ବର୍ଷଟିକୁ ଦୁଇ ଅଙ୍କରୁ ଆରମ୍ଭ କରାଯାଏ ।

| ଯଥା - ରାଜାଙ୍କ ରାଜତ୍ୱ ବର୍ଷ | ରାଜତ୍ୱ ଅଙ୍କ |
|---|---|
| ୧ମ ବର୍ଷ | ୨ ଅଙ୍କ |
| ୨ୟ ବର୍ଷ | ୩ ଅଙ୍କ |
| ୩ୟ ବର୍ଷ | ୪ ଅଙ୍କ |
| ୪ର୍ଥ ବର୍ଷ | ୫ ଅଙ୍କ |
| ୫ମ ବର୍ଷ | ୭ ଅଙ୍କ |
| ୬ଷ୍ଠ ବର୍ଷ | ୮ ଅଙ୍କ |
| ୭ମ ବର୍ଷ | ୯ ଅଙ୍କ |
| ୮ମ ବର୍ଷ | ୧୦ ଅଙ୍କ |
| ୯ମ ବର୍ଷ | ୧୧ ଅଙ୍କ |
| ୧୦ମ ବର୍ଷ | ୧୨ ଅଙ୍କ |
| ୧୧ଶ ବର୍ଷ | ୧୩ ଅଙ୍କ |
| ୧୨ଶ ବର୍ଷ | ୧୪ ଅଙ୍କ |

ସାଧୁଙ୍କୁ ଦିଏ ଯେ କଷଣ । ତାକୁ ସଂହାରେ ନାରାୟଣ ॥

| | |
|---|---|
| ୧୩ଶ ବର୍ଷ | ୧୫ ଅଙ୍କ |
| ୧୪ଶ ବର୍ଷ | ୧୭ ଅଙ୍କ |
| ୧୫ଶ ବର୍ଷ | ୧୮ ଅଙ୍କ |
| ୧୬ଶ ବର୍ଷ | ୧୯ ଅଙ୍କ |
| ୧୭ଶ ବର୍ଷ | ୨୧ ଅଙ୍କ |

ତଦନୁସାରେ ବର୍ତ୍ତମାନ ପୁରୀ ଗଜପତି ରାଜା ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବଙ୍କର ଇଂରେଜାବ୍ଦ ୨୦୨୧ ମସିହାରେ ରାଜତ୍ୱର ୫୧ ବର୍ଷରେ ୬୩ ଅଙ୍କ ଚାଲିଛି । ଆସନ୍ତା ସୁନିଆ ଠାରୁ ରାଜତ୍ୱର ୫୨ ବର୍ଷରେ ୬୪ ଅଙ୍କ ହେବ ଏବଂ ଏହି ସୁନିଆ ଠାରୁ ସନ ୧୪୨୯ ସାଲ ଆରମ୍ଭ ହେବ । ଏଥିରୁ ଜଣାଯାଏ ରାଜାଙ୍କର ରାଜତ୍ୱ କରିଥିବା ପ୍ରକୃତ ବର୍ଷ ଠାରୁ ଅଙ୍କ ଗଣନାର ବର୍ଷ କିଛିଟା ଅଧିକ ହୋଇଯାଏ ।

ପୁରୀ ଗଜପତିଙ୍କ ଅଙ୍କ ଗଣନାର ଆଉ ଗୋଟିଏ ବିଶେଷତା ମଧ୍ୟ ଦେଖିବାକୁ ମିଳେ । ଯଦି ସୁନିଆ ପୂର୍ବରୁ ଜଣେ ଗଜପତିଙ୍କର ମୃତ୍ୟୁ ହୁଏ, ସେ ବଂଚି ଥିବା ବେଳେ ଯେଉଁ ଅଙ୍କ ଚାଲିଥାଏ, ତା'ର ପରବର୍ତ୍ତୀ ସଂଖ୍ୟାର ଏକକ ଅଙ୍କ ଯଦି ୬ କିମ୍ବା ୧୦ ଭିନ୍ନ ଅନ୍ୟ ସଂଖ୍ୟାର ଶୂନ ଆସେ । ତେବେ ନୂତନ ଗଜପତିଙ୍କର ମଧ୍ୟ ମୃତ ଗଜପତିଙ୍କ ସେହି ଅଙ୍କ ଚାଲେ । ସୁନିଆ ପରେ ଶାସନରେ ୨ୟ ଅଙ୍କ ନ ହୋଇ ୩ୟ ଅଙ୍କ ଗଣାଯାଏ । ଉଦାହରଣ ସ୍ୱରୂପ, ଗଜପତି ମୁକୁନ୍ଦଦେବ ୩ୟଙ୍କର ସୁନିଆ ପୂର୍ବରୁ ୧୯୨୬ ମସିହା ଫେବୃୟାରୀ ମାସ ୧୪ ତାରିଖ ମୃତ୍ୟୁ ହେଲା । ସେତେବେଳେ ତାଙ୍କର ଶାସନର ୫୫ଅଙ୍କ ଚାଲିଥିଲା । ଗଜପତି ମୁକୁନ୍ଦଦେବ ବଂଚି ଥିଲେ ସୁନିଆ ଠାରୁ ତାଙ୍କର ୫୬ ଅଙ୍କ ନ ହୋଇ ୫୭ ଅଙ୍କ ଚାଲିଥାନ୍ତା । କିନ୍ତୁ ଗଜପତି ମୁକୁନ୍ଦଦେବଙ୍କ ମୃତ୍ୟୁ ଯୋଗୁଁ ଉକ୍ତ ଦିନ ଗଜପତି ରାମଚନ୍ଦ୍ର ଦେବ ୪ର୍ଥ ରାଜା ହେଲେ । ସୁନିଆ ପର୍ଯ୍ୟନ୍ତ ତାଙ୍କର ସେହି ୫୫ ଅଙ୍କ ଗଣା ଗଲା । ସୁନିଆ ଠାରୁ ଗଜପତି ରାମଚନ୍ଦ୍ର ଦେବ ୪ର୍ଥଙ୍କର ଶାସନର ପ୍ରଥମ ବର୍ଷ ୨ ଅଙ୍କ ନ ହୋଇ ୩ ଅଙ୍କ ଗଣାଗଲା ।

ସେହିପରି ଗଜପତି ରାମଚନ୍ଦ୍ର ଦେବ ୪ର୍ଥ ୧୯୫୬ ମସିହା ନଭେମ୍ବର ୧୫ ତାରିଖରେ ଦେହତ୍ୟାଗ କଲେ, ସେତେବେଳେ ତାଙ୍କର ୩୯ ଅଙ୍କ ଚାଲିଥିଲା । ସେ ବଂଚିଥିଲେ ସୁନିଆ ଠାରୁ ତାଙ୍କର ଶାସନର ୪୦ ଅଙ୍କ ନ ହୋଇ ୪୧ ଅଙ୍କ ହୋଇଥାନ୍ତା । ସେତେବେଳେ ବୀରକିଶୋର ଦେବ ୩ୟ ଗଜପତି ହେଲେ । ସୁନିଆ ପର୍ଯ୍ୟନ୍ତ ୩୯ ଅଙ୍କ ଚାଲିଲା । ସୁନିଆ ଠାରୁ ଗଜପତି ବୀର କିଶୋର ଦେବ ୩ୟଙ୍କର ଶାସନର ୨ ଅଙ୍କ ନ ହୋଇ ୩ ଅଙ୍କ ଚାଲିଲା ।

ଆଜିର ଯୁଗରେ ଆମ ସଂସ୍କୃତି, ଐତିହ୍ୟ, ପରମ୍ପରାର ବହୁ ଗୁରୁତ୍ୱପୂର୍ଣ୍ଣ ବିଧି ବ୍ୟବସ୍ଥାକୁ ପାଶୋରି ବସିଛୁ । ପାଶ୍ଚାତ୍ୟ ସଭ୍ୟତାର ଅନ୍ଧାନୁକରଣ କରି ଆମ ମାଟି, ଆମ ସଂସ୍କୃତି, ଆମ ଐତିହ୍ୟ, ଆମ ପରମ୍ପରା, ଆମ ଅତୀତକୁ ଆମେ ପାଶୋରି ଦେଉଛୁ । ଏହା ଦ୍ୱାରା ସତରେ କ'ଣ ଆମ ସଂସ୍କୃତି ପରମ୍ପରା ପ୍ରଗତି ତଥା ଉନ୍ନତି ହୋଇପାରିବ, ଆମେ କ'ଣ ଗର୍ବରେ କହିପାରିବା ଆମେ ଓଡ଼ିଆ । ପ୍ରଭୁ ଜଗନ୍ନାଥ ଆମ ବଡ଼ ଠାକୁର, ଆମ ଜନ୍ମ ଜାତକ ସହ ଯୋଡ଼ି ହୋଇଥିବା ଆମ ଠାକୁର ରାଜା ଗଜପତି ମହାରାଜ ଆମ ଓଡିଶାର ଗର୍ବ ଓ ଗୌରବ । ଏଗୁଡିକୁ ପାଶୋରି ଦେବା ଦ୍ୱାରା ସତରେ କ'ଣ ପ୍ରଗତି ଓ ଉନ୍ନତି ସମ୍ଭବ ? ସମ୍ଭବତଃ ନୁହେଁ । କାରଣ ଆମର ଧାରଣା, ବିଶ୍ୱାସ, ରୀତି, ନୀତି, ପାରିପାର୍ଶ୍ୱିକ ପରିବେଶ, ଭୌଗୋଳିକ ସ୍ଥିତାବସ୍ଥା, ଆମର ପର୍ବପର୍ବାଣି ଓ ଓଷାବ୍ରତ ଆଦିକୁ ଆଧାର କରି ଗଢ଼ି ଉଠିଛି ଆମ ମାଟିର ସଂସ୍କୃତି । ଏ ମାଟିକୁ ଭଲ ପାଇଲେ, ଏ ସଂସ୍କୃତିକୁ ଭଲ ପାଇଲେ, ତାର ଐତିହ୍ୟକୁ ସ୍ମରଣ କଲେ ଏହାର ପ୍ରଗତି ଓ ଉନ୍ନତି ହିଁ ସମ୍ଭବ । ଆସନ୍ତୁ ଆମେ ଫେରିଯିବା ଆମର ସେହି ହଜାର ବର୍ଷର ବାପା ଅଜା ଅମଳର ପ୍ରାଚୀନ ସ୍ମୃତି ଆଡ଼କୁ । ଯେଉଁଠି ପାଇବା ଆମ ଗତିମୁକ୍ତିର ଶ୍ରେଷ୍ଠ ସମାଧାନ । ଆମ ପରମ୍ପରାକୁ ପୁଣି ଫେରିଆସୁ ପଣା ସଂକ୍ରାନ୍ତି, ସୁନିଆ ଭଳି ଦିନ ସବୁ, ଏଭଳି ସ୍ୱତନ୍ତ୍ର କାଳ ଗଣନାର ପର୍ବକୁ । ଗୌରବୋଜ୍ଜ୍ୱଳ ହେଉ ଆମର ଉତ୍କଳୀୟ ସଂସ୍କୃତି ଓ ପରମ୍ପରା ।

*ସହପ୍ରାନ୍ତ ପ୍ରମୁଖ, ଶିକ୍ଷାସୃଜନୀ*

**ଜୀବନ ମୂଲ୍ୟ**

# ଧ୍ୟାନ ଯୋଗ ଦ୍ୱାରା ପରମତତ୍ତ୍ୱର ଅନୁଭବ

*✸ ଶ୍ରୀ ନରେନ୍ଦ୍ରକୁମାର ରାଉଳ*

ଏହି ଜଗତର ମୂଳ କାରଣ ବ୍ରହ୍ମ କେଉଁ ରୂପରେ ଅଛନ୍ତି ? ଆମେ କାହା ଠାରୁ ଉତ୍ପନ୍ନ ? ଆମେ କାହା ଦ୍ୱାରା ଜୀବିତ ରହୁ ? ଆମେ କେଉଁ ଠାରେ ପ୍ରତିଷ୍ଠିତ ? ଆମେ କାହାର ପ୍ରେରଣା ଦ୍ୱାରା ସୁଖଦୁଃଖ ଅନୁଭବ କରି ସଂସାରଚକ୍ର ବ୍ୟବସ୍ଥାରେ ଭ୍ରମଣ କରୁଛୁ ? ଏହିଭଳି ପ୍ରଶ୍ନର ଉତ୍ତରରେ ବ୍ରହ୍ମବେତ୍ତା ଋଷିମାନେ କହନ୍ତି – କାଳ, ସ୍ୱଭାବ, ସୁନିଶ୍ଚିତ କର୍ମଫଳ ବ୍ୟବସ୍ଥା, ଆକସ୍ମିକ ଘଟଣା, ପଞ୍ଚ ମହାଭୂତ ଓ ଜୀବାତ୍ମା ଏସବୁ ଏହି ଜଗତର କାରଣଭୂତ ତତ୍ତ୍ୱ କି ନୁହେଁ ଏ ବିଷୟରେ ସର୍ବଦା ବିଚାର କରିବା ଉଚିତ । ଏ ସବୁର ସମୁଦାୟ ମଧ୍ୟ ଏହି ଜଗତର କାରଣ ହୋଇ ନ ପାରେ, କାରଣ ଏ ସବୁ ଆତ୍ମାର ଅଧୀନ । ଆତ୍ମା ମଧ୍ୟ କାରଣ ନୁହେଁ । କାରଣ ଏହା ସୁଖଦୁଃଖର କାରଣ ଭୂତ କର୍ମଫଳ ବ୍ୟବସ୍ଥାର ଅଧୀନ ।

ଧ୍ୟାନ ଯୋଗ ଦ୍ୱାରା ବ୍ରହ୍ମବେତ୍ତା ଋଷିମାନେ ସେହି ପରମତତ୍ତ୍ୱକୁ ଅନୁଭବ କରିଛନ୍ତି ଓ ନିଜ ଗୁଣ ଦ୍ୱାରା ଆଚ୍ଛାଦିତ ବ୍ରହ୍ମସ୍ୱରୂପ ଆତ୍ମଶକ୍ତିର ସାକ୍ଷାତକାର କରିଛନ୍ତି । ବ୍ରହ୍ମ ହିଁ କାଳ, ସ୍ୱଭାବ, କର୍ମଫଳ ବ୍ୟବସ୍ଥା ଆଦି ଠାରୁ ଆରମ୍ଭ କରି ଆତ୍ମା ପର୍ଯ୍ୟନ୍ତ ସମସ୍ତ କାରଣର ଏକମାତ୍ର ଅଧିଷ୍ଠାତା । ସମସ୍ତଙ୍କ ପୋଷଣର ଆଧାର ରୂପ, ସମସ୍ତଙ୍କ ଆଶ୍ରୟ ରୂପ । ବିସ୍ତୃତ ବ୍ରହ୍ମଚକ୍ର ବ୍ୟବସ୍ଥାରେ ଜୀବ ଭ୍ରମଣ କରୁଥାଏ । ଏହି ଚକ୍ରରୁ ପୃଥକ୍ ହୋଇ ଯେତେବେଳେ ଏହି ଆତ୍ମା ପ୍ରେରକ ପରମାତ୍ମାଙ୍କୁ ସେବା ଦ୍ୱାରା ସନ୍ତୁଷ୍ଟ କରେ, ସେତେବେଳେ ତାହା ଅମୃତତ୍ୱ ଲାଭ କରେ । ନଶ୍ୱର ଜଗତ ଓ ଅନଶ୍ୱର ଚେତନାର ସଂଯୋଗରେ ନିର୍ମିତ ଏହି ସଂପୂର୍ଣ୍ଣ ବ୍ୟକ୍ତ ଓ ଅବ୍ୟକ୍ତ ବିଶ୍ୱର ପୋଷଣ ପରମାତ୍ମା କରନ୍ତି । ଜୀବାତ୍ମା ସାଂସାରିକ ବିଷୟର ଭୋକ୍ତା ହେବା କାରଣରୁ ତହିଁରେ ବାନ୍ଧି ହୁଏ । କିନ୍ତୁ ପରମବ୍ରହ୍ମଙ୍କ ବିଷୟରେ ଜ୍ଞାନ ହେବା ପରେ ତାହା ସବୁ ବନ୍ଧନରୁ ମୁକ୍ତ ହୋଇଯାଏ ।

ନିଜ ଭିତରେ ଅଧିଷ୍ଠିତ ସେହି ପରମାତ୍ମା ତତ୍ତ୍ୱକୁ ଜାଣିବା ଉଚିତ, କାରଣ ଏହା ଅପେକ୍ଷା ଅଧିକ ଶ୍ରେଷ୍ଠ ଜାଣିବା ଯୋଗ୍ୟ ତତ୍ତ୍ୱ ଆଉ କିଛି ନାହିଁ । ଭୋକ୍ତା ଜୀବାତ୍ମା ଭୋଗ୍ୟ ଜଡ଼ ପ୍ରକୃତି ଓ ପରମାତ୍ମା ଏହି ତିନି ତତ୍ତ୍ୱକୁ ଯେଉଁ ମନୁଷ୍ୟ ଜାଣିପାରେ, ସେ ସବୁକିଛି ଜାଣିପାରେ । ତିନି ଭେଦରେ ବର୍ଣ୍ଣିତ ଏହି ସବୁ ତତ୍ତ୍ୱ ବସ୍ତୁତଃ ଏକ ହିଁ ବ୍ରହ୍ମଙ୍କ ରୂପ ।

ତିଳରେ ତେଲ, ଦହିରେ ଘିଅ, ସ୍ରୋତରେ ଜଳ ଓ କାଷ୍ଠରେ ଅଗ୍ନି ଆଦି ତତ୍ତ୍ୱ ଯେପରି ଲୁଚି ରହିଥାଏ । ସେହିପରି ପରମାତ୍ମା ଆମ ଅନ୍ତଃକରଣରେ ଲୁଚି ରହିଛନ୍ତି । ଯେଉଁ ସାଧକ ପରମାତ୍ମାଙ୍କୁ ସତ୍ୟ ତଥା ତପ ଦ୍ୱାରା ମନନପୂର୍ବକ ଦେଖନ୍ତି, ପରମାତ୍ମା ସେହି ସାଧକଙ୍କ ଦ୍ୱାରା ଗ୍ରହଣ କରାଯାଇଥାନ୍ତି । ସାଧକ ଦୁଗ୍ଧରେ ନିହିତ ଘୃତ ଭଳି ଆତ୍ମାରେ ସ୍ଥିତ ଯେଉଁ ପରମାତ୍ମାଙ୍କ ତତ୍ତ୍ୱକୁ ଆତ୍ମବିଦ୍ୟା ଏବଂ ତପ ଆଧାରରେ ପ୍ରାପ୍ତ କରେ, ସେ ଉପନିଷଦ୍ ବର୍ଣ୍ଣିତ ପରମ ତତ୍ତ୍ୱ ବ୍ରହ୍ମ ହିଁ ଅଟନ୍ତି ।

ଠାକୁର ଅଭିରାମ ପରମହଂସ ସେହି ପରମବ୍ରହ୍ମଙ୍କୁ ନିଜର ଅନୁଭବୀ ଲେଖନୀରେ ଭକ୍ତି ନୈବେଦ୍ୟ ଜଣାଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରି ଲେଖିଛନ୍ତି –

ଜୀବବ୍ରହ୍ମ ଜଣାଉଛି — ପରଂବ୍ରହ୍ମ ପାଦାବ୍ଜରେ
ଯେତେ ଉଚ୍ଚ ହେଲେ ଜୀବ — ଥାଏ ତୋ ପଦ ରଜରେ ॥
ତୋଠାରେ ଅଭେଦ ମୋର — ଥାଏ ମୁଁ ସଦା ଭେଦର
ଚିନ୍ତା ବିହୀନେ ଭଜଇ — କୃପଣ ନୁହଁ କୃପାରେ ॥
କେ କହୁଛି ତତ୍ତ୍ୱମସି — କେ କହେ ଅହଂ ବ୍ରହ୍ମୋଽସ୍ମି
ଏ ଶବ୍ଦ ଯଦି ବା ମୁହିଁ — ସର୍ବଦା ତୁମ୍ଭ ମୁଠାରେ ॥
ତୁ ଅଟୁ ମହା ଦହନ — ମୁହିଁ କଣିକା ସମାନ
କଣିକା କି ହେବ ବହ୍ନି — ରୋଷ କରୁଛ କା' ଠାରେ ॥
ଆପଣ ଅଟ ସରିତ — ମୁହିଁ ଜଳକଣା ମାତ୍ର
ଜଳ ଛଡ଼ା ଅନ୍ୟ କିଛି — କେବେ କି ମୁଁ ହୋଇପାରେ ?
ତୁ ଅଟୁ ବିଭୁ ଚୈତନ୍ୟ — ମୁଁ ଅଟେ ଅଣୁ ଚୈତନ୍ୟ
ଏଣୁ ମୁଁ ଆବଦ୍ଧ ଅଛି — ସର୍ବଦା ଅପରା ଘରେ ॥

*ପ୍ରାନ୍ତ ପ୍ରଶିକ୍ଷଣ ସଂଯୋଜକ,*
*ଶି.ବି.ସ. ଓଡ଼ିଶା*

**ଯାବତ ଥାଇ ଅର୍ଥ ଲାଭ । ତାବତ ଥାଇ ପ୍ରିୟଭାବ ॥**

**ଆମ ମହାପୁରୁଷ**

# ପ୍ରକୃତି କବି ଗଙ୍ଗାଧରଙ୍କ ଜୀବନୀ

ଶ୍ରୀ ଦେବରାଜ ତ୍ରିପାଠୀ

ତା୦୯.୦୮.୧୮୬୨ ପବିତ୍ର ଶ୍ରାବଣ ପୂର୍ଣ୍ଣିମା ତିଥିରେ ଓଡ଼ିଆ ସାହିତ୍ୟାକାଶରେ ଯେଉଁ ଉଜ୍ଜ୍ୱଳ ନକ୍ଷତ୍ର ଆବିର୍ଭାବ ହୋଇ ତାଙ୍କ ଅମର ଲେଖନୀରେ କବିତାର ପବିତ୍ର ଗଙ୍ଗାଧାରାକୁ ସ୍ରାବିତ କରିଥିଲେ ସେ ହେଉଛନ୍ତି ସ୍ୱଭାବ କବି ବା ପ୍ରକୃତି କବି ଗଙ୍ଗାଧର ମେହେର ।

ପଶ୍ଚିମ ଓଡ଼ିଶାର ତତ୍‌କାଳୀନ ଅବିଭକ୍ତ ସମ୍ବଲପୁର ବା ଆଧୁନିକ ବରଗଡ ଜିଲ୍ଲା ଅନ୍ତର୍ଗତ ବରପାଲିରେ ଏହି ବରେଣ୍ୟ ସାରସ୍ୱତ କବି ପ୍ରତିଭା ଏକ ସାଧାରଣ ତନ୍ତୀ (ଭୁଲିଆ) ପରିବାରରେ ଜନ୍ମଲାଭ କରିଥିଲେ । ପିତା ଚୈତନ୍ୟ ମେହେର ଓ ମାତା ସେବତୀଙ୍କର ସୁସନ୍ତାନ ଥିଲେ । ମାତ୍ର ଛଅ ବର୍ଷ ବୟସରେ ସେ ଗାଁ ଚଟଶାଳୀରେ ପ୍ରବିଷ୍ଟ ହୋଇଥିଲେ ଓ ଭାଗବତ ପାଠ କିଛି ଛାନ୍ଦ ମଥୁରା ମଙ୍ଗଳ ଆବୃତ୍ତି ଓ ୨୫ ଖନ୍ଦା ପଣିକିଆ ପର୍ଯ୍ୟନ୍ତ ସେ ପଢ଼ିଥିଲେ । ପରବର୍ତ୍ତୀ ସମୟରେ ସେ ବରପାଲି ବ୍ରାଞ୍ଚ ସ୍କୁଲରେ ଅଧ୍ୟୟନ କରି ପ୍ରତି ଛଅ ମାସରେ ଗୋଟିଏ ଲେଖାଏଁ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପୂର୍ବକ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିପାରିଥିଲେ ।

ପିତାଙ୍କ ଆର୍ଥିକ ଅସ୍ୱଚ୍ଛଳତାକୁ ହୃଦୟଙ୍ଗମ କରି କବି ଗଙ୍ଗାଧର ମେହେର ଦ୍ୱିତୀୟ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିତାଙ୍କୁ ଗୋଟିଏ ଓଳି ବସ୍ତ୍ରବୟନରେ ସହାୟତା ସହ ନିଜସ୍ୱ ଉଦ୍ୟମରେ ସହାଧାୟୀ ମାନଙ୍କ ଠାରୁ ପୁସ୍ତକ ମାଗିଆଣି ଓ ତାକୁ ପଢ଼ିସାରି ଠିକ୍ ସମୟରେ ପ୍ରତ୍ୟର୍ପଣ କରୁଥିଲେ । ସର୍ବୋପରି ବରପାଲି ମଧ୍ୟ ଭର୍ଣ୍ଣାକୁଲରର ହେଡ ପଣ୍ଡିତ ଘନଶ୍ୟାମ ମିଶ୍ରଙ୍କ ସାନିଧ ତଥା ସୌଜନ୍ୟ ଲାଭ କରି ବାହାରିଆ ପାଠ ଭାବେ ଷଷ୍ଠ ଶ୍ରେଣୀର ପାଠ ରଘୁବଂଶ, କ୍ଷେତ୍ରତତ୍ତ୍ୱ, ବୀଜଗଣିତ ଆଦି ପଢ଼ିବା ସହ ସାମାନ୍ୟ ସଂସ୍କୃତ ଓ ଇଂରାଜୀ ଶିକ୍ଷାକୁ ଆୟତ୍ତ କରିପାରିଥିଲେ । ମାତ୍ର ବଙ୍ଗଳା ଓ ହିନ୍ଦୀ ଭାଷାରେ ତାଙ୍କର ଉତ୍ତମ ପ୍ରବେଶ ରହିଥିଲା । ପରେ ସେ ଦେଶୀୟ ପାଠଶାଳା ସାର୍ଟିଫିକେଟ ହାସଲ କରିପାରିଥିଲେ ।

ତୁଳସୀ ଦୁଇ ପତ୍ରରୁ ବାସିଲା ପରି ପିଲାଟି ଦିନରୁ ଗଙ୍ଗାଧର ସାହିତ୍ୟାନୁରାଗୀ ସହ ଈଶ୍ୱର ଅନୁରାଗୀ ତଥା ଧର୍ମାନୁରାଗୀ ଥିଲେ ଏବଂ ବାଲ୍ୟକାଳରୁ ଆଧ୍ୟାତ୍ମିକ ରୁଚି ପରବର୍ତ୍ତୀ ସମୟରେ ଜୀବନ ତଥା ସାହିତ୍ୟ ସୌଧ ନିର୍ମାଣରେ ସହାୟକ ତଥା ସୁଦୃଢ଼ ମୂଳଭିତ୍ତି ହୋଇପାରିଥିଲା ।

ଦାରିଦ୍ର୍ୟଜନିତ ଉଚ୍ଚଶିକ୍ଷାର ଅଭାବ ସତ୍ତ୍ୱେ ଜ୍ଞାନ ପିପାସାର ବେଗବତୀ ଗତି ତାଙ୍କ ମନ ମଧ୍ୟରେ ଜାଗ୍ରତ କରିପାରିଥିଲା ବିବିଧ ଗ୍ରନ୍ଥାଧ୍ୟୟନ ପ୍ରବୃତ୍ତି । ପିଲାଟି ଦିନରୁ ଶାନ୍ତ ଓ ସରଳ ବ୍ୟକ୍ତି ଥିଲେ ଗଙ୍ଗାଧର ମେହେର । ତାଙ୍କର ଅନ୍ୟ ଏକ ବିଶେଷତ୍ୱ ଏହି ଯେ ସେ ଯାହା ଅଧ୍ୟୟନ କରୁଥିଲେ ଶରୀର ଏବଂ ମନୋନିବେଶ ପ୍ରଖର ବୁଦ୍ଧି ଓ ସ୍ୱଷ୍ଟ ଧାରଣାଶକ୍ତି ପଠନ ସ୍ପୃହା ଯୋଗୁଁ ତାକୁ ଠିକ୍ ଭାବେ ହୃଦୟଙ୍ଗମ କରିପାରୁଥିଲେ ।

ଗଙ୍ଗାଧର ସ୍କୁଲ ଶିକ୍ଷା ପରେ ପିତାଙ୍କ ସହ ବସ୍ତ୍ରବୟନରେ ନିଜକୁ ନିୟୋଜିତ ରଖି ସେ ଅନେକ ନୂତନ ପୁସ୍ତକ ମାଗିଆଣି ତମସୁକ ଲେଖି ଦି ପଇସା ଅର୍ଜନ କରି ପୁସ୍ତକ କିଣି ପୁସ୍ତକାଧ୍ୟୟନରେ ନିରତ ରହୁଥିଲେ । ସେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାସ ପଠନ ଦ୍ୱାରା ବହୁ ପରିମାଣରେ କବିତା ଲେଖିବା ସ୍ପୃହା ଉଦ୍ରେକ କରିଥିଲେ । ଠିକ୍ ସେହିପରି ସେ ପ୍ରାଚୀନ ପଦ୍ଧତିରେ କେତେକ କ୍ଷୁଦ୍ର ରଚନା ପ୍ରଣୟନ ସହ ରସ ରତ୍ନାକର, ଅହଲ୍ୟାସ୍ତବ, ଇନ୍ଦୁମତୀ ପ୍ରଭୃତି ଉତ୍କଳର ସୁପ୍ରସିଦ୍ଧ କବି ରାଧାନାଥ ରାୟଙ୍କ ପାଖକୁ ପଠେଇ ତାଙ୍କର ପ୍ରିୟଭାଜନ ସହ ଉତ୍ସାହିତ ହୋଇଥିଲେ । ତାଙ୍କ

ମରଣକାଳେ ନିଦ୍ରା ଗଲେ । କାଳ କି ବଞ୍ଚାଇବ ଭଲେ ॥

ଦ୍ୱାରା ରଚିତ ଇନ୍ଦୁମତୀ, ଅହଲ୍ୟାସ୍ତବ, ରସ ରତ୍ନାକର, ପଦ୍ମିନୀ, ଉତ୍କଳ ଲକ୍ଷ୍ମୀ, ମହିମା, କୀଚକ ବଧ, କବିତା କଲ୍ଲୋଳ, ଭାରତୀ ଭାବନା, ପ୍ରଣୟ ବଲ୍ଲରୀ, ଅର୍ଘ୍ୟଥାଳି, ତପସ୍ୱିନୀ ତଥା ଅନେକ ଗୁଡ଼ିଏ କବିତା ଉତ୍କଳ ସାହିତ୍ୟ ଗନ୍ତାଘରର ଗୋଟିଏ ଗୋଟିଏ ଅମୂଲ୍ୟ ଦୀପ୍ତିମାନ ରତ୍ନ ସମୂହ ।

ସେ ୧୮୮୫ ଖ୍ରୀ. ରେ ବରପାଲି ଜମିଦାରଙ୍କ ଅଧୀନରେ ଜଣେ ଅମିନ ଭାବରେ ନିଯୁକ୍ତ ହୋଇଥିଲେ । ପରେ ସେ ସେହି ଜମିଦାରଙ୍କ ପ୍ରିୟଭାଜନ ହୋଇ ୧୮୯୯ ଖ୍ରୀ. ରେ ଜୁଡିସିଆଲ ମୋହରିର କାର୍ଯ୍ୟରେ ନିଯୁକ୍ତ ହୋଇପାରିଥିଲେ । ଖ୍ରୀ. ୧୯୧୭ରେ ସେ ସରକାରୀ ପେନସନ୍ ଗ୍ରହଣ କରି ପଦ୍ମପୁରରେ ଅବସ୍ଥାନ କରିଥିଲେ । ବୁଢ଼ା ସମ୍ବର ରାଜା ସ୍ୱର୍ଗୀୟ ଲାଲ ରାଜେନ୍ଦ୍ର ସିଂହ ବରିହା ତାଙ୍କ କବିତ୍ୱ ଓ ସାଧୁତାରେ ଆକୃଷ୍ଟ ହୋଇ ତାଙ୍କୁ ଏକ ପଲ୍ଲୀ ପୁରସ୍କୃତ କରି ସେହି ପଲ୍ଲୀର ନାମ ରଖିଥିଲେ କବିବରପୁର । ତତ୍‌ପରେ ସେହି ପଦ୍ମପୁର ଜମିଦାରୀ ଅଦାଲତରେ ଅଡିଟର କାର୍ଯ୍ୟ କରିଥିଲେ । ପରିଶେଷରେ ବୃତ୍ତିଗତ ଜୀବନରେ ସେ ବରପାଲି ଜମିଦାରଙ୍କ ପାଖରେ ମାଲମୋହରିର କାର୍ଯ୍ୟରେ ସମୟ ଅତିବାହିତ କରିଥିଲେ ମାତ୍ର ତାଙ୍କ ପ୍ରତୀପ ଆଚରଣରେ ବ୍ୟଥିତ ଗଂଗାଧର ଆତ୍ମମର୍ଯ୍ୟାଦା ରକ୍ଷାପୂର୍ବକ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟତ୍ୟାଗ କରିଥିଲେ ।

କବି ଗଙ୍ଗାଧର ମେହେରଙ୍କର ଦୁଇ ପତ୍ନୀ ଥିଲେ । ଶାନ୍ତା ଦେବୀ ଓ ଚମ୍ପା ଦେବୀ । ଶାନ୍ତା ଦେବୀଙ୍କ ପରେ ସେ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥିଲେ । ଠିକ୍ ସେହିପରି କବିଙ୍କ ଦୁଇ ପୁଅ ଓ ଦୁଇ ଝିଅ ଥିଲେ । ପୁଅ ଅର୍ଜୁନ ମେହେର ଯାହାଙ୍କ ଦେହାବସାନ ୧୨ ବର୍ଷ ବୟସରେ ହୋଇଥିଲା ଓ ଅନ୍ୟଟି ଭଗବାନ ମେହେର ଯେ କି କବିପୁତ୍ର ଭାବେ ସୁପରିଚିତ । ଦୁଇ ଝିଅ ବାସୁମତୀ ଓ ଲକ୍ଷ୍ମୀ ।

ଗଙ୍ଗାଧରଙ୍କ ଅନେକ ଗୁଡ଼ିଏ ସୁଗୁଣ ରହିଥିଲା । ତନ୍ମଧ୍ୟରୁ ଦୁଇଟି ବିଶେଷ ଗୁଣ ହେଲା ଗୋଟିଏ ବିନୟ ଓ ଅନ୍ୟଟି ହେଲା ସନ୍ତୋଷ । ଏତଦ୍ ବ୍ୟତିରେକ ସେ ଦୈନନ୍ଦିନ ଜୀବନ ମିଷ୍ଟଭାଷୀ, ଶାନ୍ତଚିତ୍ତ, ବିନୟୀ, ନିଃସ୍ୱାର୍ଥ, ଗୁଣଗ୍ରାହୀ ପ୍ରଭୃତି ବହୁ ସୁଗୁଣର ଅଧିକାରୀ ଥିଲେ ।

ଏହି ମହାନ ବ୍ୟକ୍ତିତ୍ୱ ରୂପୀ ଜ୍ୟୋତିଷ୍କଙ୍କ ଜୀବନ ଦୀପ ଲିଭି ଯାଇଥିଲା ତା. ୪.୪.୧୯୨୪ ଚୈତ୍ର କୃଷ୍ଣ ଅମାବାସ୍ୟାର ସେହି ଗଭୀର ନିଶୀଥରେ । କିନ୍ତୁ ତାଙ୍କର କାଳଜୟୀ ରଚନା ଗୁଡିକ ଆଜି ମଧ୍ୟ ଓଡ଼ିଆ ଜାତିର ଗର୍ବ ଭାବେ ଉଭା ହୋଇଛି । ବାସ୍ତବରେ ଏହି ମହାନ ସାରସ୍ୱତ ସାଧକଙ୍କ ରଚନାରେ ଯେଉଁ ମୌଳିକତା ସ୍ୱାତନ୍ତ୍ର୍ୟତା, ଭାବର ଗାମ୍ଭୀର୍ଯ୍ୟ, ସାର୍ଥକ ଶବ୍ଦ ସଂଯୋଜନା, ବ୍ୟାକରଣରେ ବିଶୁଦ୍ଧତା, ଈଶ୍ୱରୀୟ ପ୍ରେମ ଅମୃତମୟ ତଥା ମଧୁମୟ ବିଶ୍ୱର ପରିକଳ୍ପନା ଉନ୍ନତ ତଥା ଶିକ୍ଷଣୀୟ ଚିନ୍ତାଧାରା ପ୍ରଭୃତି କବି ଗଙ୍ଗାଧରଙ୍କୁ ବିଶ୍ୱ କବି ଆସନରେ ଅଧିଷ୍ଠିତ କରାଇବା ଭଳି ସ୍ୱାତନ୍ତ୍ର୍ୟ ରଖୁଛି ନିଶ୍ଚୟ ।

**ଭାଷା ବିଭବ**

# କିଏ ସେହି ଗଢ଼ାଳି ?

*ଶ୍ରୀ ପ୍ରସନ୍ନକୁମାର ବିଶ୍ୱାଳ*

ପ୍ରଚଣ୍ଡ ଗ୍ରୀଷ୍ମ ପରେ ବର୍ଷାଋତୁର ଆଗମନ ହୁଏ । ବଣ, ବିଲ, ପ୍ରାନ୍ତର ଆଦି ସବୁଜିମାରେ ଭରିଯାଏ । ଗଛପତ୍ର ଉଲ୍ଲସିତ ହେଲା ପରି ଜଣାପଡନ୍ତି । ସବୁଜ ଘାସପଡ଼ିଆ ଅଥବା ଚାଷଜମିରେ ସାଧବବୋହୂ ଚାଲିଗଲା ବେଳେ ତା'ର ଲାଲ ରଙ୍ଗର ମଖମଲି ଶରୀର ଆବାଳବୃଦ୍ଧବନିତା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରେ । ପୁଷ୍ପଭରା ଉଦ୍ୟାନକୁ ଦେଖିଲେ ଦର୍ଶକ ଦଣ୍ଡେ ଅଟକିଯାଏ । ଆଖି ଲାଖିଯାଏ ଫୁଲର ସୌନ୍ଦର୍ଯ୍ୟରେ ଆଉ ମନ ଲାଖିଯାଏ ତା'ର ସୁଗନ୍ଧରେ । ପାହାଡ଼ପର୍ବତ, ନଦନଦୀ, ସମୁଦ୍ର, ଅନନ୍ତ ଆକାଶ ଆଦିକୁ ନିରେଖି ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ମନରେ ସ୍ୱତଃ ପ୍ରଶ୍ନ ଆସେ ସାଧବବୋହୂ ଦେହରେ କିଏ ସେ ଭରି ଦେଇଛି ଏଡ଼େ ସୁନ୍ଦର ରଙ୍ଗ, କିଏ ସେ ଭରି ଦେଇଛି ଫୁଲର ପାଖୁଡାରେ କୋମଳତା, ରଙ୍ଗର ବିବିଧତା ଆଉ ସୁଗନ୍ଧର ମାଦକତା ? ଅଣୁଜୀବଠାରୁ ଗଜରାଜ, ଶିଉଳି ଠାରୁ ବଟବୃକ୍ଷ ପର୍ଯ୍ୟନ୍ତ ବିବିଧ ପ୍ରକାରର ଜୀବଜନ୍ତୁ ଓ ଗଛଲତାକୁ ଗଢ଼ିଛି କିଏ ? ସେମାନଙ୍କର ଆକାର, ପ୍ରକାର ଓ ରଙ୍ଗରେ ବିଭିନ୍ନତା କିଏ ଭରି ଦେଇଛି ? କିଏ ସେହି ଗଢ଼ାଳି ?

ଗଢ଼ାଳି ଶବ୍ଦଟି ଗଢ଼୍ ଧାତୁରେ ଆଳି ପ୍ରତ୍ୟୟ ଯୁକ୍ତ ହୋଇ ତିଆରି ହୋଇଛି । ଏହା ଏକ ପୁଲିଙ୍ଗବାଚକ ଶବ୍ଦ । ଏହାର ସ୍ତ୍ରୀଲିଙ୍ଗ ବାଚକ ଶବ୍ଦ ହେଉଛି ଗଢ଼ାଳୀ । ଗଢ଼ାଳି ପରି ଆଉ ଏକ ଶବ୍ଦ ହେଉଛି ଖେଳାଳି । ନିକଟ ଅତୀତରେ ଏକ ଖବର ନଜରକୁ ଆସିଲା । ଲେଖାଥିଲା ଏହି ଖେଳାଳିକୁ ବିବାହ କରିବେ ସଚ୍ଚିନଙ୍କ ଝିଅ ସାରା । ବାକ୍ୟରେ ବ୍ୟବହୃତ ଖେଳାଳୀ ଶବ୍ଦଟି ସ୍ତ୍ରୀଲିଙ୍ଗବାଚକ ଶବ୍ଦ । ମନରେ ପ୍ରଶ୍ନ ଆସିଲା ସଚ୍ଚିନଙ୍କ ଝିଅ ସତରେ କ'ଣ ଆଉ ଗୋଟାଏ ଝିଅକୁ ବିବାହ କରିବେ ? କିନ୍ତୁ ବିବରଣୀରେ ଯାହା ଲେଖା ଯାଇଥିଲା ତାହା ନୁହେଁ । ଲେଖିବା ଲୋକ ଖେଳାଳି ବଦଳରେ ଖେଳାଳୀ ଲେଖି ଦେଇଥିଲେ ।

ଖେଳାଳିର ସ୍ତ୍ରୀଲିଙ୍ଗ ଯେପରି ଖେଳାଳୀ ସେହିପରି ଚଢ଼ାଳିର ଚଢ଼ାଳୀ, ତୋଳାଳିର ତୋଳାଳୀ, ପଢ଼ାଳିର ପଢ଼ାଳୀ, ରୁଆଳିର ରୁଆଳୀ, କଟାଳିର କଟାଳୀ, ବନ୍ଧାଳିର ବନ୍ଧାଳୀ, ଦେଖାଳିର ଦେଖାଳୀ, ବୁଡ଼ାଳୀର ବୁଡ଼ାଳୀ, ପହଁରାଳିର ପହଁରାଳୀ, ଧରାଳିର ଧରାଳୀ, ମପାଳିର ମପାଳୀ, ବୁଣାଳିର ବୁଣାଳୀ, ରଖାଳିର ରଖାଳୀ, ରଖୁଆଳିର ରଖୁଆଳୀ, ହବିଷିଆଳିର ହବିଷିଆଳୀ ହୋଇଥାଏ ।

ସେହିପରି ଆହୁରି ଅନେକ ଶବ୍ଦ ରହିଛି ଯେଉଁଥିରେ ଦୀର୍ଘ ମାତ୍ରା ବ୍ୟବହାର କଲେ ତାହା ସ୍ତ୍ରୀଲିଙ୍ଗବାଚକ ଶବ୍ଦରେ ପରିଣତ ହୋଇଥାଏ । ଯଥା :- ମୁନି-ମୁନୀ, ଋଷି-ଋଷୀ, କପି-କପୀ, କବି-କବୀ, ଖିଆଲି-ଖିଆଲୀ, ବନ୍ଦି-ବନ୍ଦୀ, ବୟସି-ବୟସୀ ବେଦାନ୍ତି-ବେଦାନ୍ତୀ, ବୈକାଳି-ବୈକାଳୀ, ମଞ୍ଜାରି-ମଞ୍ଜାରୀ, ମାପୁଣି-ମାପୁଣୀ, ରାନ୍ଧୁଣି-ରାନ୍ଧୁଣୀ, ମୁଦେଇ-ମୁଦେଈ, ଲଙ୍ଗୁଳି-ଲଙ୍ଗୁଳୀ, ଲାଙ୍ଗୁଡ଼ଖଣ୍ଡି-ଲାଙ୍ଗୁଡ଼ଖଣ୍ଡୀ, ଶକୁନି-ଶକୁନୀ, ଶକୁନ୍ତି-ଶକୁନ୍ତୀ, ଶକୃତକରି-ଶକୃତକରୀ, ଶଙ୍ଖି-ଶଙ୍ଖୀ, ଶ୍ୱେତି-ଶ୍ୱେତୀ, ସହଣି-ସହଣୀ, ହାଟୋଇ-ହାଟୋଈ, ଲଘୁ-ଲଘୂ, ସୂନୁ-ସୂନୂ, ସାଧୁ-ସାଧୂ ଇତ୍ୟାଦି ।

ଏହି ସଂସାର ସର୍ବଶକ୍ତିମାନ ଶ୍ରୀ ପରମେଶ୍ୱରଙ୍କ ବିଚିତ୍ର ସୃଷ୍ଟି । ସେ ଏହାକୁ ସୃଷ୍ଟି କରିବା ସହିତ ତା'ର ଲାଳନପାଳନ କରୁଛନ୍ତି । ତାଙ୍କରି ଲାଳନପାଳନ କାରଣରୁ ସୃଷ୍ଟି ବଞ୍ଚି ରହିଛି । ଆମ ମାତୃଭାଷାର ମଧ ଲାଳନପାଳନର ଆବଶ୍ୟକତା ରହିଛି । ତେବେ ସିନା ମାତୃଭାଷା ବଞ୍ଚି ରହିବ ।

*ପ୍ରାନ୍ତ ନିରୀକ୍ଷକ, ଶିକ୍ଷା ବିକାଶ ସମିତି, ଓଡ଼ିଶା*

ଇନ୍ଦ୍ରିୟ ସୁଖେ ଦେଇ ମତି । ତୋର ଚରଣେ ନ ଭଜନ୍ତି ॥

**କବିତା ପସରା**

# ବର୍ଷାର ଦୋଷ ନାହିଁ

▪ *ରଘୁନାଥ ଆଚାର୍ଯ୍ୟ*

ବରଷାର ନାହିଁ କିଛି ଦୋଷ
ଅମୃତ ମାଟିରେ ବିଷ ଚରିଅଛି
ସେଥିଲାଗି କିଛି ଅବସୋସ
ବରଷାର ନାହିଁ କିଛି ଦୋଷ ।
ଏ ମଣିଷ ଜାତିଟା ଏଡେ ଅମାନିଆ
ଏତେ ସ୍ୱାର୍ଥ ପର ନିଜ ସ୍ୱାର୍ଥ ପାଇଁ
କଲା ନାଟ, ନିରୀହ ବୃକ୍ଷର ଯମ
ହୋଇଗଲା, ନିପାତ କରିଲା ତାଙ୍କ ବଂଶ
ବରଷାର ନାହିଁ କିଛି ଦୋଷ ।
ଉତ୍ତୁଙ୍ଗ ଶିଖର ଏଭରେଷ୍ଟ ପରି
କୋଠାବାଡି, ଆଉ ସ୍ମାର୍ଟ ସିଟି
ମାଳ ମାଳ ହୋଇ ସବୁଜିମା ସ୍ଥାନେ
ଆବୋରି ନେଲେ ବି ସବୁ ନିଜସ୍ୱ
ବରଷାର ନାହିଁ କିଛି ଦୋଷ ।
ଆମେ କୁଆଡ଼େ ସବୁ ଭଲ ମଣିଷ
ଆଷାଢ଼, ଶ୍ରାବଣ, ଭାଦ୍ରବରେ ସବୁ
ବରଷାର ଥିଲା ଏଠି ରାଜତ୍ୱ
ଘଡଘଡି ସଙ୍ଗେ ବିଜୁଳି ଆକାଶେ
ସଭିଏଁ ଆସନ୍ତି ଅତି ସରାଗେ
ଟିକିଏ ମନରେ ନ କରି ରୋଷ
ବରଷାର ନାହିଁ କିଛି ଦୋଷ ।
ଆମେ କୁଆଡେ ଭଲ ମଣିଷ
ପୂରି ଉଠୁଥିଲା ସରୋବର ଗର୍ଭ
କେଦାର କାନନ ସରିତ କୂଳ
ସଦ୍ୟ ଶସ୍ୟ ନାନା ପୁଷ୍ପ ବିମଣ୍ଡିତ
କେକି ନାଚୁଥିଲା ହୋଇ ଭୋଳ
ସଭିଏଁ ଆଜି ନିରାଶ
ବରଷାର ନାହିଁ କିଛି ଦୋଷ ।
ଆମେ କୁଆଡେ ଭଲ ମଣିଷ ।
ବସୁମତୀ ମା କୋଳ ଅସ୍ତବ୍ୟସ୍ତ
ନାହିଁ ବରଷାର ଆଦି ଅନ୍ତ
ଭେକ ମାନଙ୍କର ଶୀତ ନିଦ୍ରା ଏଠି
ବରଷା ଭାଙ୍ଗି ନି ତାଙ୍କ ନିଦ
ଆଉ ଶୁଭୁନାହିଁ ତାଙ୍କ ଗୀତ
ସଭିଙ୍କ ମନରେ ଅବସୋସ
ବରଷାର ନାହିଁ କିଛି ଦୋଷ ।
ଆମେ କୁଆଡ଼େ ଭଲ ମଣିଷ ।
ଚାଷୀକୁଳ ଏଠି ହନ୍ତସନ୍ତ
ପରିବେଶ ଏଠି ଖାପ ଖୁଆଉନି
ଋତୁର ହୋଇଛି ରୋଷ
ମାନବ ପ୍ରକୃତି ଯେବେ ବଦଳିବ
ସବୁ ଆସିବ ନିଶ୍ଚୟ ସେ ସୁପଥ
ବରଷାର ନାହିଁ କିଛି ଦୋଷ ।
ଆମେ କୁଆଡେ ଭଲ ମଣିଷ ।

*ଆଚାର୍ଯ୍ୟ,*
*ସ.ଶି.ବି.ମ, ବାମରା*

ପଢ଼ନ୍ତି ଗୃହ ଅନ୍ଧକୂପେ । ପଶୁ ଯେସନେ ତୃଣ ଶାକେ ॥

# ଲଗାଇବା ଗଛ ହସିବ ଏ ଧରା

*ଶ୍ରୀମତୀ ବିନତି ଶତପଥୀ*

ଆସ ଭାଇ ଭଉଣୀଏ ଲଗାଇବା ଗଛ
ଗଛ ଲଗାଇଲେ ପରା ହସିବ ଏ ଧରା ।
ଶସ୍ୟଶ୍ୟାମଳା ହୋଇବ ଏ ଧରିତ୍ରୀ ରାଣୀ
ଶପଥ ନେବା ଯେ ଆମେ ଗଛ କାଟିବାନି ।
ଦାୟାଦ ପରା ଆମେରେ ଭାରତମାଆର
ଗଛ ପୋତି ବଢ଼ାଇବା ତା ରୂପ ସମ୍ଭାର ।
ଜଙ୍ଗଲ ସୃଷ୍ଟି କରିବା ଆସ ଭାଇ ଆମେ
ବର୍ଷାଧାରା ବରଷିବ ଏଇ ଧରାଧାମେ ।
ମରୁଡ଼ି ପଡ଼ିବ ନାହିଁ ଧାନ କ୍ଷେତ ହସିବ
ଚାଷୀ ବାପୁଡ଼ା ମୁଖରେ ନିତି ହସ ଫୁଟିବ ।
ଅମ୍ଳଜାନ ଯୋଗାଇବ ଗଛ ଯେ ଆମକୁ
ଘଉଡ଼ାଇ ଦେବା ଆମେ ଦୁରାରୋଗ୍ୟ ରୋଗକୁ ।
ଉଷ୍ଣମ ପ୍ରବଣତାକୁ ଗଛ ଦେବ କମାଇ
ହାଲିଆ ନ ହୋଇ ବାଟ ଚାଲିବ ଯେ ବାଟୋଇ ।
ଗଛକୁ ମାନିବା ଆମେ ପରିବାର ସଦସ୍ୟ
ଫୁଲ ଫଳ ଯୋଗାଇବ ସେହି ଗଛ ଅବଶ୍ୟ ।
ଧାଡ଼ି ଧାଡ଼ି ଲଗାଇବା ଆସ ଆମେ ଗଛ
ଗଛ ଲଗାଇଲେ ପରା ହସିବ ଏ ଧରା ।

*ସ.ଶି.ବି.ମ. ସାଲେପୁର*



# ଅଲିଭା ସ୍ମୃତି

*ଶ୍ରୀମତୀ ଝୁଲଣା ନାୟକ*

ଦେଶ ମାତୃକାର
ସୁଯୋଗ୍ୟ ସନ୍ତାନ
ତୁମେ ଥିଲ ଖୁଦିରାମ
ସାରା ଭାରତର
ଜନସାଧାରଣ
କରନ୍ତି ସଦା ସଲାମ ।।୧।।

ଶେଫାଳୀ କୁସୁମ
ପରି ଝରିଗଲ
ଖୁଦି ତୁମେ ଅବେଳରେ
ଏ ଦେଶର ମାଟି
ଲାଲ ହୋଇଗଲା
କ୍ରାନ୍ତିବୀର ରକତରେ ।।୨।।

ତୁମେ ବାସୁଥିଲ
ସ୍ୱଦେଶୀ ସ୍ୱଦେଶୀ
ବିଚାର ଭାବନା ସହ
ଖୁଦି ହୋଇଥିଲା
ତୁମରି ହୃଦୟେ
ମାଟି ମାଆ ପାଇଁ ମୋହ ।।୩।।

ଦେହ ବଳ ସାଥେ
ମନବଳ ଲୋଡ଼ା
ବିଦ୍ରୋହ କରିବା ପାଇଁ
ପଣ ରହିଥିଲା
ଗୋରା ବେପାରୀଙ୍କୁ
ଦେଶରୁ ତଡ଼ିବା ପାଇଁ ।।୪।।

ଅଳପ ବୟସୁ
ଗୀତା ପଢ଼ି ତୁମେ
ପାଇଥିଲ ଦିବ୍ୟଜ୍ଞାନ
ଦେଶସ୍ୱାର୍ଥ ପାଶେ
ତୁଚ୍ଛ ମଣୁଥିଲ
ସଂସାର ମାୟା ବନ୍ଧନ ।।୫।।

ମାଟି ମାଆ ପାଇଁ
ଜୀବନ ଦେବାକୁ
ଡରିଲାନି ତୁମ ମନ
ହୋଇଗଲ ତୁମେ
ଅମର ସହିଦ୍
ହସି ହସି ଦେଇ ପ୍ରାଣ ।।୬।।

ବାଲ୍ୟ ବେଳରୁ
ନିର୍ଭୀକ ଭାବନା
ନିଜ ମାତୃଭୂମି ପାଇଁ
ଧନ୍ୟ ଖୁଦିରାମ
ଚିରଦିନ ରୁହ
ଅଲିଭା ସ୍ମୃତିଟେ ହୋଇ ।।୭।।

ସ୍ୱାଧୀନ ଭାରତ
ପାଳନ କରୁଛି
ଅମୃତ ଉତ୍ସବ ଆଜି
ଆସ ଆସ ଫେରି
ହେ ବିପ୍ଳବୀ ବୀର
ବୁଣି ଦେଶପ୍ରୀତି ରାଜି ।।୮।।

*ସ.ଶି.ବି.ମ. ଦୀପଶିଖା, କଣିହା, ଅନୁଗୋଳ*

**ଗରଳ ହଳାହଳ ବିଷ । ମୁଁ ତାହା ମଣଇ ଉଶ୍ୱାସ ।।**


SARASWATI VIDYA MANDIR
RESIDENTIAL SCIENCE HIGHER SECONDARY SCHOOL
KESHAVDHAM, GATIROUTPATNA, CUTTACK
SHIKSHA VIKASH SAMITI, ODISHA
Website : www.svmkeshavdham.in
Resonance®
Educating for better tomorrow
Our Achievers in
JEE Main 2021
Congratulation
"SADHANA"
71% FRESH CHSE STUDENTS
SELECTED FOR JEE ADVANCE
JEE MAIN
TOPPER
CHANDAN DUTTA
98.42 15432
OMM PRAKASH
SAHOO 95.25 42749
KARTIK BOXI
94.71 47208
PRATUSH PRAYASH
JENA 90.11 86490
SUMIT PANIGRAHI
89.56 91321
SUBHANKAR CHADIA
87.88 110826
CHANDRASEKHAR
TUNG 85.97 123241
DEVI PRASAD PANI
85.76 125330
PRADIP BEJ
84.78 134825
D. ANSHUMANCHARY
81.66 164911
ROSHAN ROUT
80.38 177788
BISWAJIT SWAIN
75.43 228528




**ପ୍ରବାସୀ କାର୍ଯ୍ୟକର୍ତ୍ତା ବୈଠକ, ଉତ୍ତର ପୂର୍ବ ସମ୍ଭାଗ**




**ପ୍ରବାସୀ କାର୍ଯ୍ୟକର୍ତ୍ତା ବୈଠକ, ଦକ୍ଷିଣ ପଶ୍ଚିମ ସମ୍ଭାଗ**






**ପ୍ରବାସୀ କାର୍ଯ୍ୟକର୍ତ୍ତା ବୈଠକ, ପଶ୍ଚିମ ସମ୍ଭାଗ**




ପ୍ରବାସୀ କାର୍ଯ୍ୟକର୍ତ୍ତା ବୈଠକ, ମଧ୍ୟ ସମ୍ଭାଗ



ପ୍ରବାସୀ କାର୍ଯ୍ୟକର୍ତ୍ତା ବୈଠକ, ଦକ୍ଷିଣ ସମ୍ଭାଗ



ପ୍ରବାସୀ କାର୍ଯ୍ୟକର୍ତ୍ତା ବୈଠକ, ଉତ୍ତର ସମ୍ଭାଗ






ପୂର୍ବୋତ୍ତର ସମ୍ଭାଗ ପ୍ରବାସୀ କାର୍ଯ୍ୟକର୍ତ୍ତା ବୈଠକ







ଦକ୍ଷିଣ ପୂର୍ବ ସମ୍ଭାଗ ପ୍ରବାସୀ କାର୍ଯ୍ୟକର୍ତ୍ତା ବୈଠକ






ପୂର୍ବ ସମ୍ଭାଗ ପ୍ରବାସୀ କାର୍ଯ୍ୟକର୍ତ୍ତା ବୈଠକ

## ଜାତୀୟ ଧ୍ୱଜା ଆମ ଉଡ଼େ ଫରଫର

ଶ୍ରୀଯୁକ୍ତ ସତୀଶ ନାରାୟଣ ସାହୁ

ଜାତୀୟ ଧ୍ୱଜା ଆମ ଉଡ଼ଇ ଫରଫର
ସତେକି ଏ ବାର୍ତ୍ତାବହ ଶାନ୍ତି ଆଉ ମୈତ୍ରୀର
ଯାହା ପାଇଁ ବିଦେଶରେ ଆମେ ଆଜି ଗର୍ବିତ
ଯିଏ ସାଜେ ମୂକସାକ୍ଷୀ ଜାତୀୟ ସଂହତିର
ଜାତୀୟ ଧ୍ୱଜା ଆମ ଅଟେ ଏତେ ଆପଣାର
ଯାହାର ମୂଳମନ୍ତ୍ର ସର୍ବେ ଆମେ ବସୁଧାର
ଯାହା ପାଇଁ ଜୀବନକୁ ବାଜିରେ ଲଗାଇ ଦେବୁ
ଗାନ୍ଧୀଜୀଙ୍କ ଅହିଂସା ମାର୍ଗେ ଆଗକୁ ଆଗକୁ ଯିବୁ
ଜାତୀୟ ଧ୍ୱଜା ଆମ ଉଡଇ ଫରଫର
ସତେକି ଏ ନିଦର୍ଶନ ଐକ୍ୟ ଓ ବନ୍ଧୁତ୍ୱର
ଏମିତି ଏ ଉଡୁଥାଉ ନୂତନ ସନ୍ଦେଶ ନେଇ
ବିଶ୍ୱରେ ଏ ଉଚ୍ଚେ ଥାଉ ସଭିଙ୍କ ଆପଣା ହୋଇ ।

ଆଚାର୍ଯ୍ୟ, ସ.ଶି.ବି.ମ, ବନ୍ତ, ଭଦ୍ରକ





## ଆହ୍ୱାନ

ଶ୍ରୀଯୁକ୍ତ ସନ୍ତୋଷ କୁମାର ପଣ୍ଡା

ଦେଶ ମୋର ନୁହେଁ ମାଟି ପଥରର
ସାକ୍ଷାତ ଚିନ୍ମୟୀ ଦୁର୍ଗା
ପୂଜିଲେ ତାହାକୁ ଫୁଲ ଚନ୍ଦନରେ
ସମ୍ମୁଖେ ହୁଅଇ ଉଭା
ସେ ମୋ ମାହେଶ୍ୱରୀ ଜଗଦମ୍ବା
ସେ ମୋ ମାହେଶ୍ୱରୀ ଜଗଦମ୍ବା ।୧।
ଦେଖ ଦେଖ ତା'ର ପଦ ହସ୍ତରାଜି
ହୋଇଛି ରଜ୍ଜୁରେ ବନ୍ଧା
ସିଂହ ସନ୍ତାନକୁ ଜନମ ଦେଇ ବି
ଅଶ୍ରୁ ନିଗାଡ଼ଇ ସଦା
ସେ ମୋ ଭବାନୀ ଶିବାନୀ ଗଙ୍ଗା
ସେ ମୋ ଭବାନୀ ଶିବାନୀ ଗଙ୍ଗା ।୨।
ମାଆ ମୋର ନୁହେଁ ଅବଳା ଦୁର୍ବଳା
କୋଟି କୋଟି କନ୍ୟା ପୁତ୍ର
ଆସ ଆମେ ଯେତେ ଭଉଣୀ ଓ ଭାଇ
କରିବା ତାକୁ ବନ୍ଧନ ମୁକ୍ତ
ହୋଇ ଭାରତମାତାର ଭକ୍ତ
ହୋଇ ଭାରତମାତାର ଭକ୍ତ ।୩।
ସବୁଦିନ ପାଇଁ ହୃଦୟେ ସାଇତି
ଭାରତମାତାର ଛବି
ମାଆକୁ ଦେଖିବା ଇଷ୍ଟଙ୍କ ମୁଖରେ
ହେଉ ଅବା ଦେବଦେବୀ ।
ମାଆ ହେବ ଅଗ୍ରପୂଜ୍ୟ
ମାଆ ହେବ ଅଗ୍ରପୂଜ୍ୟା ।୪।

ସ.ବି.ମ. ପ୍ରଶିକ୍ଷଣ, କେଶବଧାମ, କଟକ


ଯାହାର ପ୍ରତିକାର ଥାଇ । ତାର ଭକ୍ଷଣେ ଭୟ ନାହିଁ ॥

# ଜୀଜାବାଈ

■ ଶ୍ରୀଯୁକ୍ତ ସୁରେଶକୁମାର ନାୟକ

ଛୋଟ ଝିଅଟିଏ ହସି ଖେଳୁଥିଲା
ସାଙ୍ଗସାଥିଙ୍କର ମେଳେ
ମୋଗଲ ସେନାଏଁ ଘୋଡ଼ାଚଢ଼ି କରି
ଆସିଲେ ଏତିକି ବେଳେ ।।
ଭାବନା ବିଚାର ନ ଥିଲା ତାଙ୍କର
ନିରୀହ ଶିଶୁଙ୍କ ପ୍ରତି
ଘୋଡ଼ା ଦଉଡ଼ାଇ ଦେଲେ ଚକୁଡାଇ
ଆସି ଶିଶୁଙ୍କର କତି ।।
ସରଳା ଝିଅଟି ଘରକୁ ଆସିଲା
ଘୋଡ଼ା ପଦାଘାତ ପାଇ
ବାପାଙ୍କ ଆଗରେ ସବୁ ସେ କହିଲା
କାନ୍ଦି କରି କଇଁ କଇଁ ।।
ମନେ ଭାବିଥିଲା କଥା ଶୁଣି ବାପା
ନେବେ ନିଶ୍ଚେ ପ୍ରତିଶୋଧ
ମୋଗଲ ପୁଅର ମଜା ଛଡ଼ାଇବେ
ଦେଇ ମାଡ଼ ଅଉଷଧ ।।
ଝିଅ କଥା ଶୁଣି ବାପା ହୋଇ ପୁଣି
ମନେ ଦେଲେ ହେୟ କରି
ମୋଗଲ ପୁଅର ନେବ ପ୍ରତିଶୋଧ
ଝିଅ ହେଲା ମନେ ଘାରି ।
ପ୍ରତିଶୋଧ ନିଆଁ ଜଳି ଉଠୁଥିଲା
ଝିଅର ଅନ୍ତର ତଳେ
ମୋଗଲ ସାମ୍ରାଜ୍ୟ କିପରି ଦେଶରୁ
ହଟିବ ବା କେଉଁ କାଳେ ?
ଶିଶୁ ବେଳ ଯାଇ ଯୌବନ ଆସିଲା
ଝିଅଟି ବିବାହ କଲା ।
ମୋଗଲଙ୍କୁ ଦେଶୁଁ ହଟାଇବା ପାଇଁ
ସ୍ୱାମୀଙ୍କୁ ତା'ର କହିଲା ।।
ସ୍ୱାମୀ ମଧ ତା'ର ସବୁ କଥା ଶୁଣି
ନୀରବରେ ଗଲେ ରହି
ମୋଗଲ ବେଦନା ସହି ଶିଶୁ କାଳୁଁ
ଝିଅଟି ନ ପାରେ ସହି ।।
ବିଭା ପରେ ଦିନେ ଚିନ୍ତାକଲା ମନେ
ଯେବେ ମୋର ପୁଅ ହେବ
ତାକୁ ମୋର ମନ ବେଦନା କହିବି
କାଳେ ଦୁଃଖ ହଟାଇବ ।।
ଭବାନୀଙ୍କ ବଳେ ପୁତ୍ର ପାଇ ମାତା
ମୋଗଲ ଦେଲେ ହଟାଇ
ହିନ୍ଦୁ ସାମ୍ରାଜ୍ୟର କପିକେତନକୁ
ଆକାଶେ ଦେଲେ ଉଡାଇ
ସେହି ପୁଣ୍ୟମୟୀ ଯୋଗଜନ୍ମା ମାତା
ମରହଟ୍ଟା ବୀର ଶିବାଜୀଙ୍କ ମାତା
ନାମ ତାଙ୍କ ଜୀଜାବାଈ ।।

*ସ.ଶି.ବି.ମ. ଦିଗପହଣ୍ଡି, ଗଞ୍ଜାମ*



ବ୍ରହ୍ମସ୍ୱ ମହାବିଷ ହୋଇ । ତାହାର ପ୍ରତିକାର ନାହିଁ ।।

**ଗୀତା ଜ୍ଞାନ**

# ଓଁ ଶ୍ରୀ ପରମାତ୍ମନେ ନମଃ



*✱ ଶ୍ରୀ ସତ୍ୟନାରାୟଣ ପଟ୍ଟନାୟକ*

ଶ୍ରୀମଦ୍ ଭଗବତ୍ ଗୀତାର ଦ୍ୱିତୀୟ ଅଧ୍ୟାୟର ୧୪ ତମ ଶ୍ଳୋକରେ ବିଷୟଗତ ପଦାର୍ଥ (ଇନ୍ଦ୍ରୀୟ ସମ୍ବନ୍ଧିତ) ମାତ୍ରାସ୍ପର୍ଶ ସମ୍ପର୍କରୁ ଉତ୍ପନ୍ନ ହେଉଥିବା ସୁଖ ଓ ଦୁଃଖର ଅନୁଭବକୁ ସହ୍ୟ କରିବାକୁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଉପଦେଶ ପ୍ରଦାନ କରିଛନ୍ତି । ମାତ୍ରା ସ୍ପର୍ଶରୁ ଉଦ୍‌ଭୃତ ପ୍ରବାହକୁ ସହ୍ୟ କରିପାରିଲେ ଫଳାଫଳ ସ୍ୱରୂପ କ'ଣ ପ୍ରାପ୍ତ ହେବ ଏ ବିଷୟରେ ପରବର୍ତ୍ତୀ ୧୫ତମ ଶ୍ଳୋକରେ ଭଗବାନ ବର୍ଣ୍ଣନା କରିଛନ୍ତି ।

ଯଂ ହି ନ ବ୍ୟଥୟନ୍ତି ଏତେ ପୁରୁଷମ୍ ପୁରୁଷର୍ଷଭ
ସମଦୁଃଖସୁଖମ୍ ଧୀରମ୍ ସଃ ଅମୃତତ୍ୱାୟ କଳ୍ପତେ ।।

ଭଗବାନ କହୁଛନ୍ତି – କାରଣ ହେ ପୁରୁଷ ଶ୍ରେଷ୍ଠ ଅର୍ଜୁନ ! ସୁଖ ଓ ଦୁଃଖରେ ସମାନ ଭାବ ରଖୁଥିବା ବୁଦ୍ଧିମାନ ପୁରୁଷ ଏହି ବିଷୟଗତ ପଦାର୍ଥ ଦ୍ୱାରା ବ୍ୟଥିତ ହୁଅନ୍ତି ନାହିଁ ଏବଂ ଫଳସ୍ୱରୂପ ସେମାନେ ଅମରତ୍ୱ ପ୍ରାପ୍ତ କରିବାକୁ ସମର୍ଥ ହୋଇ ଯାଆନ୍ତି । ବ୍ୟଥା ରହିତ ମନୁଷ୍ୟର ବୁଦ୍ଧି ସ୍ଥିର ହୋଇଯାଏ ।

ଆଲୋଚ୍ୟ ଅଧ୍ୟାୟର ୧୩ତମ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ କହିଥିଲେ ଯେ ଯେଉଁମାନେ ବୁଦ୍ଧିମାନ ସେମାନେ ଶରୀରର ସ୍ଥୂଳ ପରିବର୍ତ୍ତନରେ ମୋହିତ ହୁଅନ୍ତି ନାହିଁ । ୧୪ତମ ଶ୍ଳୋକରେ ମାତ୍ରା ସ୍ପର୍ଶରୁ ଅନୁଭବ ହେଉଥିବା ଅନୁକୂଳ ତଥା ପ୍ରତିକୂଳ ପରିସ୍ଥିତିକୁ ସହ୍ୟ କରିବାକୁ କହୁଛନ୍ତି ଏବଂ ଉପରୋକ୍ତ ଶ୍ଳୋକରେ ଅର୍ଜୁନଙ୍କୁ ଉପଦେଶ ଦେଇ କହୁଛନ୍ତି ଯେ, ଯେଉଁ ବ୍ୟକ୍ତି ସୁଖ ଦୁଃଖ ପ୍ରତି ସମଭାବ ପୋଷଣ କରନ୍ତି ସେମାନେ ବୁଦ୍ଧିମାନ, ଏହାର ତାତ୍ପର୍ଯ୍ୟ ହେଉଛି ଯେ ଶରୀର ଓ ଶରୀରୀ ମଧ୍ୟରେ ପ୍ରଭେଦକୁ ଜାଣିଥିବା ବୁଦ୍ଧିମାନ ବ୍ୟକ୍ତି ଯେତେବେଳେ ସମସ୍ତ ପାର୍ଥିବ ସୁଖ ଓ ଦୁଃଖକୁ ସହିଯାଏ ସେତେବେଳେ ସମବୁଦ୍ଧିରେ ସ୍ଥିତ ହୋଇ ଆନନ୍ଦ ସ୍ୱରୂପ ପରମାତ୍ମାଙ୍କ ଦିବ୍ୟ ସାନିଧ୍ୟ ଲାଭ କରିବା ପାଇଁ ଯୋଗ୍ୟ ହୋଇଯାଏ ।

ଭଗବତ୍ ଉପଲବ୍ଧି ନିମନ୍ତେ ଯୋଗ୍ୟତା ଅର୍ଜନ କରିବାର ଯେଉଁ ମାର୍ଗ ଭଗବାନ ଶ୍ରୀକୃଷ୍ଣ ଦ୍ୱିତୀୟ ଅଧ୍ୟାୟର ୧୩,୧୪ ଓ ୧୫ ଶ୍ଳୋକରେ ବର୍ଣ୍ଣନା କରିଛନ୍ତି ସେଗୁଡିକ ନିମ୍ନ ପ୍ରକାରେ ତିନି ସ୍ତରରେ ବିଭକ୍ତ କରାଯାଇପାରେ ।

୧ –ଶରୀର ଓ ଶରୀରୀ ମଧ୍ୟରେ ପାର୍ଥକ୍ୟକୁ ବୁଝିବା

୨ –ଇନ୍ଦ୍ରିୟ ସଂଯୋଗରୁ ଅନୁଭବ ହେଉଥିବା ସୁଖ ଓ ଦୁଃଖକୁ ସହ୍ୟ କରିବା ।

୩–ସୁଖ ଓ ଦୁଃଖରୁ ଉତ୍ପନ୍ନ ପରିସ୍ଥିତିକୁ ପ୍ରତି ସମାନ ଭାବ ପୋଷଣ କରିବା ।

ଅନ୍ତଃକରଣର ବୃତ୍ତି ପ୍ରଭାବରେ ସୁଖ ଓ ଦୁଃଖ ଆମ ମାନଙ୍କୁ ପୃଥକ୍ ପୃଥକ୍ ଦେଖାଯାଆନ୍ତି । ପଞ୍ଚ ଜ୍ଞାନେନ୍ଦ୍ରିୟ ଚକ୍ଷୁ, କର୍ଣ୍ଣ, ନାସା, ଜିହ୍ୱା ଓ ଚର୍ମର ସହଯୋଗରେ ବିଷୟ ସହିତ ସମ୍ପର୍କ ସ୍ଥାପନ କରିବା ହେଉଛି ବୃତ୍ତି ବା ବ୍ୟାପାର । ଏହା ଶରୀର ସମ୍ବନ୍ଧିତ । ଯେଉଁ ବୁଦ୍ଧିମାନ ବ୍ୟକ୍ତି ଏହି ସତ୍ୟକୁ ବୁଝି ନିଜକୁ ଚିରନ୍ତନ ଆତ୍ମା ବୋଲି ଜାଣେ ସେ ସୁଖ ଓ ଦୁଃଖରୁ ଉତ୍ପନ୍ନ ଅନୁକୂଳତା ଓ ପ୍ରତିକୂଳତାକୁ ସହ୍ୟ କରିବା କ୍ଷମତା ଅର୍ଜନ କରେ ଏବଂ ସମତାରେ ସ୍ଥିତ ହୋଇ ନିଜ ସ୍ୱରୂପରେ ଏକାକାର ହୋଇଯାଏ । ସୁଖ ଓ ଦୁଃଖ, ଜୟ ଓ ପରାଜୟ ମାନ ଓ ଅପମାନ, ନିନ୍ଦା ଓ ପ୍ରଶଂସା ଏହି ସମସ୍ତ ପରିସ୍ଥିତିକୁ ସମାନ ଜ୍ଞାନ କରିବା ହିଁ ଭଗବାନ ଦ୍ୱିତୀୟ ଅଧ୍ୟାୟର ୪୮ତମ ଶ୍ଳୋକର ଯୋଗ ବୋଲି ସ୍ପଷ୍ଟ କରିଛନ୍ତି । (ସମତ୍ୱଂ ଯୋଗ ଉଚ୍ୟତେ)

**ବିଷ ଭକ୍ଷିଲେ ପ୍ରାଣୀ ମରେ । ବ୍ରହ୍ମସ୍ୱ ବଂଶନାଶ କରେ ।।**

ବିଚାରଯୋଗ୍ୟ କଥା ହେଉଛି ଯେତେବେଳେ ଆମେ ଈଶ୍ୱରଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପିତ ହୋଇଯାଉ ସେତେବେଳେ ଆମ ଭିତରେ ଉପର ଆଲୋଚିତ ତିନୋଟି ସାମର୍ଥ୍ୟ ସ୍ୱତଃ ଆସିଯାଇଥାଏ । ଜ୍ଞାନ ଯୋଗ ଅନୁସାରେ ଏହି ତିନୋଟି ଯୋଗ୍ୟତା ଆଧାରରେ ଭଗବତ୍ ଉପଲବ୍ଧି ବା ଯୋଗଯୁକ୍ତ ହେବା ଅଥବା ଭକ୍ତିଯୋଗ ମାଧ୍ୟମରେ କଥିତ ସାମର୍ଥ୍ୟଗୁଡ଼ିକ ପ୍ରାପ୍ତ ହେବା ଏକା କଥା ଅଟେ । ଏହି ପ୍ରକାର ସାମର୍ଥ୍ୟବାନ ବ୍ୟକ୍ତି ଅନନ୍ତ ସୁଖ ଓ ଆନନ୍ଦକୁ ପ୍ରାପ୍ତ ହୋଇ ମୁକ୍ତ ହୋଇ ଯାଆନ୍ତି । ତେଣୁ ଭଗବାନ ଏଠାରେ କହୁଛନ୍ତି ଯେ ସେ ଅମରତ୍ୱ ପାଇବା ନିମନ୍ତେ ଯୋଗ୍ୟ ହୋଇଯାଏ ଅଧିକନ୍ତୁ ଏହି ସ୍ଥିତି ବା ଯୋଗ୍ୟତାକୁ ଲାଭ କରିଥିବା ମନୁଷ୍ୟକୁ ମହାଦୁଃଖ ମଧ୍ୟ ବିଚଳିତ କରିପାରେ ନାହିଁ । ଶ୍ରୀମଦ୍ ଭଗବତ୍ ଗୀତାର ୬ଷ୍ଠ ଅଧ୍ୟାୟର ୨୨ତମ ଶ୍ଳୋକରେ ଏହାର ଦୃଢ଼ୀକରଣ କରାଯାଇଛି । ଯସ୍ମିନ ସ୍ଥିତୋ ନ ଦୁଃଖେନ ଗୁରୁଣାପି ବିଚାଲ୍ୟତେ ।

ଯମ ହି ନ ବ୍ୟଥୟନ୍ତେ ଏତେ ପୁରୁଷଂ ପୁରୁଷର୍ଷଭ ଏଠାରେ ଏତେ ଶବ୍ଦଟି ୧୪ ଶ୍ଳୋକରେ ଉଲ୍ଲେଖ ଥିବା ମାତ୍ରସ୍ପର୍ଶକୁ ବୁଝାଯାଉଛି । ଅର୍ଜୁନଙ୍କ ଉଦ୍ଦେଶ୍ୟରେ ପୁରୁଷର୍ଷଭ ଶବ୍ଦଟି ପ୍ରଯୁକ୍ତ କରାଯାଇଛି, କାରଣ ସେ ଅନେକ ଶ୍ରେଷ୍ଠତ୍ୱର ଅଧିକାରୀ ଥିଲେ । ଏହି ବିଶେଷଣର ପ୍ରୟୋଗ ମାଧ୍ୟମରେ ଭଗବାନ ଅର୍ଜୁନଙ୍କୁ ଜଣାଉଛନ୍ତି ଯେ ହେ ପୁରୁଷ ଶ୍ରେଷ୍ଠ ଅର୍ଜୁନ ତୁମର ସାମର୍ଥ୍ୟ ଦୃଷ୍ଟିରୁ ମୋହ ବା ସୁଖ ଓ ଦୁଃଖରେ ବିଚଳିତ ହେବା ତୁମ ପକ୍ଷରେ ଗ୍ରହଣ ଯୋଗ୍ୟ ନୁହେଁ ।

୧୫ତମ ଶ୍ଳୋକରେ ଧୀର ଶବ୍ଦଟି ଯେଉଁ ଅର୍ଥରେ ବ୍ୟବହୃତ ହୋଇଛି ଶ୍ରୀମଦ୍ ଭଗବତ୍ ଗୀତାର ୫ ଅଧ୍ୟାୟରେ ଏହି ବୁଦ୍ଧିମତା ପ୍ରାପ୍ତ କରିଥିବା ଅଧିକାରୀଙ୍କୁ ସ୍ଥିରବୁଦ୍ଧିଯୁକ୍ତ ବୋଲି ବର୍ଣ୍ଣନା କରାଯାଇଛି ।

ନ ପ୍ରହୃଷ୍ୟେତ୍ ପ୍ରିୟମ୍ ପ୍ରାପ୍ୟ ନଉଦବିଜେତ୍ ପ୍ରାପ୍ୟ ଚ ଅପ୍ରିୟମ୍
ସ୍ଥିର ବୁଦ୍ଧିଃ ଅସମ୍ମୂଢ଼ଃ ବ୍ରହ୍ମବିଦ୍ ବ୍ରହ୍ମଣି ସ୍ଥିତଃ ॥୨୦।

ଅର୍ଥାତ୍ ସ୍ଥିରବୁଦ୍ଧି ସମ୍ପନ୍ନ ବ୍ୟକ୍ତି କେବେ ହେଲେ ପ୍ରିୟବସ୍ତୁର ପ୍ରାପ୍ତିରେ ଉଲ୍ଲସିତ ହୁଅନ୍ତି ନାହିଁ ବା ଅପ୍ରିୟ ବସ୍ତୁର ଆଗମନରେ ଉଦବିଗ୍ନ ହୁଅନ୍ତି ନାହିଁ । ଏହିପରି ଅଧିକାରୀ ବ୍ୟକ୍ତି ଈଶ୍ୱରଙ୍କ ସ୍ୱରୂପରେ ସର୍ବଦା ଅବସ୍ଥାନ କରିଥାନ୍ତି । ଏହି ଶ୍ଳୋକରେ ଉଲ୍ଲେଖ କରାଯାଇଥିବା ପଦ ବ୍ରହ୍ମବିତ୍ ବ୍ରହ୍ମଣି ସ୍ଥିତଃ ଦ୍ୱିତୀୟ ଅଧ୍ୟାୟର ୧୫ତମ ଶ୍ଳୋକରେ ପ୍ରୟୋଗ କରାଯାଇଥିବା ପଦ ଅମୃତତ୍ୱାୟ କଳ୍ପତେ ଏକ ପ୍ରକାର ଅବସ୍ଥାକୁ ଦର୍ଶାଉଛନ୍ତି ଯେଉଁ ସ୍ଥିତିରେ ଜ୍ଞାନୀ ଓ ଭକ୍ତମାନେ ନିତ୍ୟଯୋଗରେ ଅବସ୍ଥାନ କରିଥାନ୍ତି । ଏହାର ବର୍ଣ୍ଣନ ଶ୍ରୀମଦ୍ ଭଗବତ୍ ଗୀତାରେ ଅନ୍ୟତ୍ର ମଧ୍ୟ କରାଯାଇଛି ।

ବାସ୍ତବରେ ସାଂସାରିକ ସୁଖରେ ଦୁଃଖ ମିଶ୍ରିତ ହୋଇ ରହିଥାଏ । ସାଧାରଣ ବ୍ୟକ୍ତି ଏହାକୁ ବୁଝି ନ ପାରି ସୁଖ ବୋଲି ମନେ କରିଥାଏ । ମହର୍ଷି ପତଞ୍ଜଳିଙ୍କ ପ୍ରଣୀତ ଯୋଗ ଦର୍ଶନରେ କୁହାଯାଇଛି ଦ୍ରଷ୍ଟଦୃଶ୍ୟୟୋଃ ସଂଯୋଗଃ ହେୟହେତୁଃ (୨/୧୭) ଅର୍ଥାତ୍ ଏହି ଦୃଶ୍ୟମାନ ଜଗତ ବା ପ୍ରକୃତିରୁ ସଂଯୋଗରୁ ଆମକୁ ଦୁଃଖ ସୁଖର ଅନୁଭୂତ ହୋଇଥାଏ । ଏଠାରେ ଜୀବାତ୍ମା ଦ୍ରଷ୍ଟା ଏବଂ ରୂପ ରସ ଗନ୍ଧାଦି ବାହ୍ୟ ପଦାର୍ଥ ଓ ଇନ୍ଦ୍ରୀୟ ପଦ ବୁଦ୍ଧି ଇତ୍ୟାଦି ଦୃଶ୍ୟ ଅଟନ୍ତି । ତେଣୁ ଏହି ଦୃଶ୍ୟମାନ ଜଗତର ସଂଯୋଗରୁ ପ୍ରାପ୍ତ ହେଉଥିବା ଅନୁକୂଳତା ବା ପ୍ରତିକୂଳତାକୁ ଉପଭୋଗ ନ କରି ଏହାର ଉପଯୋଗ ମଧ୍ୟମରେ ନିଜର ସାମର୍ଥ୍ୟକୁ ବୃଦ୍ଧି କରିବା ସଂଗେ ସଂଗେ ଅମୃତତ୍ୱର ଅନ୍ୱେଷଣରେ ବ୍ରତୀ ହେବା ପୁରୁଷାର୍ଥ ଅଟେ । ପରିସ୍ଥିତି ଯାହା ଆସୁନା କାହିଁକି ଆମକୁ ସ୍ଥିରବୁଦ୍ଧିରେ ସେଗୁଡ଼ିକୁ ସମ୍ମୁଖୀନ ହେବାକୁ ପଡ଼ିବ । ଏଠାରେ ମହାତ୍ମା କବୀରଙ୍କ ଏକ ଦୋହା ପ୍ରାସଙ୍ଗିକ ମନେ ହୁଏ ।

କବୀର ଖାଡ଼ା ବାଜାରମେ ସବକୋ ମାଗେଂ ଖୈର
ନା କାହୁସୋଂ ଦୋସ୍ତି ନା କାହୁ ସୋଂ ବୈର ॥

ତେଣୁ ଲଭ୍ୟ ବା ଅଲଭ୍ୟ ସୁଖ ବା ଦୁଃଖ ପ୍ରିୟ ବା ଅପ୍ରିୟ ଯାହା ବି ଉପସ୍ଥିତ ହେଉ ଅପରାଜିତ ହୃଦୟରେ ସେଗୁଡ଼ିକୁ ଆଦରି ନେବା ଉଚିତ ।

ସୁଖଂ ବା ଯଦିବା ଦୁଃଖଂ ପ୍ରିୟମ୍ ବା ଯଦିଚ ଅପ୍ରିୟମ୍
ପ୍ରାପ୍ତ ଅପ୍ରାପ୍ତମ୍ ଆସିତ ହୃଦୟେନ ଅପରାଜିତଃ ।

କବି ଚିନ୍ତାମଣି ମହାନ୍ତିଙ୍କ ଭାଷାରେ ନିନ୍ଦା ଓ ପ୍ରଶଂସା ଉଭୟ ନିରସ ଓ ଅସ୍ଥାୟୀ ଅଟନ୍ତି । ସେହିପରି ସୁଖ ଓ ଦୁଃଖ ମଧ୍ୟ ଅସ୍ଥାୟୀ ।

ନିନ୍ଦା ପ୍ରଶଂସାରେ ନୁହେଁ ଦୁଃଖିତ ବା ସ୍ଫୀତ
ଯେଉଁ ଲୋକ ସେହି ଏକା ଅଟଇ ପଣ୍ଡିତ ।
ନିନ୍ଦା ପ୍ରଂଶସାରେ କିଛି ହାନିଲାଭ ନାହିଁ
ଉଭୟେ ଅଟନ୍ତି ପୁଣି ନିରସ ଅସ୍ଥାୟୀ ।

*କୋଷାଧକ୍ଷ, ଶିକ୍ଷା ବିକାଶ ସମିତି, ଓଡ଼ିଶା*

ଭାବ ନ ରହେ ବେନି ମଧ୍ୟେ । ନିନ୍ଦିତ ଶାସ୍ତ୍ର ଅନୁବାଦେ ॥

**ଆମ ମହାପୁରୁଷ**

# ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ

*ଶ୍ରୀ କପିଳେନ୍ଦ୍ର ସାମନ୍ତରାୟ*

ଭାରତ ଏକ ସଂସ୍କୃତିସମ୍ପନ୍ନ ଦେଶ । ତା'ର ଚଳଣି ତା'ର ସଂସ୍କୃତି ସବୁକିଛି ମାର୍ଜିତ । ମାର୍ଜିତ ତା'ର ନୀତି ନିୟମ । ଋଗ୍‌ବେଦ, ୧୦୮ ଉପନିଷଦ, ଷଡ଼ଦର୍ଶନ ଅଷ୍ଟାଦଶ ପୁରାଣ ଏ ସମସ୍ତ ଶାସ୍ତ୍ରର ନୀତିନିୟମକୁ ଦେଖିଲେ ଯେ କେହି ବାଟବଣା ହେବାର ଆଶଙ୍କା ରହିଛି । ଭିନ୍ନତା ମଧ୍ୟରେ ଏକତା ଏହାର ଆଉ ଗୋଟିଏ ଗୁଣ । ଭିନ୍ନ ଭିନ୍ନ ମତାମତକୁ ନେଇ ଯେତେବେଳେ ମନ ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜେ, ସେତେବେଳେ କେହି ନା କେହି ଆମର ଆଶଙ୍କା ସମାଧାନ କରିଥାନ୍ତି । ଆଧ୍ୟାତ୍ମିକ ଜ୍ଞାନର ଗନ୍ତାଘର ଆମର ଦର୍ଶନ ଶାସ୍ତ୍ର । ଏହି ଷଡ ଦର୍ଶନର ଜଟିଳ ତତ୍ତ୍ୱକୁ ଦୂର କରି ଆମ ପାଇଁ ଯିଏ ସରଳମାର୍ଗର ସନ୍ଧାନ ଦେଇଥିଲେ, ସେହି ମହାନ୍ ଦାର୍ଶନିକ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ । ସେ ଏକା ଧାରରେ ଥିଲେ ମହାନ୍ ଦାର୍ଶନିକ, ସୁପ୍ରସିଦ୍ଧ ଶିକ୍ଷାବିତ, ଆଦର୍ଶ ଶିକ୍ଷାଦାତା ତଥା ସମାଜ ସଂସ୍କାରକ । ସ୍ୱୀୟ ସାଧନାବଳରେ ଗୋଟିଏ ପରେ ଗୋଟିଏ ପାବଚ୍ଛ ଅତିକ୍ରମ କରି ଉପରାଷ୍ଟ୍ରପତି ପଦରୁ ରାଷ୍ଟ୍ରପତି ପଦ ଅଳଂକୃତ କରିପାରିଥିଲେ ।

ଏ ସେହି ମହାପୁରୁଷ ଯାହାଙ୍କର ଦୀପ୍ତିରେ ଦିନେ ସାରାବିଶ୍ୱ ଝଲସି ଉଠିଥିଲା । ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖ ମାଡ୍ରାଜର ଏକ ଅଖ୍ୟାତ ପଲ୍ଲୀରେ ଜନ୍ମଗ୍ରହଣ କରିଥିଲେ । ପିତା ଥିଲେ ବୀରସ୍ୱାମୀ ପୁରୋହିତ । ଦାରିଦ୍ର୍ୟ କଷାଘାତରେ ଜର୍ଜରିତ ବୀରସ୍ୱାମୀ ପୁତ୍ରକୁ ଉପଯୁକ୍ତ ଶିକ୍ଷା ଦେବାରେ ଅସମର୍ଥ ଥିଲେ । ତୁଳସୀ ଦୁଇ ପତ୍ରରୁ ବାସିଲା ପରି ଏଇ ଦରିଦ୍ର ଶିଶୁ ଯେ ଦିନେ ବଡମଣିଷ ହେବ, ତାହା ତାଙ୍କ ପିଲା ଦିନରୁ ଜଣାପଡିଥିଲା । ସେ ସାଙ୍ଗସାଥୀ ତଥା ଶିକ୍ଷକ ମାନଙ୍କର ଆଦରର ପାତ୍ର ଥିଲେ । ଦୁଃଖଦୁର୍ଦ୍ଦିନ ତାଙ୍କ ଶିକ୍ଷାରେ ଅନ୍ତରାୟ ସୃଷ୍ଟି କରି ପାରିନଥିଲା । ସମାପ୍ତ ହେଲା ବାଲ୍ୟ ଶିକ୍ଷା ।

ଉଚ୍ଚ ଶିକ୍ଷା ପାଇଁ ମାଡ୍ରାଜ ପ୍ରେସିଡେନସି କଲେଜରେ ସେ ନାମ ଲେଖାଇଲେ । ବି.ଏ. ପରୀକ୍ଷାରେ ଦର୍ଶନଶାସ୍ତ୍ରରେ ସେ ଟପ୍‌ପର ହୋଇଥିଲେ । ପିଲାଦିନେ ଯେ ପାଠ ପଢ଼ିବାର ସୁଯୋଗ ପାଉନଥିଲେ ସେ ଦିନେ ପିଲାମାନଙ୍କୁ ପାଠପଢ଼ାଇବେ ଏହା ଥିଲା କଳ୍ପନାର ବାହାରେ । ଯାହାହେଉ ନିଜର ଦୃଢ଼ ମନୋବଳ ଯୋଗୁଁ ସେହି ବିଦ୍ୟାଳୟରେ ଅଧ୍ୟାପନା କରିବାର ସୁଯୋଗ ମିଳିଲା । ଦର୍ଶନର ଜଟିଳ ତତ୍ତ୍ୱକୁ ସେ ଯେପରି ସରଳ ଭାବରେ ବ୍ୟାଖ୍ୟା କରୁଥିଲେ ତାହା ସମସ୍ତଙ୍କୁ ଚମତ୍କୃତ କରାଉଥିଲା । ପାଖ ଶ୍ରେଣୀର ପିଲାମାନେ ତାଙ୍କର ବ୍ୟାଖ୍ୟା ଶୁଣିବାକୁ ଉଠି ଆସୁଥିଲେ । ନିଜର ପ୍ରଚେଷ୍ଟା ଦ୍ୱାରା ଦର୍ଶନ ଶାସ୍ତ୍ରରେ ଡକ୍ଟରେଟ୍ ଉପାଧି ଲାଭ କରି ମହୀଶୂର ବିଶ୍ୱବିଦ୍ୟାଳୟର ମୁଖ୍ୟ ଅଧ୍ୟାପକ ହେଲେ । ପରବର୍ତ୍ତୀ ସମୟରେ ପଣ୍ଡିତ ମଦନମୋହନ ମାଲବ୍ୟଙ୍କ ଦ୍ୱାରା ସ୍ଥାପିତ ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟର କୁଳପତି ହୋଇଥିଲେ । ଭାରତ ଗୁରୁର ଦେଶ । ଏଠାରେ ଗୁରୁମାନଙ୍କୁ ଦ୍ୱିତୀୟ ଈଶ୍ୱରର ମାନ୍ୟତା ଦିଆଯାଏ । ଶ୍ରୀମଦ୍ ଭାଗବତ ମହାପୁରାଣରେ ନିଜେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି-

ମୋତେ ପୂଜିବ ଗୁରୁ ଦେହେ । ମୋ ଠହୁଁ ଗୁରୁ ଭିନ୍ନ ନୋହେ ।।

ତଥାପି ପ୍ରାଚୀନ ଭାରତର ଗୁରୁ ପରମ୍ପରା ସହ ଆଧୁନିକ ଭାରତର ଗୁରୁ ପରମ୍ପରାକୁ ତଉଲି ବସିଲେ ଆକାଶ ପାତାଳ ପାର୍ଥକ୍ୟ ପରିଲକ୍ଷିତ ହୁଏ । ପ୍ରାଚୀନ ଭାରତରେ ଗୁରୁଙ୍କର ଆସନ ଆଦର୍ଶ ତଥା ସମ୍ମାନ ଊର୍ଦ୍ଧ୍ୱରେ ଥିଲା । ସାମାଜିକ ତଥା ରାଜନୀତିକ ସମାଧାନରେ ସେମାନଙ୍କ ମତାମତ ନିଆ ଯାଉଥିଲା । ଆଜି ଠିକ୍ ତାହାର ଓଲଟା । ନିମ୍ନ ଶ୍ରେଣୀରେ ଗୁରୁମାନଙ୍କୁ ପରିଗଣିତ କରାଯାଉଛି । ତାଙ୍କର ଗୁଣ ପରିବର୍ତ୍ତେ ଦୋଷ ଦୁର୍ବଳତାକୁ ବଖାଣ କରିବା ପାଇଁ ସମାଜ ଶତଜିହ୍ୱ ହୋଇ ଉଠିଛି । ଗୋଟିଏ ଦିଗପ୍ରତି ଆମେ ସମସ୍ତେ ଧ୍ୟାନ ଦେବା ଉଚିତ । ଯିଏ ଯେତେ ବଡ଼ ପଦବୀ ମଣ୍ଡନ କରିଥାଉନା କାହିଁକି

ସେ ଆଦିଗୁରୁ ଜନ୍ମକର୍ତ୍ତା । ତହୁଁ ଅଧିକ ବିଦ୍ୟାଦାତା ।।

ପ୍ରତ୍ୟେକ କ୍ଷେତ୍ରରେ କେହି ଜଣେ ଗୁରୁଙ୍କର ଅବଦାନ ରହିଛି ଏହି ପରମ ଚରମ ସତ୍ୟକୁ ଅଙ୍ଗାଂଗୀ ଭାବେ ଅନୁଭବ କରିଥିଲେ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ । ଯେଉଁଥିପାଇଁ ନିଜର ଜନ୍ମ ଦିବସକୁ ଗୁରୁଦିବସ ରୂପେ ପାଳନ କରିବା ପାଇଁ କହିଯାଇଥିଲେ । ହୃତ ଗୌରବ ଗତଗଉରବକୁ ଫେରାଇ ଆଣିବାକୁ ଅଣ୍ଟା ଭିଡ଼ିଥିଲେ ସେ । ତାଙ୍କର ଆଦର୍ଶରେ ଆଜି ବି ଗୁରୁ ଦିବସ ପାଳିତ ହେଉଛି ସତ, ମାତ୍ର ତାଙ୍କର ମହତ୍ୱାକାଂକ୍ଷା ଲୁକ୍କାୟିତ ହୋଇ ରହିଯାଇଛି । ଉତ୍କଳମଣି ଗୋପବନ୍ଧୁ ଦାସ ଲେଖିଛନ୍ତି -

ରାତ୍ରିକର ଉଜାଗରେ କିବା ପ୍ରୟୋଜନ
ନିଦ୍ରା ବିମୋହିତ ମୋର ସକଳ ଜୀବନ ।

ବର୍ଷରେ ଗୋଟିଏ ଦିନ ଦିବ୍ୟଆସନରେ ବସାଇ ଦିବ୍ୟଭୋଗ ପ୍ରଦାନ କରିବା, ଗାଇ ବସିବା ତାଙ୍କର ବନ୍ଦନା । ଆଉ ଅବଶିଷ୍ଟ ଦିନ ମାନଙ୍କରେ ଭୁଲିଯିବା ସେହି ଆଦର୍ଶକୁ । ଯାହାହେଉ ତଥାପି ଆଦର୍ଶ ଗୁରୁ ଭାବରେ ସାରା ବିଶ୍ୱକୁ ଆଲୋକିତ କରିଯାଇଛନ୍ତି ରାଧାକ୍ରିଷ୍ଣନ । ତାଙ୍କର ଆଦର୍ଶ ଶିକ୍ଷା ପ୍ରଣାଳୀ, ଦାର୍ଶନିକ ଦିଗ୍‌ଦର୍ଶନ ଉଚ୍ଚ ପ୍ରଶଂସିତ ହୋଇପାରିଛି ।

ରାଜନୀତିକ କ୍ଷେତ୍ରରେ ମଧ୍ୟ ତାଙ୍କର ଅବଦାନ ଅବିସ୍ମରଣୀୟ । ଦୀର୍ଘ ଦଶବର୍ଷ ଉପରାଷ୍ଟ୍ରପତି ପଦରେ ଅବସ୍ଥାପିତ ହୋଇ ସେ ରାଷ୍ଟ୍ରପତି ପଦ ଅଳଂକୃତ କରିଛନ୍ତି । ରାଷ୍ଟ୍ରଦୂତ ଭାବରେ ମଧ୍ୟ କାର୍ଯ୍ୟନିର୍ବାହ କରିଛନ୍ତି । ସେତେବେଳେ ଭାରତ ଓ ଋଷ ମଧ୍ୟରେ ଥିବା ତିକ୍ତ ସମ୍ପର୍କକୁ ଦୂର କରିପାରିଛନ୍ତି । ତାଙ୍କ ଗୁଣରେ ମୁଗ୍ଧ ହୋଇ ଆମେରିକାର ରାଷ୍ଟ୍ରପତି ଜନ ଏଫ୍ କେନେଡି ନିଜ ବିମାନକୁ ରାଧାକ୍ରିଷ୍ଣନଙ୍କୁ ବ୍ୟବହାର ଲାଗି ପ୍ରଦାନ କରିଥିଲେ ।

ବଣମଲ୍ଲୀଟିଏ ବଣରେ ଫୁଟି ତା'ର ସୌରଭରେ ଚତୁର୍ଦ୍ଦିଗକୁ ମହକାଇ ଦେଇଥାଏ । ଏକ ଅଖ୍ୟାତ ପଲ୍ଲୀର ଦରିଦ୍ର ପରିବାରରେ ଜନ୍ମ ନେଇଥିବା ଶିଶୁଟିଏ ଯେ ଦିନେ ସାରାବିଶ୍ୱକୁ ମହକାଇ ଦେବ ଏ କଥା କିଏ ଜାଣିଥିଲା ? ପ୍ରାଚ୍ୟପାଶ୍ଚାତ୍ୟ ଦର୍ଶନର ମିଳନ ଘଟାଇ ବିରାଟ ସେତୁଟିଏ ନିର୍ମାଣ କରିଗଲେ ସେ ଯାହାଦ୍ୱାରା ସାମାଜିକ କ୍ଷେତ୍ରରେ ରାଜନୀତିକ କ୍ଷେତ୍ରରେ ତଥା ଧାର୍ମିକ କ୍ଷେତ୍ରରେ ଏକ ବିରାଟ ଆଲୋଡନ ସୃଷ୍ଟି ହେଲା । ତାଙ୍କର ବିଶ୍ୱଭାତୃତ୍ୱ ତଥା ମାନବଧର୍ମ ସ୍ଥାପନାର ସ୍ୱପ୍ନ ସାର୍ଥକ ହେଲେ ତାହା ହିଁ ତାଙ୍କ ପାଇଁ ଯଥାର୍ଥ ସମ୍ମାନ ହେବ । ଅମର ଧାମରୁ ବିକିରିତ ଆଲୋକରେ ଆମ ସମସ୍ତଙ୍କୁ ଦିଗ୍‌ଦର୍ଶନ ଦିଅନ୍ତୁ । ଏତିକି ମାତ୍ର କାମନା ।

## ନୀତିବାଣୀ

**ହେ ବିଦ୍ୟାର୍ଥୀ ! ନମସ୍କାର୍ ଭାରତୀୟ ସଂସ୍କୃତିର୍ ଏକ ଶ୍ରେଷ୍ଠ ସଂସ୍କାର୍ । ନମସ୍କାର୍ ଅର୍ଥ ନମନ, ବନ୍ଦନ ବା ପ୍ରଣାମ, ଦୁଇ୍ ହାତ ଯୋଡ଼ି ମୁଣ୍ଡ ନୁଆଁଇ୍ ପ୍ରଣାମ କରିବାର୍ ଆମର୍ ପ୍ରାଚୀନ ପରମ୍ପରା ଅଛି । ତୁମେ କୌଣସି ବୟସ୍କ, ମାତା-ପିତା, ସନ୍ଥ, ଜ୍ଞାନୀ ମହାପୁରୁଷଙ୍କ ସମ୍ମୁଖରେ୍ ହାତ ଯୋଡ଼ି ନତ ମସ୍ତକ ହେଲେ୍ ତୁମର୍ ଅହଙ୍କାର୍ ଶୂନ୍ୟ ହୋଇ୍ ଅନ୍ତଃକରଣ ଶୁଦ୍ଧ ହୁଏ । ଏହା ଏକ ଯୋଗମୁଦ୍ରା ଅଟେ, ଯାହାକି ଜୀବନଶକ୍ତି ଏବଂ ଚେତନଶକ୍ତି ବୃଦ୍ଧି କରିଥାଏ ।**

ତା ତହୁଁ ଶ୍ରେଷ୍ଠ ଜ୍ଞାନଗୁରୁ । ମହିମା କେବା ଅନ୍ତ କରୁ ।।

ମହାନ ନାରୀ

# ମହୀୟସୀ ନାରୀ ରମାଦେବୀ

✸ *ଶ୍ରୀଯୁକ୍ତ ମାନସରଞ୍ଜନ ଜେନା*

ଭାରତୀୟ ଇତିହାସ ଅଧ୍ୟୟନ କଲେ ଜଣାପଡ଼େ ଯେ, ଭାରତୀୟ ନାରୀମାନଙ୍କ ପରିଚୟ ହେଉଛି ସ୍ୱତନ୍ତ୍ର । ସମାଜର ପ୍ରତିଟି କ୍ଷେତ୍ରରେ ମହୀୟସୀ ନାରୀମାନଙ୍କର ଯୋଗଦାନ ଅତି ପ୍ରଶଂସନୀୟ । ନାରୀ ସୃଷ୍ଟିକାରିଣୀ ହୋଇ କେବଳ କୁଳବଧୂ ସାଜି ନ ପାରେ ସେ ସମାଜର ଆବଶ୍ୟକ ବେଳେ ମଧ୍ୟ ଦେଶ ତଥା ରାଜ୍ୟର ସର୍ବୋଚ୍ଚ ଆସନ ଅଳଂକୃତ କରି ଗୁରୁ ଦାୟିତ୍ୱ ନିର୍ବାହ କରିପାରେ । ବେଳେ ବେଳେ ସେବାକାରିଣୀ ଭାବେ ଉତ୍ସର୍ଗୀକୃତ ହୋଇପାରେ ମଧ୍ୟ । ସେହିଭଳି ଓଡ଼ିଶାର ଜଣେ ମହୀୟସୀ ଖ୍ୟାତନାମା ମହିଳା ମା' ରମାଦେବୀ । ସେ ଦେଶ ଜାତିର ସ୍ୱାଧୀନତା, ସୁରକ୍ଷା, ଅଖଣ୍ଡତା ଓ ସେବା ପାଇଁ ନିଜକୁ ଉତ୍ସର୍ଗ କରିଥିଲେ । ଏବେ ତାଙ୍କ ବିଷୟରେ କିଛି ଆଲୋଚନା କରିବା ।

ରମାଦେବୀ ଚୌଧୁରୀ ୧୮୯୯ ମସିହା ଡିସେମ୍ବର ମାସ ୩ ତାରିଖରେ କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ସତ୍ୟଭାମାପୁର ଗ୍ରାମରେ ପିତା ଗୋପାଳ ବଲ୍ଲଭ ଦାସ ଓ ମାତା ବସନ୍ତ କୁମାରୀ ଦେବୀଙ୍କ ଔରସରୁ ଜନ୍ମଗ୍ରହଣ କରିଥିଲେ । ପିତା ଗୋପାଳ ବଲ୍ଲଭ ଦାସ ଉତ୍କଳ ଗୌରବ ମଧୁସୂଦନଙ୍କ ନିଜ ସାନ ଭାଇ ଥିଲେ । ରମାଦେବୀଙ୍କ ବଡ ଭଉଣୀଙ୍କ ନାମ ଉମାଦେବୀ ଥିଲା । ପିତାମାତା ରମାଦେବୀଙ୍କୁ ଶ୍ରଦ୍ଧାରେ ବେଲ ବୋଲି ଡାକୁଥିଲେ । ପିତା ଗୋପାଳ ବଲ୍ଲଭ ଦାସ ତତ୍କାଳୀନ ଡେପୁଟି କଲେକ୍ଟର ଥିଲେ । ସେ ବିହାରର ଗୟା, ମୁଜାଫରପୁର, ହଜାରିବାଗ ଭଳି ସମସ୍ୟାବହୁଳ ଅଞ୍ଚଳରେ ପ୍ରଜାମାନଙ୍କ ନିକଟତର ହୋଇ ପାରିଥିଲେ । ରମାଦେବୀ ହେଉଛନ୍ତି ଉତ୍କଳ ଗୌରବ ମଧୁସୂଦନଙ୍କ ଝିଆରୀ । କୌଣସି ବିଦ୍ୟାଳୟକୁ ନ ଯାଇ ମା' ରମାଦେବୀ ଓଡିଆ, ସଂସ୍କୃତ, ହିନ୍ଦୀ, ବଙ୍ଗଳା ଭାଷାକୁ ଆୟତ୍ତ କରିଥିଲେ । ବଡ ଭଉଣୀ ଉମାଦେବୀଙ୍କ ଭଲ ଉପଦେଶ ତାଙ୍କ ଉପରେ ଖୁବ୍ ପ୍ରଭାବ ପକାଇ ଥିଲା । ପିଲାଦିନେ ମାତା ବସନ୍ତକୁମାରୀ ପିଲାମାନଙ୍କୁ ମହାପୁରୁଷ ମାନଙ୍କ ଜୀବନୀ, ନୀତିଶିକ୍ଷା, ମହାଭାରତ କାହାଣୀଗୁଡିକ ଶୁଣାଇ ଦିଗଦର୍ଶନ ଦେଉଥିଲେ ।

୧୯୧୪ ମସିହାରେ ରମାଦେବୀ ମାତ୍ର ୧୫ ବର୍ଷ ବୟସରେ ସ୍ୱାଧୀନତା ସଂଗ୍ରାମୀ, ତତ୍କାଳୀନ ଡେପୁଟି କଲେକ୍ଟର ତଥା କଟକର ଓକିଲ ଗୋପବନ୍ଧୁ ଚୌଧୁରୀଙ୍କୁ ବିବାହ କରିଥିଲେ । ଗୋପବନ୍ଧୁ ଚୌଧୁରୀ ଥିଲେ କଟକର ପ୍ରସିଦ୍ଧ ଓକିଲ ତଥା ନାମକରା ଜମିଦାର ଗୋକୁଳାନନ୍ଦ ଚୌଧୁରୀଙ୍କ ପୁତ୍ର । କିଛି ଦିନ ପରେ ଶ୍ୱଶୁର ଓ ତା ପରେ ଶାଶୁଙ୍କର ବିୟୋଗ ଘଟିଥିଲା । ଏହା ରମାଦେବୀଙ୍କୁ ବହୁତ ଆଘାତ ଦେଇଥିଲା । ସେ ସମୟର ମର୍ଯ୍ୟାଦା ସମ୍ପନ୍ନ ଡେପୁଟି କଲେକ୍ଟର ପଦବୀ ଛାଡ଼ି ଗୋପବନ୍ଧୁ ସସ୍ତ୍ରୀକ ସ୍ୱଦେଶୀ ଆନ୍ଦୋଳନରେ ସାମିଲ ହୋଇଗଲେ । ପରେ ପରେ ତାଙ୍କ ଅନୁଜ ନବକୃଷ୍ଣ ଚୌଧୁରୀ ଭ୍ରାତୃବଧୂ ମାଳତୀ ଚୌଧୁରୀ, ପୁତ୍ର ମନମୋହନ ଚୌଧୁରୀ, କନ୍ୟା ଅନ୍ନପୂର୍ଣ୍ଣା ଦେଶ ସେବାକୁ ଜୀବନର ବ୍ରତ ରୂପେ ଗ୍ରହଣ କରି ନେଇଥିଲେ । ଦେଶ ସ୍ୱାଧୀନତା ପ୍ରତି ରମାଦେବୀଙ୍କ ଆସ୍ତେ ଆସ୍ତେ ଗୋଟେ ଅହେତୁକ ମାୟା ଜନ୍ମି ଉଠିଥିଲା ।

୧୯୨୧ ମାର୍ଚ୍ଚ ୨୪ ତାରିଖ ଦିନ ମହାତ୍ମା ଗାନ୍ଧୀ କଟକ କାଠଯୋଡି ବାଲି ଓ ବିନୋଦ ବିହାରୀ ପରିସରରେ ହୋଇଥିବା ସାଧାରଣ ସମାବେଶରେ ଯୋଗ ଦେଇ ହରିଜନ ଦଳିତ ମାନଙ୍କ ସୁରକ୍ଷା ଓ ସ୍ୱଦେଶୀ ଆନ୍ଦୋଳନର ଆବଶ୍ୟକତା ବୁଝାଇଥିଲେ । ନିଜ ଭାଷଣରେ ମହିଳାମାନଙ୍କୁ ଗହଣା ନ ପିନ୍ଧି ଦେଶ ସେବା ପାଇଁ ତାହାକୁ ଦାନ କରନ୍ତୁ ବୋଲି ନିବେଦନ କରିଥିଲେ । ଉକ୍ତ ସଭାରେ ଉପସ୍ଥିତ ଥିବା ରମାଦେବୀ ଗାନ୍ଧିଜୀଙ୍କ ଭାଷଣରେ ପ୍ରଭାବିତ ହୋଇ ନିଜର ବହୁମୂଲ୍ୟ ୨୦୦ ଭରି ସ୍ୱର୍ଣ୍ଣ ଅଳଙ୍କାର ଓ ଅନେକ ମୂଲ୍ୟବାନ

ଦ୍ରବ୍ୟ ଗାନ୍ଧିଜୀଙ୍କ ସ୍ୱରାଜ ପାଣ୍ଠିକୁ ଦାନ କରିବା ସହିତ ଶସ୍ତା ଶାଢ଼ୀ ପିନ୍ଧିବା ଆରମ୍ଭ କରିଥିଲେ ଓ ଖଦୀ ବସ୍ତ୍ର ଆଜୀବନ ପରିଧାନ କରିବା ପାଇଁ ସଂକଳ୍ପ କରିଥିଲେ । ସେ ଗୋପବନ୍ଧୁ ଦାସଙ୍କ ଭାଷଣ ଓ ଗାନ୍ଧିଜୀଙ୍କ ବାଣୀ ଓ କଂଗ୍ରେସର କାର୍ଯ୍ୟ ଉପରେ ସନ୍ତୁଷ୍ଟ ହେବା ପରେ ତାଙ୍କ ଭିତରେ ଥିବା ଦେଶ ପ୍ରୀତି ଧୀରେ ଧୀରେ ଜାଗ୍ରତ ହୋଇ ଉଠିଥିଲା । ରମାଦେବୀ ତାଙ୍କ ବଡ଼ଲୋକୀ ଆଭିଜାତ୍ୟ ଅଭିମାନକୁ ଫିଙ୍ଗି ଦେଇ ଖଦଡ଼ ଲୁଗା ପରିଧାନ କରି ଦେଶର ଆନ୍ଦୋଳନରେ ନିଜକୁ ସମ୍ପୂର୍ଣ୍ଣ ସାମିଲ କରିବା ପାଇଁ ପ୍ରସ୍ତୁତ ହୋଇଥିଲେ । ସେ ଦୁଇ ପୁଅଙ୍କ ସହିତ ଜଗତସିଂହପୁରସ୍ଥିତ ଅଳକା ଆଶ୍ରମରେ ଏକ ସରଳ ନିରାଡ଼ମ୍ବର ଜୀବନଯାପନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ରମାଦେବୀ ସ୍ୱରାଜ୍ୟ ବିପ୍ଳବରେ ଝାସ ଦେଇ ବହୁବାର କାରାବରଣ କରିଥିଲେ ।

୧୯୩୦ର ଆଇନ ଅମାନ୍ୟ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ୧୯୩୪ ଅଗଷ୍ଟ ୮ ଗାନ୍ଧିଜୀଙ୍କ ଶ୍ରୀକ୍ଷେତ୍ର ହରିଜନ ସମାବେଶ ସହ ଶ୍ରୀମନ୍ଦିର ସମ୍ମୁଖରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନର ମୁଖ୍ୟ ଦାୟିତ୍ୱ ନେଇଥିଲେ । ୧୯୨୫ ଅଗଷ୍ଟ ୧୯ ଓ ୨୦ ଦିନ ଧରି ମହାତ୍ମାଗାନ୍ଧୀ ଉତ୍କଳଗୌରବ ମଧୁସୂଦନଙ୍କ କଟକ ବାସଭବନରେ ରହିବା ବେଳେ ତାଙ୍କ ଠାରୁ ସ୍ୱଦେଶ ଜାଗରଣ କାର୍ଯ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଗ୍ରହଣ କରିଥିଲେ । କଟକ ରହଣି ସମୟରେ ମଧୁସୂଦନଙ୍କ ସଞ୍ଚାଳିତ କୁଟୀର ଶିଳ୍ପ, ତାରକସି ଶିଳ୍ପ, ଚମଡା ଶିଳ୍ପ କେନ୍ଦ୍ର ଗୁଡିକ ଦେଖି ଗାନ୍ଧିଜୀ ପ୍ରଭାବିତ ହୋଇଯାଇଥିଲେ । କଟକରେ କୁଷ୍ଠାଶ୍ରମ ପ୍ରତିଷ୍ଠା, ହରିଜନ ମଙ୍ଗଳ କାର୍ଯ୍ୟ ଗାନ୍ଧିଜୀ ଆରମ୍ଭ କରିଥିଲେ । ରମାଦେବୀ ଛାଇ ପରି ତାଙ୍କ ସଙ୍ଗେ ସଙ୍ଗେ ରହି ଗାନ୍ଧିଜୀଙ୍କ ହିନ୍ଦୀ ଭାଷଣର ଅନୁବାଦ କରି ସମସ୍ତଙ୍କୁ ଶୁଣାଉଥିଲେ । ବଡ଼ବାପା ମଧୁସୂଦନ ଓ ଗାନ୍ଧିଜୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ୱାର୍ଦ୍ଧା ଆଶ୍ରମ ଶୈଳୀରେ ଗଢ଼ିଥିଲେ ବରି ଆଶ୍ରମ । ରମାଦେବୀଙ୍କ ଏତାଦୃଶ କାର୍ଯ୍ୟ ଇଂରେଜ ସରକାରଙ୍କୁ ବିଚଳିତ କରିଦେଲା । ୧୯୪୨ ଭାରତ ଛାଡ ଆନ୍ଦୋଳନରେ ପ୍ରତ୍ୟକ୍ଷ ସମ୍ପୃକ୍ତି ହେତୁ ଇଂରେଜ ସରକାର ମା ରମାଦେବୀ ଓ ସ୍ୱାମୀ ଗୋପବନ୍ଧୁଙ୍କୁ ଦୁଇ ବର୍ଷ ପାଇଁ ଜେଲଦଣ୍ଡ ଦେଇଥିଲେ । ଦେଶ ସ୍ୱାଧୀନ ହେବା ପରେ ବହୁ ଜନନେତା ପଦପଦବୀ ପାଇଁ ବ୍ୟାକୁଳ ହୋଇ ଉଠିଲେ ମାତ୍ର ଏହି ଦେଶ ପ୍ରେମୀ ଦମ୍ପତି ସେଥିରୁ ନିବୃତ ରହି ଜନସେବାକୁ ଧର୍ମ ଭାବେ ମାନି ନେଇଥିଲେ । ୧୯୫୫ ମସିହା ବିନୋବାଜୀଙ୍କ ଭୂଦାନ ଯଜ୍ଞର ସଫଳତା ପଛରେ ରମାଦେବୀଙ୍କର ଅଭୟ ହସ୍ତ ଥିଲା । ନିଜେ ଏବଂ ନିଜ ପରିବାରର ସମସ୍ତ ସଦସ୍ୟ ଏଭଳି ମହାନ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଏକ ଆଦର୍ଶ ସ୍ଥାପନ କରିଯାଇଛନ୍ତି । ସେ ବହୁ ମହିଳାଙ୍କୁ ନିଜର ତେଜସ୍ୱିନୀ ଭାଷଣ ଦ୍ୱାରା ବାନ୍ଧି ରଖି ପାରି ଥିଲେ । ରମାଦେବୀଙ୍କର ସାହସ, ଧୈର୍ଯ୍ୟ, ସୁନ୍ଦର ଭାଷଣ ଓ ବ୍ରିଟିଶ ସରକାରଙ୍କ ଅନ୍ୟାୟ ବିରୋଧରେ ସଂଗ୍ରାମ ବହୁ ଜନତାଙ୍କ ଆଖିରୁ ଅନ୍ଧ ପୁଟୁଳି ଉଠାଇ ଦେଇଥିଲା । ସେମାନେ ସମସ୍ତେ ରମାଦେବୀଙ୍କୁ ମାଆର ସମ୍ମାନ ଦେଇ ତାଙ୍କ ସହିତ ଆନ୍ଦୋଳନରେ ସାମିଲ ହୋଇଥିଲେ ।

୧୯୬୨ ଚୀନ ଭାରତ ଯୁଦ୍ଧରେ ନିଜେ ସେବା ଦଳ ଧରି ଦୁର୍ଦ୍ଦିନରେ ପଡ଼ିଥିବା ଭାରତୀୟ ଯବାନମାନଙ୍କୁ ସେବା ସହ ସାହସ ପ୍ରଦାନ କରିଥିଲେ । ଇନ୍ଦିରାଗାନ୍ଧୀଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ଜରୁରୀକାଳୀନ ପରିସ୍ଥିତିର ଦୃଢ଼ ମୁକାବିଲା କରିଥିଲେ ଜୟ ପ୍ରକାଶ ନାରାୟଣ ରମାଦେବୀ ଭାରତୀୟ ଗଣତନ୍ତ୍ରର ମାନ ରକ୍ଷା ଲାଗି ଜୟ ପ୍ରକାଶଜୀଙ୍କୁ ପୂର୍ଣ୍ଣ ସମର୍ଥନ ଦେଇ ଭୁବନେଶ୍ୱରରେ ଏକ ବିଶାଳ ସମାବେଶ କରାଇଥିଲେ । ୧୪୪ ଧାରା ଜାରି ସତ୍ତ୍ୱେ ସମାବେଶର ଅଗ୍ରଭାଗରେ ରମାଦେବୀଙ୍କୁ ଦେଖି ପ୍ରଶାସନ ପଛଘୁଞ୍ଚା ଦେଇଥିଲା । ବହୁ ଜନନାୟକ ଜେଲ ଗଲେ ମାତ୍ର ମା ରମାଦେବୀଙ୍କୁ ଗିରଫ କରିବାକୁ କେହି ସାହସ କରିନଥିଲେ ।

ସେ ଅଣୁମାତ୍ରେ ଯେବେ ଦେଇ । ପର୍ବତ ପ୍ରାୟ ମୁଁ ମଣଇ ।।

୧୯୫୮ର ଏପ୍ରିଲ ୨୯ ତାରିଖରେ ସ୍ୱାମୀ ଗୋପବନ୍ଧୁ ଚୌଧୁରୀଙ୍କ ମୃତ୍ୟୁ ରମାଦେବୀଙ୍କୁ ନିଃସଙ୍ଗ କରିଦେଲା । ତା'ପରେ ମା' ରମାଦେବୀ ପୂରା ସମୟ ଲୋକ ଓ ଦେଶର ସେବାରେ କଟାଇ ଥିଲେ । ଓଡିଶାର ମରଡ଼ି ପ୍ରତିକାର ପାଇଁ ଗଠନ କରିଛନ୍ତି "ଓଡ଼ିଶା ବ୍ରିଟ ରିଲିଫ୍ କମିଟି" ।

୧୯୭୧ରେ ସଂଘର୍ଷ ସମୟରେ ଶରଣାର୍ଥୀମାନଙ୍କ ସେବା କରିବା ସହ ନିଜ ହାତରେ ରୋଷେଇ କରି ଦେଇଛନ୍ତି । ୧୯୮୧ରେ ମିଳିଥିବା ସମ୍ମାନଜନକ ଯମୁନାଲାଲ ବାଜାଜ୍ ପୁରସ୍କାର ଅର୍ଥକୁ ଅସହାୟ ମହିଳା ଓ ଶିଶୁମାନଙ୍କ ପାଇଁ ବିନିଯୋଗ କରିଛନ୍ତି । ଏଥିପାଇଁ ସେ ଗଠନ କରିଥିଲେ ରମାଦେବୀ ଗୋପବନ୍ଧୁ ଚୌଧୁରୀ ନିଧି ନାମକ ଏକ ଟ୍ରଷ୍ଟ । ୧୯୮୪ରେ ଉତ୍କଳ ବିଶ୍ୱ ବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ଲାଭ କରିଥିଲେ ।

ରମାଦେବୀ ୧୯୮୫ ମସିହା ଜୁଲାଇ ୨୨ ତାରିଖ ଦିନ ମୃତ୍ୟୁବରରଣ କରିଥିଲେ । ତାଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ତତ୍କାଳୀନ ଓଡିଶାର ମାନ୍ୟବର ରାଜ୍ୟପାଳ ବିଶ୍ୱମ୍ଭର ନାଥ ପାଣ୍ଡେ କାନ୍ଦ କାନ୍ଦ ହୋଇ କହିଥିଲେ ସେ ଓଡ଼ିଆ ଜାତିର ମା ନ ଥିଲେ ମୋର ମଧ ମା ଥିଲେ । ସେ କୌଣସି ଉଚ୍ଚ ପଦବୀରେ ନ ଥାଇ ମଧ ତାଙ୍କ ପାଇଁ ରାଷ୍ଟ୍ରୀୟ ମର୍ଯ୍ୟାଦା ମିଳିଥିଲା । ପୁତ୍ର ମନମୋହନ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ମୁଖାଗ୍ନି ଦେଇଥିଲେ । ତାଙ୍କ ସ୍ମରଣରେ ଏକ ତଟରକ୍ଷୀ ଜାହାଜର ନାମ ମା' ରମାଦେବୀ ରଖାଯାଇଛି । ରାଜଧାନୀ ଭୁବନେଶ୍ୱରରେ ଏକ ମହିଳା ମହାବିଦ୍ୟାଳୟ, ଯାହା ଏବେ ବିଶ୍ୱ ବିଦ୍ୟାଳୟର ମାନ୍ୟତା ପାଇଛି, ତାହା ରମାଦେବୀଙ୍କ ନାମରେ ନାମକରଣ କରାଯାଇଛି । ସେବା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଯୋଗୁଁ ସେ ଯୁଗ ଯୁଗ ପାଇଁ ଅମର ହୋଇ ରହିବେ ।

*ମଧ ସମ୍ଭାଗ ପ୍ରତିନିଧି ଶି.ବି.ସ, ଓଡ଼ିଶା*

## ନୀତିବାଣୀ

**ଶଙ୍ଖ ତ୍ରିଦୋଶ ନାଶକ, ଶୁଦ୍ଧ ଏବଂ ନବ ନିଧି ମଧରୁ ଗୋଟିଏ । ଶଙ୍ଖ ଧ୍ୱନି ଦ୍ୱାରା ରୋଗ ଉତ୍ପନ୍ନକାରୀ ଜୀବାଣୁ ନଷ୍ଟ ହୋଇଯାଆନ୍ତି । ଏହି କାରଣରୁ ଅନାଦି କାଳରୁ ପ୍ରାତଃ ଏବଂ ସନ୍ଧ୍ୟାରେ ମନ୍ଦିରରେ ଶଙ୍ଖ ବଜାଇବା ପ୍ରଥା ଚଳି ଆସୁଛି । ଶଙ୍ଖ ଦୁଇ ପ୍ରକାରର- ଦକ୍ଷିଣାବର୍ତ୍ତ ଓ ବାମାବର୍ତ୍ତ । ଦକ୍ଷିଣାବର୍ତ୍ତ ଶଙ୍ଖ କେବଳ ଦୈବୀ ଯୋଗରେ ହିଁ ମିଳେ । ଯେଉଁ ଶଙ୍ଖ ଶ୍ୱେତ ଚନ୍ଦ୍ରକାନ୍ତ ମଣି ପରି ହୋଇଥାଏ ତାହା ଉତ୍ତମ ଅଟେ ।**

**"ଯୁଦ୍ଧ ଅନୁକୂଳରେ ଯଦି ବୀର୍ ହସ୍ତରୁ ଖଡ଼୍ଗ ପତିତ ହୁଏ, ଭୋଜନ ବେଳେ ଯଦି ହସ୍ତରୁ ଖାଦ୍ୟ ଖସିପଡ଼େ, ଯଦି ଧନୁର୍ ଗୁଣ ଛିନ୍ନ ହୁଏ, ଖଡ଼୍ଗ ଚାଳନାରେ ଯଦି ପ୍ରତିବନ୍ଧକ ସୃଷ୍ଟି ହୁଏ, ବୀରର୍ ଶିରରୁ ମୁକୁଟ ଖସିଯାଏ, ହସ୍ତରୁ ଯଦି ବନ୍ଦାପନା ପାତ୍ର ଖସିଯାଏ, ଅପ୍ରତ୍ୟାଶିତ ଭାବରେ ବିକଟାଳ ଶବ୍ଦ ଶୁଣାଯାଏ, ବୃକ୍ଷରୁ ଯଦି ଶୋଣିତ ବର୍ଣ୍ଣର୍ ରସ କ୍ଷରିତ ହୁଏ, ଶୈଳ ଖଣ୍ଡ ବିନା କାରଣରେ ସ୍ଥାନଚ୍ୟୁତ ହୁଏ ସେଗୁଡ଼ିକ ଅଶୁଭ୍ ଲକ୍ଷଣ । ନାରାୟଣଙ୍କ ଶରଣାପନ୍ନ ହେବା ଦ୍ୱାରା ଏହାର୍ ପ୍ରତିକାର୍ ସମ୍ଭବ ହୁଏ ।"**

ଯେ ମୋର ଭାବ ନ ଜାଣନ୍ତି । ପର୍ବତ ପ୍ରାୟେ ଧନ ଦ୍ୟନ୍ତି ॥

ବିଜ୍ଞାନ ବିଭବ

# ଲୋହିତ ଗ୍ରହରେ ଜୀବନର ସନ୍ଧାନ

* ଶ୍ରୀ ନିକୁଞ୍ଜ ବିହାରୀ ସାହୁ

ଆମର ତାରା ସୂର୍ଯ୍ୟ ପୃଥିବୀରେ ସକଳ ଶକ୍ତିର ଆଧାର । ମାତ୍ର ସୂର୍ଯ୍ୟ ବେଳେବେଳେ ଅଶାନ୍ତ ହୋଇ ଅତି ସକ୍ରିୟ ହୋଇ ଉଠେ । ସୂର୍ଯ୍ୟପୃଷ୍ଠରେ ଶକ୍ତିଶାଳୀ ଝଡ଼ମାନ ସୃଷ୍ଟି ହୁଏ । ତା'ର ପ୍ରଭାବ ପୃଥିବୀ ସମେତ ସାରା ସୌରଜଗତ ଉପରେ ପଡ଼ିଥାଏ । ଏହିପରି ଏକ ଶକ୍ତିଶାଳୀ ଝଡ଼ ନିକଟରେ ଅନ୍ତରୀକ୍ଷରେ ଅଦୃଶ୍ୟ ଭାବେ ଘଟିଯାଇଛି । ମାତ୍ର ସୂର୍ଯ୍ୟର ଏହି ଝଡ଼ ଆମର ବାତ୍ୟା ଭଳି ପବନର ଏକ ଝଡ଼ ନୁହେଁ, ଏହା ପ୍ରକୃତରେ ସୂର୍ଯ୍ୟର ବାୟୁମଣ୍ଡଳରେ ଏହା ପୃଷ୍ଠରୁ ନିର୍ଗତ ବିପୁଳ ଚାର୍ଜିତ କଣିକା ସବୁର ଉତ୍ସର୍ଜନ ଯୋଗୁଁ ସୃଷ୍ଟି ହେଉଥିବା ଶକ୍ତିଶାଳୀ ଚୁମ୍ବକୀୟ ଝଡ଼ । ଏହି ଝଡ଼ ସବୁ ଆମର ସ୍ୱାସ୍ଥ୍ୟ ଉପରେ କୌଣସି ପ୍ରତିକୂଳ ପ୍ରଭାବ ପକାଉ ନ ଥିଲେ ସୁଦ୍ଧା ପୃଥିବୀର ଉପଗ୍ରହ ସଙ୍କେତ ବ୍ୟବସ୍ଥା, ଯୋଗାଯୋଗ ବ୍ୟବସ୍ଥା, ଜି.ପି.ଏସ୍ ବ୍ୟବସ୍ଥା, ବିଜୁଳି ଶକ୍ତିକେନ୍ଦ୍ର, ମୋବାଇଲ ଫୋନ, ରେଡ଼ିଓ ଓ ଟେଲିଭିଜନ ବ୍ୟବସ୍ଥା ଇତ୍ୟାଦିକୁ ଘୋର ବାଧାପ୍ରାପ୍ତ କରିଥାନ୍ତି । ଏହାର ପ୍ରଭାବରେ ଉଚ୍ଚ ଅକ୍ଷାଂଶ ସ୍ଥାନଗୁଡ଼ିକରେ ବାସ କରୁଥିବା ଲୋକମାନେ ଆକାଶରେ ରଙ୍ଗବେରଙ୍ଗର ଆଲୁଅମାନ ଦେଖିଥାନ୍ତି ଯାହାକୁ ମେରୁ ଆଲୁଅ କୁହାଯାଏ । ସୂର୍ଯ୍ୟରୁ ଉତ୍ସର୍ଜିତ ଚାର୍ଜିତ କଣିକା ସବୁ ପୃଥିବୀର ଚୁମ୍ବକୀୟ କ୍ଷେତ୍ର ସଙ୍ଗେ ପ୍ରତିକ୍ରିୟା କରିବା ହେତୁ ମେରୁ ରାଇଜର ଆକାଶରେ ଏଭଳି ଦର୍ଶନୀୟ ଦୃଶ୍ୟ ଦେଖିବାକୁ ମିଳେ । ସୌର ଝଡ଼ ପ୍ରକୃତରେ ୪ ପ୍ରକାରର :

୧. ସୌର ଶିଖା : ସୂର୍ଯ୍ୟପୃଷ୍ଠରେ ବେଳେବେଳେ କଳାକଳା ଦାଗମାନ ଦେଖାଯାଏ ଯାହାକୁ ସୌର କଳଙ୍କ କହନ୍ତି । ସୌର କଳଙ୍କ ଗଡ଼ିକରେ ତୀବ୍ର ଚୁମ୍ବକୀୟ କ୍ଷେତ୍ର କେନ୍ଦ୍ରୀଭୂତ ଥାଏ । ଏହି ସ୍ଥାନଗୁଡ଼ିକରେ କେନ୍ଦ୍ରୀଭୂତ ଥିବା ଚୁମ୍ବକୀୟ କ୍ଷେତ୍ରର ବଳରେଖା ଗୁଡ଼ିକରେ ବିଶୃଙ୍ଖଳା ସୃଷ୍ଟି ହେଲେ ସୂର୍ଯ୍ୟପୃଷ୍ଠରେ ପ୍ରଚଣ୍ଡ ବିସ୍ଫୋରଣ ଘଟି ପ୍ଲାଜମାର ବିଶାଳକାୟ ପିଣ୍ଡମାନ ଅନ୍ତରୀକ୍ଷକୁ ବହୁଦୂର ପର୍ଯ୍ୟନ୍ତ ଶିଖା ଆକାରରେ ନିର୍ଗତ ହୁଏ । ଏହି ଶିଖାମାନଙ୍କୁ ସୌରଶିଖା କୁହାଯାଏ । ଏହି ସମୟରେ ମଧ୍ୟ ସୂର୍ଯ୍ୟର ତାପମାତ୍ରା ଓ ଉଜ୍ଜ୍ୱଳତା ବହୁ ଗୁଣ ବୃଦ୍ଧି ପାଏ ।

୨. କିରୀଟ ମଣ୍ଡଳୀୟ ପିଣ୍ଡ ଉତ୍ସର୍ଜନ : ବେଳେ ବେଳେ ସୂର୍ଯ୍ୟ ପୃଷ୍ଠରେ ଚୁମ୍ବକୀୟ କ୍ଷେତ୍ରର ଘୋର ବିଶୃଙ୍ଖଳା ଦେଖାଦେଲେ ବିଶାଳକାୟ ପିଣ୍ଡମାନ ସୂର୍ଯ୍ୟର କିରୀଟ ମଣ୍ଡଳ ମଧ୍ୟରେ କିମ୍ବା ଅନ୍ତରୀକ୍ଷକୁ ଛିଟିକି ପଡ଼ନ୍ତି । ଏହି ନିର୍ଗତ ପିଣ୍ଡରେ ଚୁମ୍ବକୀୟ ପ୍ଲାଜମା ଏବଂ ଚାର୍ଜିତ କଣିକା ଯଥା ଇଲେକ୍ଟ୍ରନ ଓ ପ୍ରୋଟୋନମାନ ରହିଥାନ୍ତି । ସୌରଶିଖା ତୁଳନାରେ କିରୀଟ ମଣ୍ଡଳୀୟ ପିଣ୍ଡର ଉତ୍ସର୍ଜନର ବ୍ୟାପ୍ତି ଓ ବେଗ କମ୍ ।

୩. ଭୂ ଚୁମ୍ବକୀୟ ଝଡ଼ : ସୂର୍ଯ୍ୟରେ ସୃଷ୍ଟି ହେଉଥିବା କିରୀଟ ମଣ୍ଡଳୀୟ ପିଣ୍ଡ ଉତ୍ସର୍ଜନର ପ୍ରଭାବ ବେଳେବେଳେ ପୃଥିବୀକୁ ସଂପ୍ରସାରିତ ହୁଏ ଏବଂ ପୃଥିବୀର ଚୁମ୍ବକୀୟ କ୍ଷେତ୍ର ମଧ୍ୟରେ ବହୁ ସଂଖ୍ୟକ ଚାର୍ଜିତ କଣିକାମାନ ପ୍ରବେଶ କରିବା ହେତୁ ପୃଥିବୀର ଆୟନ ମଣ୍ଡଳ ଓ ଚୁମ୍ବକ ମଣ୍ଡଳରେ ଉଚ୍ଚ ବିଦ୍ୟୁତ ସ୍ରୋତ ପ୍ରବାହିତ ହୋଇ ପୃଥିବୀର ଚୁମ୍ବକୀୟ କ୍ଷେତ୍ରରେ ଘୋର ବିଶୃଙ୍ଖଳା ପରିଲକ୍ଷିତ ହୁଏ । ପୃଥିବୀରେ ଏଭଳି ଚୁମ୍ବକୀୟ ଝଡ଼ର ତୀବ୍ରତା ସୌର କଳଙ୍କ ଚକ୍ରର ଅବସ୍ଥା ଅନୁସାରେ ବଦଳି ଥାଏ । ବିଗତ ଦିନରେ ୧୮୫୯ ମସିହାରେ ଘଟିଥିବା ଏକ ଶକ୍ତିଶାଳୀ ଭୂଚୁମ୍ବକୀୟ ଝଡ଼ରେ ଯୁକ୍ତରାଷ୍ଟ୍ର ଆମେରିକାର ଟେଲିଗ୍ରାଫ୍ ବ୍ୟବସ୍ଥା ଘୋର କ୍ଷତିଗ୍ରସ୍ତ ହୋଇଥିଲା ବେଳେ ୧୯୮୯ ମସିହାରେ ସଂଘଟିତ ଅନ୍ୟ ଏକ ଭୂଚୁମ୍ବକୀୟ

ସେ ମୋତେ ଦିଶେ ତୁଚ୍ଛ ପ୍ରାୟ । ବୋଲନ୍ତି ପ୍ରଭୁ ଦେବରାୟ ।।

ଝଡ଼ରେ କାନାଡାର କୁଇବେକ ସହରର ଅନେକ ବିଜୁଳିକେନ୍ଦ୍ର ସର୍ଟ ସର୍କିଟ ହୋଇ ବିଜୁଳି ଯୋଗାଣ ଗୁରୁତର ବାଧାପ୍ରାପ୍ତ ହୋଇଥିଲା । ଏହା ସହିତ ଦକ୍ଷିଣକୁ ବହୁ ଦୂର ପର୍ଯ୍ୟନ୍ତ ମେରୁ ଆଲୁଅଗୁଡିକ ଦେଖା ଦେଇଥିଲେ ।

୪. ସୌର ପ୍ରୋଟୋନ୍ ଘଟଣା : ସୂର୍ଯ୍ୟ ପୃଷ୍ଠରୁ କିରୀଟ ମଣ୍ଡଳୀୟ ପିଣ୍ଡ ଉତ୍ସର୍ଜନ ସମୟରେ ବହୁ ସଂଖ୍ୟାରେ ପ୍ରୋଟୋନ୍ କଣିକା ଉତ୍ସର୍ଜିତ ହୋଇଥାନ୍ତି ଯାହା ସୌରଜଗତର ସମସ୍ତ ଦିଗରେ ଗତି କରିଥାନ୍ତି । ସେଥିରୁ କିଛି ପ୍ରୋଟୋନ୍ କଣିକା ପୃଥିବୀ ଦିଗରେ ଗତି କରି ପୃଥିବୀର ଚୁମ୍ବକୀୟ କ୍ଷେତ୍ର ଭେଦ କରି ଆୟନ ମଣ୍ଡଳର କଣିକାଗୁଡିକୁ ଆୟନୀକୃତ କରିଥାନ୍ତି । ଏହି ଉଚ୍ଚ ଶକ୍ତି ସମ୍ପନ୍ନ ପ୍ରୋଟୋନ୍ କଣିକା ସବୁ କକ୍ଷରେ ଅବସ୍ଥାପିତ ଅନ୍ତରୀକ୍ଷ ଯାନ ଏବଂ ମହାକାଶଚାରୀଙ୍କ ପାଇଁ ବିକିରଣ ଜନିତ ଗୁରୁତର ସମସ୍ୟା ସୃଷ୍ଟି କରିଥାନ୍ତି ।

ସୂର୍ଯ୍ୟ ପୃଷ୍ଠରେ ଘଟୁଥିବା ପ୍ରତିଟି ଘଟଣା ପୃଥିବୀ ଉପରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ପ୍ରଭାବ ପକାଏ । ସୂର୍ଯ୍ୟ ପୃଷ୍ଠର ଏଭଳି ଘଟଣାକୁ ଏଡ଼ାଇ ଦେଇ ହେବ ନାହିଁ । ମାତ୍ର ଅତ୍ୟାଧୁନିକ ଜ୍ଞାନ କୌଶଳ ଜରିଆରେ ସୁଦୂର ସୂର୍ଯ୍ୟ ରାଇଜର ଘଟୁଥିବା ଏଭଳି ଘଟଣା ଉପରେ କଡା ନଜର ରଖି ସେ ସମ୍ପର୍କରେ ଆଗୁଆ ସୂଚନା ଜାରି କଲେ ପୃଥିବୀରେ ଘଟୁଥିବା କ୍ଷୟକ୍ଷତିର ମାତ୍ରାକୁ ପ୍ରତିହତ କରିହେବ ।

*ଏଜୁକେଶନ ଅଫିସର*
*ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ*

## ମେଧାବୀ ଛାତ୍ର ଜ୍ୟୋତି ପ୍ରକାଶଙ୍କୁ ଶିକ୍ଷା ବିକାଶ ସମିତ. ଓଡ଼ିଶାଙ୍କ ଗଭୀର ଶ୍ରଦ୍ଧାଞ୍ଜଳି

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ୟୁନିଟ୍-୮ର ଦଶମ ଶ୍ରେଣୀରେ ପଢୁଥିବା ଛାତ୍ର ଶ୍ରୀମାନ ଜ୍ୟୋତିପ୍ରକାଶ ବେହେରାଙ୍କ ଦୁଃଖଦ ଦେହାନ୍ତ ହୋଇଯାଇଛି । ପ୍ରବଳ ବର୍ଷା ଯୋଗୁଁ ସ୍ମାର୍ଟ ସିଟି ଭୁବନେଶ୍ୱରର ଶତାବ୍ଦୀ ନଗର ଅଂଚଳରେ ପ୍ରବାହିତ କୃତ୍ରିମ ବନ୍ୟାର ପ୍ରଖର ସ୍ରୋତରେ ଭାସିଯାଇ ନିଖୋଜ ହେବା ପରେ ପରଦିନ ସକାଳେ ତାଙ୍କର ମୃତ ଦେହ ଉଦ୍ଧାର କରାଯାଇଥିଲା । ସେହିଦିନ ରବିବାର ଛୁଟି ହୋଇ ଥିବାରୁ ଜ୍ୟୋତିପ୍ରକାଶ ଦିନ ୨ଟା ସମୟରେ ଟ୍ୟୁସନ ପାଇଁ ଘରୁ ବାହାରି ଆସିବା ପରେ ଡ୍ରେନ୍‌କୁ ଖସି ଭାସି ଯାଇଥିଲେ । ସେ ଜଣେ ମେଧାବୀ, ମିଷ୍ଟଭାଷୀ, ବନ୍ଧୁପ୍ରିୟ ତଥା ଶାନ୍ତ ସ୍ୱଭାବର ଛାତ୍ର ଥିଲେ । ମନୁଷ୍ୟକୃତ ଭୁଲ ପାଇଁ ଆମେ ସମସ୍ତେ ଅସମୟରେ ଏକ ଅମୂଲ୍ୟ ରତ୍ନକୁ ହରାଇଲୁ । ତାଙ୍କର ଅକାଳ ବିୟୋଗରେ ତାଙ୍କର ସହପାଠୀ ଶିଶୁ ଭାଇ ଭଉଣୀ, ଗୁରୁଜୀ ଗୁରୁମା ତଥା ସମ୍ପୂର୍ଣ୍ଣ ଓଡ଼ିଶାର ସରସ୍ୱତୀ ଶିଶୁ ମନ୍ଦିର ପରିବାର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ଶିକ୍ଷା ବିକାଶ ସମିତି, ଓଡ଼ିଶା ଜ୍ୟୋତିପ୍ରକାଶଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଏହି ଦୁଃଖଦ ସମୟରେ ତାଙ୍କ ପରିବାରକୁ ସମବେଦନା ଜଣାଇ ଅମର ଆତ୍ମାର ସଦ୍‌ଗତି କାମନା କରୁଅଛି ।

ପତ୍ର କୁସୁମ ଫଳ ପାଣି । ଯେ ମୋତେ ଭାବେ ଦ୍ୟନ୍ତି ଆଣି ।।

ଗଣିତ ବିଭବ

# ବର୍ଗ

*ଶ୍ରୀ ପ୍ରସନ୍ନ କୁମାର ସାହୁ*

(୯୯)$^{୨}$ = ୯୮୦୧ ଆମେ ଜାଣିଛୁ ।
ବର୍ତ୍ତମାନ (୯.୯)$^{୨}$ = ୯୮.୦୧ ହେବ
(.୯୯)$^{୨}$ = ୦.୯୮୦୧ ହେବ ।

ଉଦାହରଣ -୧

(୯୯୯୯)$^{୨}$ = ୯୯୯୮୦୦୦୧ ହେବ ।
(୯୯୯.୯)$^{୨}$ = ୯୯୯୮୦୦.୦୧
(୯୯.୯୯)$^{୨}$ = ୯୯୯୮.୦୦୦୧
(୯.୯୯୯)$^{୨}$ = ୯୯.୯୮୦୦୦୧
(.୯୯୯୯)$^{୨}$ = ୦.୯୯୯୮୦୦୦୧

ଉଦାହରଣ -୨

(୨୫)$^{୨}$ = ୬୨୫ ହେବ
(୨.୫)$^{୨}$ = ୬.୨୫
(.୨୫)$^{୨}$ = .୦୬୨୫
ସେହିପରି (୪୫)$^{୨}$ = ୨୦୨୫ ହେଲେ
(୪.୫)$^{୨}$ = ୨୦.୨୫
(.୪୫)$^{୨}$ = .୨୦୨୫
(୭.୫)$^{୨}$= ? (.୭୫)$^{୨}$= ? (୯.୫)$^{୨}$= ? (.୩୫)$^{୨}$= ?

ଉଦାହରଣ - ୩

(୧୦୫)$^{୨}$ = ୧୧୦୨୫ ଆମେ ଜାଣିଛୁ ।
(୧୦.୫)$^{୨}$ = ୧୧୦.୨୫
(୧.୦୫)$^{୨}$ = ୧.୧୦୨୫
(.୧୦୫)$^{୨}$ = .୦୧୧୦୨୫
ସେହିପରି
(୧୨.୫)$^{୨}$ = ? (୧.୨୫)$^{୨}$ = ? (.୧୨୫)$^{୨}$ = ?

ଉଦାହରଣ - ୪ (୧୦୦୫)$^{୨}$ = ୧୦୧୦୦୨୫ ଆମେ ଜାଣିଛୁ ।

(୧୦୦.୫)$^{୨}$ = ୧୦୧୦୦.୨୫
(୧୦.୦୫)$^{୨}$ = ୧୦୧.୦୦୨୫
(୧.୦୦୫)$^{୨}$ = ୧.୦୧୦୦୨୫
(.୧୦୦୫)$^{୨}$ = ୦.୦୧୦୧୦୦୨୫
ସେହିପରି (୧୦୦୦୫)$^{୨}$= ?, (୧୦୦୦.୫)$^{୨}$=?, (୧୦୦.୦୫)$^{୨}$= ?, (୧୦.୦୦୫)$^{୨}$= ?, (୧.୦୦୦୫)$^{୨}$= ?, (.୧୦୦୫)$^{୨}$= ?,

ଉଦାହରଣ - ୫

(୩୧)$^{୨}$ = ୯୬୧
(୩.୧)$^{୨}$ = ୯.୬୧
(.୩୧)$^{୨}$ = .୦୯୬୧
ସେହିପରି (୭୨)$^{୨}$ =
(୭.୨)$^{୨}$ =
(.୭୨)$^{୨}$ =
(.୦୭୨)$^{୨}$ =
(.୦୦୭୨)$^{୨}$ =

କ) (୫୧)$^{୨}$ = ?, (୫.୧)$^{୨}$ = ?, (.୫୧)$^{୨}$ = ?, (.୦୫୧)$^{୨}$ = ?
ଖ) (୯୩)$^{୨}$ = ?, (୯.୩)$^{୨}$ = ?, (.୯୩)$^{୨}$ = ?, (.୦୯୩)$^{୨}$ = ?
ଗ) (୨୨)$^{୨}$ = ?, (୨.୨)$^{୨}$ = ?, (.୨୨)$^{୨}$ = ?, (.୦୨୨)$^{୨}$ = ?
ଘ) (୬୪)$^{୨}$ = ?, (୬.୪)$^{୨}$ = ?, (.୬୪)$^{୨}$ = ?, (.୦୦୬୪)$^{୨}$ = ?

ଉଦାହରଣ - ୬

(୨୧)$^{୨}$ = ୪।୪।୧ = ୪୪୧ (ଦ୍ୱନ୍ଦ୍ୱଯୋଗ ଦ୍ୱାରା)
(୨.୧)$^{୨}$ = ?, (.୨୧)$^{୨}$ = ?, (.୦୦୨୧)$^{୨}$ = ?, (.୦୦୦୨୧)$^{୨}$ = ?
ସେହିପରି (୪୨)$^{୨}$ = ୧୬।୧୬।୪ = ୧୭୬୪
(୪.୨)$^{୨}$ = ?, (.୪୨)$^{୨}$ = ?, (.୦୪୨)$^{୨}$ = ? (.୦୦୦୪୨)$^{୨}$ = ?

କ) (୨୭)$^{୨}$ = ?, (୨.୭)$^{୨}$ = ?, (.୨୭)$^{୨}$ = ?, (.୦୨୭)$^{୨}$ = ?, (.୦୦୨୭)$^{୨}$ = ?
ଖ) (୪୬)$^{୨}$ = ?, (୪.୬)$^{୨}$ = ?, (.୪୬)$^{୨}$ = ?, (.୦୦୪୬)$^{୨}$ = ?, (.୦୦୦୪୨)$^{୨}$ = ?
ଗ) (୯୨)$^{୨}$ = ?, (୯.୨)$^{୨}$ = ?, (.୯୨)$^{୨}$ = ?, (.୦୯୨)$^{୨}$ = ?, (.୦୦୦୯୨)$^{୨}$ = ?
ଘ) (୭୮)$^{୨}$ = ?, (୭.୮)$^{୨}$ = ?, (.୭୮)$^{୨}$ = ?, (.୦୦୭୮)$^{୨}$ = ?, (.୦୦୦୦୭୮)$^{୨}$ = ?
ଙ) (୬୩)$^{୨}$ = ?, (୬.୩)$^{୨}$ = ?, (.୦୬୩)$^{୨}$ = ?, (.୦୦୬୩)$^{୨}$ = ?, (.୦୦୦୬୩)$^{୨}$ = ?

*ଅଖିଳ ଭାରତୀୟ ସହ ଗଣିତ ପ୍ରମୁଖ*
*ବିଦ୍ୟା ଭାରତୀ*

ତାର ଭକତି ଭାବେ ଲଇଁ । ମୁଖ ପ୍ରସାରି ମୁଁ ଭୁଞ୍ଜଇ ।।

ଯୋଗ ବିଜ୍ଞାନ

# ଯୋଗଂ ଶରଣଂ ଗଚ୍ଛାମି

■ ଶ୍ରୀଯୁକ୍ତ ମଧୁସୂଦନ ବାରିକ

**ଦୀ**ର୍ଘ ଦୁଇ ତିନି ବର୍ଷ ଧରି ସମଗ୍ର ବିଶ୍ୱ କରୋନା ମହାମାରୀ ଦ୍ୱାରା ଆକ୍ରାନ୍ତ ଏବଂ କବଳିତ । କରୋନାର ଭୟାବହତା କେବଳ ଭାରତର ନୁହଁ ସମଗ୍ର ବିଶ୍ୱର ଅର୍ଥନୀତି, ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଧ୍ୱଂସ କରିଦେଇଛି । ଆଜି ବିଶ୍ୱବାସୀ ତ୍ରାହି ତ୍ରାହି କରୁଛନ୍ତି । ଏପଟେ ଭବିଷ୍ୟବାଣୀ ଆସୁଛି କରୋନାର ତୃତୀୟ ଲହର ବିଶେଷ କରି ଛୋଟ ପିଲାମାନଙ୍କୁ ଆକ୍ରମଣ କରିବ । ଏଥିପାଇଁ ବିଶେଷ କରି ଆମ ଦେଶବାସୀଙ୍କୁ ସତର୍କ ରହିବାକୁ ପଡ଼ିବ । କାହିଁକି ନା ସର୍ବପ୍ରଥମ କଥା ହେଉଛି ବର୍ତ୍ତମାନର ଶିଶୁ ହିଁ ଭବିଷ୍ୟତ ଭାରତର ଜନନାୟକ ଅଟନ୍ତି । ତତ୍‌ସହିତ ଶିଶୁ କିଛି ଜାଣି ନାହିଁ । ଆମ୍ଭେ (ବଡ଼ମାନେ) ଯଦି ସତର୍କ / ଜାଗ୍ରତ ନ ରହିବା ତାହାହେଲେ ଆମମାନଙ୍କ ମାଧ୍ୟମରେ ଆମ ଘରକୁ ହିଁ କରୋନା ଆସିବ, ଆଉ ଶିଶୁମାନଙ୍କୁ ବ୍ୟାପିବାର କାରଣ ହେବ । ସଜାଗତା ହିଁ ଆମକୁ ଏପରି ମହାବିପଦରୁ ରକ୍ଷା କରିପାରିବ । ତେଣୁ ସଂପୂର୍ଣ୍ଣ ପରିବାର ସମସ୍ତ କାର୍ଯ୍ୟରୁ ବିରତ ହୋଇ ପ୍ରାତଃ କାଳରେ କିମ୍ବା ସନ୍ଧ୍ୟା ସମୟରେ ଅଧଘଣ୍ଟା ସୁସ୍ଥ ଶରୀର ପାଇଁ ସମୟ ଦେବା ଆବଶ୍ୟକ । ଯୋଗ ଓ ପ୍ରାଣାୟାମ ମାଧ୍ୟମରେ ଶରୀର ଭିତରେ ଥିବା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାକୁ ପଡ଼ିବ । ତେଣୁ ଆସନ୍ତୁ ଯୋଗ କରିବା ନୀରୋଗ ରହିବା ।

ଭସ୍ତ୍ରିକା ପ୍ରାଣାୟାମ :-

କୌଣସି ଏକ ଧ୍ୟାନାତ୍ମକ ଆସନରେ (ପଦ୍ମାସନ/ସିଦ୍ଧାସନ/ଚକାସନ) ସୁବିଧା ଅନୁସାରେ ବସି ଦୁଇ ନାସିକା ଦ୍ୱାରା ଶ୍ୱାସକୁ ପୂରା ଭିତରକୁ ଡାୟାଫ୍ରାମ୍ ପର୍ଯ୍ୟନ୍ତ ଭର୍ତ୍ତି କରିବା ଏବଂ ପୂରା ଶକ୍ତି ସହିତ ଶ୍ୱାସ ଛାଡ଼ିବାକୁ ଭସ୍ତ୍ରିକା ପ୍ରାଣାୟାମ କୁହାଯାଏ । ନିଜର ସାମର୍ଥ୍ୟ ଅନୁସାରେ ମନ୍ଦ ଗତି, ମଧ୍ୟମ ଗତି ଡ଼ ତୀବ୍ର ଗତିରେ ଏହି ପ୍ରାଣାୟାମର ଅଭ୍ୟାସ କରିପାରିବା । ଏହି ପ୍ରାଣାୟାମକୁ ୩ ରୁ ୫ ମିନିଟ୍ ଯାଏଁ ଗୋଟିଏ ସେଟ୍‌ରେ କରାଯାଇପାରିବ । ସଂକଳ୍ପ ସହିତ ଧ୍ୟାନପୂର୍ବକ କଲେ ଅଧିକ ସୁଫଳ ମିଳିଥାଏ ।

ଲାଭ :-

୧) ଥଣ୍ଡା-ସର୍ଦ୍ଦି, ଏଲର୍ଜି, ଶ୍ୱାସରୋଗ, ସାଇନସ୍ ଆଦି ସମସ୍ତ କଫ ରୋଗ ଦୂର ହୋଇଥାଏ ।

୨) ଫୁସ୍‌ଫୁସ୍ ସବଳ ହୁଏ । ମସ୍ତିଷ୍କକୁ ଶୁଦ୍ଧ ବାୟୁ ଅଧିକ ମିଳିବା ଦ୍ୱାରା ମସ୍ତିଷ୍କ ମଧ୍ୟ ସୁସ୍ଥ ରୁହେ ।

୩) ଥାଇରଏଡ଼ ଓ ଟନସିଲ୍ ଆଦି ସମସ୍ତ ଗଳାରୋଗ ମଧ୍ୟ ଭଲ ହୋଇଥାଏ ।

୪) ତ୍ରିଦୋଷ (ବାତ, ପିତ୍ତ, କଫ) ସମ ଅବସ୍ଥାକୁ ଆସିଥାଏ ।

୫) ଶରୀର ଭିତରକୁ ଅଧିକ ପରିମାଣରେ ଅମ୍ଳଜାନ ଯାଇଥାଏ । ରକ୍ତ ବିଶୁଦ୍ଧ ହୋଇଥାଏ ।

୬) ପ୍ରାଣ ଓ ମନ ସ୍ଥିର ହୁଏ । ପ୍ରାଣ ଉତ୍‌ଥାନ ଓ କୁଣ୍ଡଳିନୀ ଶକ୍ତିର ଜାଗରଣରେ ସହାୟକ ହୋଇଥାଏ ।

୭) ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ।

ଏହି ପ୍ରାଣାୟାମକୁ ସବୁ ବୟସର ପିଲା ଓ ବୟସ୍କ ଲୋକମାନେ ମଧ୍ୟ ଅଭ୍ୟାସ କରି ଲାଭ ପାଇପାରିବେ । ଏଣୁ ଆସନ୍ତୁ କରୋନା ମହାମାରୀ କବଳରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ଏହି ଭସ୍ତ୍ରିକା ପ୍ରାଣାୟାମକୁ ଅଭ୍ୟାସ କରିବା । ଶରୀରକୁ ସୁସ୍ଥ ଓ ନୀରୋଗ ନିରାମୟ ରଖିବା । ଯୋଗ କରିବା ନୀରୋଗ ରହିବା ।

*ପ୍ରାନ୍ତ ଯୋଗଶିକ୍ଷା ସଂଯୋଜକ*
*ଶିକ୍ଷା ବିକାଶ ସମିତି, ଓଡ଼ିଶା*

ଅଭାବେ ଦେଲେ କୃଷ୍ଣ ଚିତ୍ତ । କିଞ୍ଚିତ ମଣଇ ବହୁତ ।।

**ସଂସ୍କୃତେନ ବଦତୁ**

# ସମ୍ଭାଷଣାଭ୍ୟାସଃ

✹ ଶ୍ରୀ ଶ୍ରୀନିବାସ ପ୍ରଧାନ

**ଉଦାହରଣାନୁସାରଂ ବନ୍ଧନୀ ମଧ୍ୟସ୍ଥଧାତୋଃ ଉପଯୁକ୍ତ ରୂପେଣ ଶୂନ୍ୟସ୍ଥାନାନି ପୂରୟ ।**

~~ଉଦାହରଣାନୁସାରଂ ବନ୍ଧନୀ ମଧ୍ୟସ୍ଥଧାତୋଃ ଉପଯୁକ୍ତ ରୂପେଣ ଶୂନ୍ୟସ୍ଥାନାନି ପୂରୟ ।~~

ଉଦାହରଣ – ପ୍ର. ବାଳକଃ ହ୍ୟଃ ଗଣିତମ୍ ....... । (ପଠ୍)

ଉ. ବାଳକଃ ହ୍ୟଃ ଗଣିତମ୍ ଅପଠତ୍ ।

୧. ପ୍ର:– ଛାତ୍ରଃ ବିଦ୍ୟାଳୟମ୍ ........................ । (ଗମ୍)
ଉ :– ..............................................

୨. ପ୍ର :– ବାଳିକା ବିଦ୍ୟାଳୟେ ................ । (ନୃତ୍)
ଉ :– ..............................................

୩. ପ୍ର :– ସୁମତିଃ ଦୁଗ୍ଧମ୍ ........................ । (ପା)
ଉ :– ..............................................

୪. ପ୍ର :– ସୀତା ମାତ୍ରା ସାକମ୍ .................. । (ପଚ୍)
ଉ :– ..............................................

୫. ପ୍ର :– ଗୋବିନ୍ଦଃ ନାଟକେ ଅଭିନୟମ୍ .......... ।(କୃ)
ଉ :– ..............................................

୬. ଗୋବିନ୍ଦସ୍ୟ ଭ୍ରାତା ଗତରାତ୍ରୌ କଟକାତ୍............. ।(ଆ+ଗମ୍)
ଉ :– ..............................................

୭. ପ୍ର :– ରବି ମିତ୍ରମ୍ .......................... । (ବଦ୍)
ଉ :– ..............................................

୮. ଗୋପାଳଃ ଶୀଘ୍ରମ୍ ............................ । (ଧାବ୍)
ଉ :– ..............................................

୯. ପ୍ର :– ହନୁମାନ୍ ସମୁଦ୍ରମ୍ .................... । (ଲଙ୍ଘ)
ଉ :– ..............................................

୧୦. ପ୍ର:– ମର୍କଟଃ (ଶାଖାମୃଗଃ) ଫଳାନି ......... । (ଖାଦ୍)
ଉ :– ..............................................

୧୧. ପ୍ର :– ବ୍ୟାଘ୍ରଃ ବନେ ................ । (ଗର୍ଜ)
ଉ :– ..............................................

୧୨. ପ୍ର:– ମୃଗଃ ପ୍ରାନ୍ତରେ ...................... । (ଚର୍)
ଉ :– ..............................................

୧୩. ପ୍ର:– ଶିଶୁଃ କ୍ଷୁଧୟା .......................... । (କ୍ରନ୍ଦ୍)
ଉ :– ..............................................

୧୪. ପ୍ର :– ସବିତା ସଖୀଂ ଦୃଷ୍ଟ୍ଵା ................ । (ହସ୍)
ଉ :– ..............................................

୧୫. ପ୍ର :– ଗୁରୁଃ ଶିଷ୍ୟେଭ୍ୟଃ ଶିକ୍ଷାମ୍ ................ ।(ଦା)
ଉ :– ..............................................

ଅଗଚ୍ଛତ୍, ଅନୃତ୍ୟତ୍, ଅପିବତ୍, ଅପଚତ୍, ଅକରୋତ୍, ଆଗଚ୍ଛତ୍, ଅବଦତ୍ ଅଲଙ୍ଘତ୍, ଅଖାଦତ୍, ଅଗର୍ଜତ୍, ଅଚରତ୍, ଅକ୍ରନ୍ଦତ୍, ଅସହତ୍ ଅଦଦାତ୍ ।

*କ୍ଷେତ୍ର ସଂସ୍କୃତ ପ୍ରମୁଖ, ବିଦ୍ୟା ଭାରତୀ, ପୂର୍ବ କ୍ଷେତ୍ର*

ଇତିହାସ ପୃଷ୍ଠାରୁ

# କେନ୍ଦ୍ରାପଡ଼ା ଜିଲ୍ଲା

■ *ଶ୍ରୀଯୁକ୍ତ ନୃସିଂହ ଚରଣ ପଣ୍ଡା*

ଐତିହ୍ୟ ବିମଣ୍ଡିତ କେନ୍ଦ୍ରାପଡ଼ା ଜିଲ୍ଲା ବା ପ୍ରାଚୀନ ତୁଳସୀ କ୍ଷେତ୍ରର ଇତିହାସ ଯେପରି ଘଟଣାବହୁଳ, ସେହିପରି ସୁଦୂରପ୍ରସାରୀ । ଏହି ମାଟିର ପରମ ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ସିଦ୍ଧ ବଳଦେବଙ୍କ କନ୍ଦରାସୁର ଉପାଖ୍ୟାନକୁ ନେଇ ଏହାର ନାମ କେନ୍ଦ୍ରାପଡ଼ା ହୋଇଥିବାର ପୌରାଣିକ ତଥ୍ୟକୁ ବାଦ ଦେଲା ପରେ ଅନେକ ପଲ୍ଲୀ ବା ଗ୍ରାମର ମଧ୍ୟସ୍ଥଳ ଭାବରେ ଏହାକୁ ପୂର୍ବେ କେନ୍ଦ୍ରପଲ୍ଲୀ କୁହାଯାଉଥିବାର ଐତିହାସିକ ପ୍ରମାଣାନୁଯାୟୀ ଏହାକୁ କେନ୍ଦ୍ରାପଡ଼ା କୁହାଯାଇଥାଏ ବୋଲି ବିଜ୍ଞ ଓ ଗବେଷକମାନେ ମତପୋଷଣ କରିଥାନ୍ତି ।

ଶ୍ରୀ ବଳଦେବ ମହାପ୍ରଭୁଙ୍କୁ ବାଦ ଦେଲା ପରେ କେନ୍ଦ୍ରାପଡ଼ା ଥିଲା ପ୍ରାଚୀନ ନୌବାଣିଜ୍ୟର ଗନ୍ତାଘର । କେନ୍ଦ୍ରାପଡ଼ା ଅନ୍ତର୍ଗତ ତତ୍କାଳୀନ କନିକା ରାଜ୍ୟର ମାଇପୁର ବା ସାମ୍ପ୍ରତିକ ମୟୂରୀ ଗାଁକୁ ଐତିହାସିକ ଟଲେମୀ ମୟୀଡେରା ବନ୍ଦର ଭାବରେ ଚିତ୍ରଣ କରି ଅଛନ୍ତି । ଏହି କନିକାରେ ପୁରାତନ କାଳରେ ହୀରା ମିଳୁଥିବାର ପ୍ରମାଣ ମଧ୍ୟ ମିଳିଥାଏ । ଏହା ଛଡ଼ା ପୂର୍ବଦିଗ ସମୁଦ୍ରର ଉପକୂଳରେ ଅବସ୍ଥିତ ଜମ୍ବୁ ଦ୍ୱୀପ କଳଦ୍ୱୀପ ବା ସାତଭାୟା ଥିଲା ସେ ସମୟର ମୁଖ୍ୟ ବାଣିଜ୍ୟକେନ୍ଦ୍ର ବା ବନ୍ଦର । ଏହି ସାତଭାୟାର ବାଣିଜ୍ୟକୁ କେନ୍ଦ୍ର କରି ସୃଷ୍ଟି ହୋଇଛି ତଅପୋଇ କାହାଣୀ । ନୌବାଣିଜ୍ୟ କେନ୍ଦ୍ର ଭାବରେ ପଟ୍ଟାମୁଣ୍ଡାଇ ବୋଇତରକୁଦ, ଚାନ୍ଦୋଳ ଓ ଗରାପୁର ଆଦି ସ୍ଥାନର ନାମ ଇତିହାସ ପୃଷ୍ଠାରେ ଉଲ୍ଲେଖଯୋଗ୍ୟ । ପରବର୍ତ୍ତୀ ସମୟରେ ଇଂରେଜ ସରକାର ଦ୍ୱାରା ୧୮୨୬ ଖ୍ରୀ. ମେ ମାସ ୨୪ ତାରିଖରେ ପ୍ରତିଷ୍ଠା ହୋଇଥିଲା ପ୍ରଥମ ବତୀଘର ଓ ଫଲ୍ସ ପଏଣ୍ଟ ବନ୍ଦର । ୧୮୬୯ ମେ ମାସ ୨୬ ତାରିଖରେ ଓଡିଶାର ସର୍ବପ୍ରଥମ ନୌଚାଳନା ପାଇଁ କେନ୍ଦ୍ରାପଡ଼ା କେନାଲ ଖୋଳାଯାଇ ଏହି ବନ୍ଦର ସହିତ ସଂଯୋଗ କରାଯାଇଥିଲା । ଏହି ବନ୍ଦର ନିକଟସ୍ଥ ଜମ୍ବୁ ଅଂଚଳରେ ସରକାର ପ୍ରତିଷ୍ଠା କରିଥିଲେ ୧୮୬୧ରେ ଓଡ଼ିଶାର ପ୍ରଥମ ଡାକଘର ।

ପ୍ରାଚୀନ କେନ୍ଦ୍ରାପଡ଼ାରେ ଥିଲା ତିନିଗୋଟି ରାଜ୍ୟ ଯଥା – କୁଜଙ୍ଗ, ଆଳି ଓ କନିକା । କୁଜଙ୍ଗ ରାଜବଂଶରେ ଷଣ୍ଢ ବଂଶୀୟ, ଆଳି ରାଜବଂଶରେ ଦେବ ବଂଶୀୟ ଓ କନିକା ରାଜବଂଶରେ ଭଞ୍ଜ ବଂଶୀୟ ନରପତିମାନେ ଶାସନ କରୁଥିଲେ । କନିକା ରାଜବଂଶର ଅପରାଜେୟ ସ୍ୱାଧୀନଚେତା ରାଜା ବଳଭଦ୍ର ଭଞ୍ଜ ଓ କୁଜଙ୍ଗର ଦୁର୍ଦ୍ଦାନ୍ତ ରାଜା ଚନ୍ଦ୍ରଧ୍ୱଜ ଷଣ୍ଢ ସର୍ବପ୍ରଥମେ ମିଳିତ ଭାବେ ହରୀଶପୁର ରାଜା ନୀଳକଣ୍ଠ ମଙ୍ଗରାଜଙ୍କ ସହ ହାତ ମିଳେଇ ଇଂରେଜ ବିରୋଧରେ ସଂଗ୍ରାମ କରିଥିଲେ । ଆଳି ରାଜା ନୀଳକଣ୍ଠ ଦେବଙ୍କ ଦ୍ୱାରା ବର୍ତ୍ତମାନର ପ୍ରସିଦ୍ଧ ଶ୍ରୀ ଶ୍ରୀ ବରାହଜୀଉଙ୍କ ମନ୍ଦିର ନିର୍ମିତ ହୋଇଥିବା ସମୟରେ କନିକା ରାଜା ବଳଭଦ୍ର ଭଞ୍ଜ ରିଘା ଗଡ଼ର ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ଓ କେରେଡ଼ାଗଡ଼ର ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ । ଏହି କେରେଡ଼ାଗଡ଼ରେ ଜନ୍ମ ନେଇଥିଲେ ଦୁଇ ମହାନ ସନ୍ଥ ନାମାଚାର୍ଯ୍ୟ ବାୟାବାବା ଓ ଶୂନ୍ୟବାହୀ ପୁରୁଷ କ୍ଷେତ୍ରବାସୀ ବାବା । କୁଜଙ୍ଗ ନରେଶ ଅନନ୍ତ ନରେନ୍ଦ୍ର ସାମନ୍ତ କୁଜଙ୍ଗର ଶ୍ରୀ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ ।

ଊନବିଂଶ ଶତାବ୍ଦୀର ଓଡ଼ିଶା ଇତିହାସ ପୃଷ୍ଠାରେ କେନ୍ଦ୍ରାପଡ଼ା ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଓଡ଼ିଶାରେ ସଂଗଠିତ ନଅଙ୍କ ଦୁର୍ଭିକ୍ଷ ସମୟରେ କେନ୍ଦ୍ରାପଡ଼ାର ଖ୍ୟାତନାମା ଜମିଦାର ନରେନ୍ଦ୍ର ଅକୁଣ୍ଠଚିତ୍ତ ସମଗ୍ର ଓଡ଼ିଶା ଲୋକଙ୍କୁ ଯେପରି ଭାବରେ ବିନା ମୂଲ୍ୟରେ ମାସ ମାସ ଧରି ଆହାର ଯୋଗାଇଥିଲେ ତାହା ସବୁଦିନ ପାଇଁ ଓଡ଼ିଶା ଇତିହାସରେ ଲିପିବଦ୍ଧ ହୋଇ ରହିବ । ଉଲ୍ଲେଖ ଅଛି ଯାଜପୁର ପାଇଁ ରାଧେଶ୍ୟାମ ନରେନ୍ଦ୍ର ୭୫ ହଜାର ମହଣ ଧାନ ବିନା ମୂଲ୍ୟରେ, ନେତା ବିଚିତ୍ରାନନ୍ଦ ଦାସଙ୍କ ଅନୁରୋଧରେ ଦାନ କରିଥିଲେ । ଏଥିପାଇଁ ଦିଲ୍ଲୀ ଦରବାର ଓ କଟକରେ ଉପସ୍ଥିତ ସମସ୍ତ ରାଜାମାନଙ୍କ ସମ୍ମୁଖରେ ରାଧେଶ୍ୟାମ ନରେନ୍ଦ୍ରଙ୍କୁ ସମ୍ମାନିତ

ନିର୍ମଳ ଧନେ ଯଜ୍ଞ କଲେ । ଦେବତା ଋଣ ଶୁଝେ ଭଲେ ।।

କରାଯାଇଥିଲା । ଏହି ରାଧେଶ୍ୟାମ ନରେନ୍ଦ୍ରଙ୍କ ପିଉସା ଥିଲେ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର । ସେ ୧୭୮୫ ମସିହାରେ ରାଧେଶ୍ୟାମ ନରେନ୍ଦ୍ରଙ୍କ ପିଉସୀ ବିମଳା ଦେବୀଙ୍କୁ ବିବାହ କରିଥିଲେ । ରାଧେଶ୍ୟାମ ନରେନ୍ଦ୍ରଙ୍କ ଜ୍ୟେଷ୍ଠା ଭଗିନୀ ସୁଲକ୍ଷଣାଙ୍କୁ କୁଜଙ୍ଗ ରାଜା ଚନ୍ଦ୍ରଧ୍ୱଜ ଷଣ୍ଢ ବିବାହ କରିଥିଲେ । ଏହି ଚନ୍ଦ୍ରଧ୍ୱଜ ଷଣ୍ଢଙ୍କ ନାତି ଜଗନ୍ନାଥ ବୀରବରଙ୍କ ପୋଷ୍ୟ ପୁତ୍ର ଥିଲେ କୁଜଙ୍ଗ ଗାନ୍ଧୀ ନାରାୟଣ ବୀରବର ସାମନ୍ତ । ରାଧେଶ୍ୟାମ ନରେନ୍ଦ୍ରଙ୍କ ଜମିଦାରୀ ମଧ୍ୟରେ ରହିଥିଲେ ଲଳିତଗିରି, ଉଦୟଗିରି ଓ ରତ୍ନଗିରି । ଏହି ଅଞ୍ଚଳଗୁଡ଼ିକ ତତ୍କାଳୀନ ଅଳତୀ ପ୍ରଗଣା ଭୁକ୍ତ ହୋଇଥିଲା । ରାଧେଶ୍ୟାମ ନରେନ୍ଦ୍ର ତାଙ୍କ ଜମିଦାରୀ ଅଞ୍ଚଳ ମଧ୍ୟରୁ ଓଳାଶୁଣୀ ପାହାଡ଼କୁ ସାଧୁ ଅରକ୍ଷିତଙ୍କୁ ଦାନ କରି ତାଙ୍କ ନାମରେ ଉଇଲ କରିଦେଇଥିଲେ । ନରେନ୍ଦ୍ର କନିକା ରାଜା ବିନାୟକ ଭଞ୍ଜଙ୍କ ମୁରବୀ ଭାବରେ ଅଧିଷ୍ଠିତ ହୋଇ କନିକା ରାଜବଂଶକୁ ସୁରକ୍ଷା ପ୍ରଦାନ କରିଥିଲେ । ଊନବିଂଶ ଶତାବ୍ଦୀରେ ଯେଉଁ ସମୟରେ ଓଡ଼ିଆ ଭାଷା ବଙ୍ଗବାସୀଙ୍କ ଦ୍ୱାରା କବଳିତ ସେହି ସମୟରେ ଓଡ଼ିଆ ଭାଷାକୁ ପାଥେୟ କରି ବଡ଼କୋଠା ମଧ୍ୟସ୍ଥ ରଙ୍ଗ ମହଲରେ ଓଡ଼ିଆ ସଂଗୀତର ଆସର ତୋଳୁଥିଲେ ସଂଗୀତ ଗୁରୁ ଗୋକୁଳଚନ୍ଦ୍ର ଶ୍ରୀଚନ୍ଦନ । ଏଠାରେ ସମ୍ମିଳିତ ହେଉଥିଲେ ଭାରତର ଶ୍ରେଷ୍ଠ ସଂଗୀତଜ୍ଞ, ବଡ଼ ଗୋଲମ ଅଲ୍ଲୀ, ରୋସ୍‌ନାରା ବେଗମ୍, ହାଫିଜ୍ ଅଲ୍ଲୀ ଖାଁ, ରାୟଚାନ୍ଦ ବରାଳ ଇତ୍ୟାଦି । ଏହି ଆସର ସହିତ ପରବର୍ତ୍ତୀ ସମୟରେ ସମ୍ପୃକ୍ତ ହେଉଥିଲେ ପଦ୍ମଶ୍ରୀ ବାଣୀକଣ୍ଠ ନିମାଇ ହରିଚନ୍ଦନ ଓ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସ । ୧୮୯୯ ମସିହାରେ ସର୍ବ ପ୍ରଥମେ ସଂଗୀତ ଗୁରୁ ଗୋକୁଳ ଚନ୍ଦ୍ର ଶ୍ରୀଚନ୍ଦନ ରେକର୍ଡ଼ିଂ କରିଥିଲେ ଓଡ଼ିଆ ସଙ୍ଗୀତ ସଜନିରେ.... ସଜନି । ବାଣୀକଣ୍ଠ ଥିଲେ ଗୋକୁଳଚନ୍ଦ୍ର ଶ୍ରୀଚନ୍ଦନଙ୍କ ପୁତୁରା ଓ ବୃନ୍ଦାବନ ହରିଚନ୍ଦନଙ୍କ ପୁତ୍ର ଓ ପୁରୀ ବାଳକାଟୀ ଗ୍ରାମର ବାଳକୃଷ୍ଣ ଦାସ ଥିଲେ ଗୋକୁଳ ଶ୍ରୀଚନ୍ଦନଙ୍କର ଶିଷ୍ୟ । ବିଂଶ ଶତାବ୍ଦୀର ଇତିହାସ ପୃଷ୍ଠାରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଅଛି । ଭାରତୀୟ ସ୍ୱାଧୀନତା ସଂଗ୍ରାମରେ କେନ୍ଦ୍ରାପଡ଼ାର ବରେଣ୍ୟ ନେତା ଯଦୁମଣି ମଙ୍ଗରାଜ, ନାରାୟଣ ବୀରବର ସାମନ୍ତ, ପୀତାମ୍ବର ଜଗଦେବ, ଆଶଦୁଲ୍ଲା, ଅମର ଚାଟାର୍ଜୀ, ଆଳିର ଗାନ୍ଧୀ ସହଦେବ ପ୍ରଧାନ ଆଦି ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏମାନଙ୍କ ଆହ୍ୱାନରେ ଗାନ୍ଧୀ କେନ୍ଦ୍ରାପଡ଼ାକୁ ପଦଯାତ୍ରା କରିଥିଲେ । ହରିଜନ ପଦଯାତ୍ରାବେଳେ ବହୁ ସଂଖ୍ୟକ ନାରୀ ମଧ୍ୟ ଏଥିରେ ଭାଗ ନେଇଥିଲେ ।

ଶିକ୍ଷା କ୍ଷେତ୍ରରେ କେନ୍ଦ୍ରପଡ଼ା ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ଅନେକ ଆଗରେ ରହିଅଛି । ୧୮୪୪ ମସିହାରେ ସର୍ବପ୍ରଥମେ ଓଡ଼ିଶାର (କଟକ ସହର ନୁହେଁ) ହରିପୁର, ରେମୁଣା, କେନ୍ଦ୍ରାପଡ଼ାରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ୧୮୬୩ ମସିହାରେ ଏହି ବିଦ୍ୟାଳୟ ମଧ୍ୟ ଇଂରାଜୀ ଓ ୧୮୮୩ ମସିହାରେ ତତ୍କାଳୀନ ଏସ୍‌ଡ଼ିଓ କୀର୍ତ୍ତିଗୋବିନ୍ଦ ଗୁପ୍ତଙ୍କ ଦ୍ୱାରା ଉଚ୍ଚ ବିଦ୍ୟାଳୟରେ ପରିଣତ ହୋଇଥିଲା । ବିଶିଷ୍ଟ ଶିକ୍ଷାବିତ୍ ଜାମାଲଉଦ୍ଦୀନ ଓ ପଲ୍ଲୀ କବି ନନ୍ଦକିଶୋର ବଳ ଏହି ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଥିଲେ । ଏହାପରେ ୧୮୯୩ ମସିହାରେ କେନ୍ଦ୍ରାପଡ଼ା ସହରରେ ନାରୀ ଶିକ୍ଷାର ପ୍ରସାର ପାଇଁ ଫ୍ରେଜର ବାଳିକା ବିଦ୍ୟାଳୟ ସ୍ଥାପିତ ହୋଇଥିଲା ।

୧୮୯୩ ମସିହାରେ ସର୍ବ ପ୍ରଥମେ କେନ୍ଦ୍ରାପଡ଼ାରେ ଏକ ସର୍ବସାଧାରଣ ପାଠାଗାର ସ୍ଥାପିତ ହୋଇଥିଲା । ଏହାର ତତ୍କାଳୀନ ନାମ ଥିଲା ନରେନ୍ଦ୍ର ପାଠାଗାର । ମାତ୍ର ମହାରାଣୀ ଭିକ୍ଟୋରିଆଙ୍କ ଜନ୍ମ ଜୟନ୍ତୀରେ ଏହାର ନାମ ଡାଏମଣ୍ଡ ଯୁବଲୀ ଲାଇବ୍ରେରୀ ହୋଇଥିଲା । ସ୍ୱୟତ୍ତ ଶାସନ ପ୍ରସଙ୍ଗରେ ସର୍ବପ୍ରଥମେ କେନ୍ଦ୍ରାପଡ଼ାରେ ତା ୧୦.୦୩.୧୮୬୯ ମସିହାରେ ମୁନିସପାଲଟି ସ୍ଥାପିତ ହୋଇଥିଲା । ଏହି ପୌରସଂସ୍ଥା ଓଡ଼ିଶାର ସର୍ବପ୍ରାଚୀନ ଓ ସର୍ବପ୍ରଥମ ପୌରସଂସ୍ଥା ଭାବରେ ନାମିତ ହୋଇଛି । କଟକ ଗେଜେଟିୟରରେ ଏ ସମ୍ପର୍କରେ ଉଲ୍ଲେଖ ରହିଅଛି ।

ସଂସ୍କୃତ ଭାରତୀ*******

ବିଦ୍ୟା ପଠନ କଲେ ଜାଣ । ନିଷ୍ଟେ ଶୁଝନ୍ତି ରଷିରଣ ।।

**ପ୍ରେରକ ପ୍ରସଙ୍ଗ**

# ତସ୍ମୈ ଶ୍ରୀ ଗୁରବେ ନମଃ

*ଶ୍ରୀମତୀ ସଂଗୀତା ମିଶ୍ର*

ଗତ ଦୁଇ ଦିନ ତଳେ ମୁଁ ସ୍କୁଲରୁ ଫେରୁଥାଏ । ଦିନ ପ୍ରାୟ ବାରଟା ପ୍ରବଳ ଖରା । ଜଲଦି ଜଲଦି ପାଦ ପକାଉଥାଏ ଖରାରୁ ରକ୍ଷା ପାଇବା ପାଇଁ କିନ୍ତୁ ହଠାତ୍ ଏକ ଅଭାବନୀୟ ଦୃଶ୍ୟ ଦେଖି ପାଦ ଅଟକିଗଲା । ପାଞ୍ଚ ସାତ ବର୍ଷର ଝିଅଟିର ହାତ ଓ ଗୋଡ ବାନ୍ଧି ସମ୍ପୂର୍ଣ୍ଣ ଉଲଗ୍ନ କରି ତତଲା ପିଚୁ ରାସ୍ତାରେ ମାଆ ତା'ର ବସାଇ ଦେଇଛନ୍ତି । ଭଉଣୀ ପରେ ଚାରି ପାଞ୍ଚ ବର୍ଷର ଭାଇଟିକୁ ମଧ୍ୟ ସେଇ ସମାନ ଭାବରେ ବାନ୍ଧି ବସାଇଛନ୍ତି ମାଆ ତା'ର ଶାସନ କରିବା ନାଁରେ ଅନୁଶାସନର ଦୁହାଇ ଦେଇ । ପିଲା ଦୁଇଟିର ଭୁଲ ଥିଲା ଗ୍ରୀଷ୍ମ କଷ୍ଟ ଲାଘବ ପାଇଁ ସାଥୀ ପିଲାଙ୍କ ସହ ପୋଖରୀରେ ମାଆଙ୍କ ବିନା ଅନୁମତିରେ ଗାଧୋଉଥିଲେ ବେଶ କିଛି ସମୟ ମନ ଭରି । ହୃଦୟ ଥରି ଉଠିଲା । ମନ ବିଦାରି ହୋଇ ପାଦ ଅଟକିଗଲା । ଅନୁରୋଧ କଲି ମାଆଙ୍କୁ ପିଲାଦୁଇଟିକୁ ଫିଟାଇ ଦେବା ପାଇଁ । ମାଆ କିଛି ବୁଝିବା ଅବସ୍ଥାରେ ନ ଥିଲେ । ଅନୁନୟ ବିନୟ ହୋଇ ପିଲା ଦୁଇଟିକୁ ଅନ୍ତତଃ ନିଜ କ୍ରୋଧ ଶାନ୍ତ ହେବା ଯାଏ ଛାଇରେ ବାନ୍ଧି ରଖ ବୋଲି ବୁଝାଇଲି । କ୍ରୋଧିତ ମା ମୋର କୌଣସି କଥା ବୁଝିବା କି ଶୁଣିବା ଅବସ୍ଥାରେ ନ ଥିଲେ । ଆଶା ବି ଛାଡି ନ ଥିଲି ଯେମିତି ହେଲେ ପିଲା ଦୁଇଟିକୁ ମାଆଙ୍କ ଅମାନୁଷିକ କାର୍ଯ୍ୟରୁ ରକ୍ଷା କରିବା ପାଇଁ । ମୁଁ ଥିଲି ବଦ୍ଧପରିକର । ମୋ ପରି ରାସ୍ତାରେ ଯାଉଥିବା ଅନେକ ଲୋକ ମଧ୍ୟ ଛୁଆ ଦୁଇଟିକୁ ଫିଟାଇ ଦେବା ପାଇଁ କହୁଥିଲେ କିନ୍ତୁ ସେ ମାଆଙ୍କର କ୍ରୋଧିତ ରୂପ ସାଙ୍ଗକୁ ଅଶ୍ରାବ୍ୟ ଭାଷାରେ ଗାଳି ବାଧ୍ୟ କରୁଥିଲା ସମସ୍ତଙ୍କୁ ଚୁପଚାପ ଚାଲିଯିବା ପାଇଁ । ଏପରିକି କେହି କେହି ପୋଲିସର ଭୟ ଦେଖାଉଥିଲେ ମଧ୍ୟ ଖାତିର ନ ଥିଲା ମହିଳା ଜଣଙ୍କର । ତାଙ୍କ କ୍ରୋଧିତ ରୂପକୁ ଦେଖି ପିଲା ଦୁଇଟି ଯେମିତି କାକୁସ୍ତ ହୋଇ ଲୁହ ଝରାଇ ନିରବ ପ୍ରାର୍ଥନା କରୁଥିଲେ ନିଦାଘର ଦାରୁଣ ଯନ୍ତ୍ରଣାରୁ ରକ୍ଷା କରିବା ପାଇଁ । ଭୟରେ କୌଣସି ପଡୋଶୀ ବି ସାହାଯ୍ୟ ପାଇଁ ଆସୁ ନ ଥିଲେ । ଶେଷରେ ନିଷ୍ପାପ ପିଲା ଦୁଇଟିର ଡାକ ବୋଧହୁଏ ଈଶ୍ୱର ଶୁଣି ପାରିଲେ ଆଉ ଶୁଣି ପାରିଲେ ବୋଧ ହୁଏ ମୋ ଅନ୍ତରଆତ୍ମାର ନିବେଦନ । ହଠାତ୍ ଅଟକି ଗଲା ଦୁଇ ଚକିଆ ଗାଡ଼ିଟିଏ । ଓହ୍ଲାଇ ଆସିଲେ ଭଦ୍ରବ୍ୟକ୍ତି ଜଣେ । କଥାରେ ଥିଲା ଦାମ୍ଭିକତା ଆଉ ଆଦେଶ ଆଗେ ଫିଟାଅ ସେ ପିଲାଙ୍କୁ ତମେ ମାଆ ଟି । ଏମିତି କେହି ନିର୍ଦ୍ଦୟ ଭାବେ ଶାସ୍ତି ଦିଏ ପିଲାଙ୍କୁ । ତଥାପି ମହିଳାଙ୍କ ରାଗ କମି ନ ଥାଏ । ଭଦ୍ରବ୍ୟକ୍ତିଙ୍କ ଗାମ୍ଭୀର୍ଯ୍ୟ ଭରା କଥାରେ ଭୟ ପାଇ ପଡୋଶୀ ମହିଳା ଜଣକ ଫିଟାଇ ଦେଲେ ପିଲା ଦୁଇଟିକୁ । ଗଭୀର ଆତ୍ମ ତୃପ୍ତିରେ ମନ ପୂରିଗଲା । ଭଦ୍ରବ୍ୟକ୍ତିଙ୍କ ପରିଚୟ ଜିଜ୍ଞାସା କରି ଜାଣିଲି ଆଜ୍ଞା ଜଣେ ପ୍ରଧାନ ଶିକ୍ଷକ ।

ମୋ ମଥା ନଇଁ ଯାଉଥିଲା ସେହି ଶିକ୍ଷକଙ୍କ ପାଦ ତଳେ । କିଏ କହେ ଶିକ୍ଷକ କେବଳ ମାଡ଼ ଦେଇ ଶାସନ କରିପାରେ । ଆବଶ୍ୟକ ସ୍ଥଳେ ମାଆଠାରୁ ମାଡ଼ ଖାଉଥିବା ଶିଶୁର ସୁରକ୍ଷା କବଚ ସାଜି ପାରେ ଜଣେ ଶିକ୍ଷକ । ଶିଶୁ ପ୍ରତି ହେଉଥିବା ଅନ୍ୟାୟର ଦୃଢ଼ ପ୍ରତିବାଦ କରି ସ୍ୱର ଉଠାଇବାର ସତସାହସ କରିପାରେ ଜଣେ ଶିକ୍ଷକ । ଏମିତି ଶିଶୁ ଶୋଷଣ ବିରୋଧରେ ଯଦି ସମସ୍ତେ ସ୍ୱର ଉଠାଇ ପାରନ୍ତେ ଦେଖିବାକୁ ମିଳନ୍ତା ନାହିଁ ହୋଟେଲ ବା ଗ୍ୟାରେଜରେ ଅତ୍ୟାଚାରିତ ହେଉଥିବା ଶିଶୁମାନଙ୍କୁ । ସତରେ ଯୁଗେ ଯୁଗେ ଗୁରୁ ହିଁ ସମାଜର ପଥପ୍ରଦର୍ଶକ ଆଉ ଗୁରୁ ହିଁ ସମାଜ ସଂସ୍କାରକ । ଯଥାର୍ଥରେ କୁହାଯାଇଛି ତସ୍ମୈ ଶ୍ରୀ ଗୁରବେ ନମଃ ।

*ପୂର୍ବ ସମ୍ପାଦକ ପ୍ରତିନିଧି, ଶିକ୍ଷାସୃଜନୀ*

**ପୁତ୍ର ପଉତ୍ର ଜାତ ହେଲେ । ପିତୃଙ୍କ ଋଣ ଶୁଝେ ଭଲେ ।।**

# ସ୍ୱଦେଶୀ ଗ୍ରହଣ କରି ଦେଶକୁ ସମୃଦ୍ଧ କରନ୍ତୁ

ପ୍ରିୟ ବନ୍ଧୁ! ସାରସ୍ୱତ ନମସ୍କାର ଗ୍ରହଣ କରିବେ । ଆଶା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କୃପାରୁ କୁଶଳରେ ଥାଇ ସାରସ୍ୱତ କାର୍ଯ୍ୟରେ ତଲ୍ଲୀନ ଥିବେ । ରାଜନୀତିକ ସ୍ୱତନ୍ତ୍ରତା ସହ ଆର୍ଥିକ ସ୍ୱତନ୍ତ୍ରତା ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଅଟେ । ଏଥିପାଇଁ ସୁଦୃଢ଼ ଅର୍ଥ ବ୍ୟବସ୍ଥା ଆବଶ୍ୟକ । ଏଣୁ ଆପଣ ସ୍ୱଦେଶୀ କମ୍ପାନୀର ଜିନିଷ କିଣନ୍ତୁ, ଯାହା ଫଳରେ ଦେଶର ଅର୍ଥ ଦେଶରେ ରହିବ । ସ୍ୱାଧୀନତା ପୂର୍ବରୁ ଆମର ସ୍ୱାଧୀନତା ସଂଗ୍ରାମୀ ବିଦେଶୀ ବସ୍ତୁର ବର୍ଜନ କରୁଥିଲେ, କିନ୍ତୁ ଆଜି ଆମ ଘର ବିଦେଶୀ ବସ୍ତୁରେ ଭରପୂର । ଯଦି ଆମେ ସ୍ୱଭାବତଃ ସ୍ୱଦେଶୀ ଖାଦ୍ୟ-ପେୟ, ବସ୍ତ୍ର ପରିଧାନ କରି ଗର୍ବ କରିବା ତେବେ ଦେଶ ପାଇଁ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ୱପ୍ନର ଭାରତ ସାକାର ହେବ ।

## ଦ୍ରବ୍ୟଗୁଡ଼ିକର ସାରଣୀ

### ସଫା କରିବା ପାଉଡ଼ର / ସାବୁନ

ନିରମା, ସୋଲୋ, ବିମଲ, ହିପୋଲିନ୍, ୫୫୫, ଫେନା, ସ୍ୱିଡ଼୍, ଟେକ୍, ସନ୍‌ବ୍ରାଣ୍ଡ, ଉଜାଲା, ଡ. ୱାସ୍ ସନ୍‌ପ୍ଲସ୍, ଇମ୍ପାକ୍ଟ, ହେଙ୍କୋ, ଖଦୀ ପ୍ରଡକ୍ଟସ୍, ସୁଧ୍, ମୋଦି, ମୋର ।

### ଗାଧୋଇବା ସାବୁନ୍

ଗଦରେଜ୍ ନଂ-୧, ସନ୍ତୁର, ନିର୍‌ମା, ସ୍ୱସ୍ତିକ, ମହୀଶୂର ସ୍ୟାଣ୍ଡାଲ, ୱିପ୍ରୋ, ଫ୍ରେସ୍, କ୍ରିଷ୍ଣାତୁଳସୀ, ମେଡ଼ିମିକ୍ସ, ବିମଲ, ଚନ୍ଦ୍ରିକା, ସିନ୍ଥୁଲ, ସର୍ବୋଦୟ, ନିମ୍, ପ୍ରିମିୟମ୍, ଗ୍ଲାଡ଼ିସ୍, ନିମ, ଇଭା, ଅର୍ଚ୍ଚିଡ଼୍, କୁଟିକୁରା, ମାର୍ଗୋ, ଖଦୀ ପ୍ରଡକ୍ଟସ୍ ।

### ଥଣ୍ଡା ପାନୀୟ ଓ ଖଣିଜ ଜଳ

ମା, ଫିଜ୍, ଏନର୍ଜି, ଫ୍ରୁଟି, ମେଙ୍ଗୋଟାଇମ୍, ମେଙ୍ଗୋଟ୍ରେଷ୍ଟ, ଜିପି, ରସ୍‌ନା, ଗ୍ରିଷ୍ଟ, ପାର୍ଲେ, ବିସ୍‌ଲେରି, ବେଲି, ଇଷ୍ଟର୍ଣ୍ଣ, ରୟାଲ୍, କାମ୍ପାକୋଲା, ଟାଟା ଟିଓନ୍, ଏନର୍ଜି ମେଙ୍ଗୋ, ଡ୍ରିଙ୍କ, ଏନର୍ଜି କୋଲା, ସିଟ୍ରନ୍, ସ୍ଲାଇସ୍-ଅପ୍, ଇମ୍ପିନ୍, ପାମ୍‌ଜୀ, ସ୍ଲାଇସ୍ ଅଫ, ଅମୁଲ କୁଲ୍, ପଇଡ଼ ସବୁଠାରୁ ସ୍ୱାସ୍ଥ୍ୟପଦ ଥଣ୍ଡା ପାନୀୟ ।

### ପେଷ୍ଟ, ଦାନ୍ତ ଘସା ପାଉଡର, ବ୍ରସ୍

ବବୁଲ, ପ୍ରୋମିସ୍, ଚଏସ୍, ଭିକୋ, ଆଙ୍କର, ଡାବର, ଇମାମି, ମେସ୍‌ୱାକ୍, ଅମର, ଖଦୀ ଏବଂ ଏସ୍‌ଏମଇ ପ୍ରଡକ୍ଟ ।

### ଚା' ଓ କଫି

ଏଲିଟ୍, ଆସାମ ଚା, ଟାଟା, କୁର୍ଗ, ଟାଟା ଟେଟ୍‌ଲି, ଭିଟି, ମେଲାମ୍, ମାଉଣ୍ଟେନମିଷ୍ଟ, ଏସ୍‌ଟି, ଟାଟା କେଫ୍, ସପତ, ଗିର୍‌ନର, ପରିବାର, ଡନ୍‌କନ୍, ସୋସାଇଟି, ଏମ୍‌ଆର୍, ବାଘ ବକ୍‌ରୀ ।

### ସେଭିଙ୍ଗ ସୋପ୍, ବ୍ଲେଡ୍

ଗୋଦରେଜ୍, ଇମାମି, ସୁପରମାକ୍ସ, ଅଶୋକ, ଟୋପାଜ୍, ପାର୍କ ଆଭିନ୍ୟୁ, ଗାଲେଣ୍ଟ, ଲେଜର, ବିଦ୍ୟୁତ୍, ପ୍ରିମିୟମ୍, ସ୍ୱଦେଶୀ, ଆଫ୍‌ଗାନ୍, ଓଲ୍ଡ ସ୍ପାଇସ୍, ଭି-ଜୋନ୍, ଖଦୀ ଆଣ୍ଡ ଏସ୍ ଏମ୍‌ଇ ପ୍ରଡ଼କ୍ଟସ୍ ।

### ଆଇସ୍‌କ୍ରିମ୍

ଜୟ, ଗୋକୁଲ, ମିଲ୍‌ମା, ଲାଜା, ଅମୂଲ, ବାଦିଲାଲ, ଅଙ୍କଲ ଜନ୍, ଭେଷ୍ଟା, କାଲିଭାନ୍, ମଦର ଡାଇରୀ, ନେଚୁରାଲ, ଦିଲସନ୍, ପେଷ୍ଟୋଞ୍ଜି ।

### ତେଲ ଓ ଖାଦ୍ୟ ପଦାର୍ଥ

କେପିଏଲ, ସନ୍‌ଫ୍ଲାୱାର, ଧାରା, ପାରାଚୁଟ୍, ଅଶୋକ, କୋହିନୂର, ଡାବର, ସାହାକର, ଲିଜିଥ୍, ଗଣେଶ, ଶକ୍ତିଭୋଗ ଅଟା, କେରା, ଆନନ୍ଦ, ଡାଲଡ଼ା, ଲିଜତ୍ ଅଟା, ଗୋଦରେଜ, ପୋଷ୍ଟମ୍ୟାନ୍, ଅଏଲ, ଅମୂଲ, ଲିଜତ୍ ପାପଡ଼, ରୁଚି, ସ୍ୱାଦିଷ୍ଟ ରଥଅଟା, ହାତୀ ଅଟା, ରିଷ୍ଟା, ଗୃହସ୍ଥୀ, ଖଦୀ ଆଣ୍ଡ ଏସ୍ ଏମ୍‌ଇ ପ୍ରଡକ୍ଟସ୍ ।

### କଲମ ଓ ଲେଖା ସାମଗ୍ରୀ

ଜି-ଫ୍ଲୋ, କ୍ୟାମେଲିନ୍, ରୋଟୋମ୍ୟାକ୍, ସେଲୋ, ମଣ୍ଟେକ୍ସ, ଓମେଗା, ଷ୍ଟିକ୍, କ୍ୟାମେଲ୍, ଫ୍ଲୋରା, ଅପସରା, ନଟରାଜ, ଚେଲ୍‌ପାର୍କ, ଲେକ୍ସି, ଫ୍ଲେୟାର, ଲେକ୍ସର, ଲାୟନ୍, ରିନୋଲ୍ଡ ।

ବିବେକ ଶାନ୍ତି କ୍ଷମା ଧୀର । ଏ ଚାରି ପୁରୁଷଙ୍କ ସାର ॥

## ଜୋତା, ପାଦ ପୋଷାକ

ଲଖାନି, ଲିବର୍ଟି, ଆକ୍ସନ୍, ପାରାଗନ୍, ଲୁନାର, ଫେନିକ୍ସ, ଏସିଆନ୍, କୀରନରଲ, କ୍ୱିଓ୍ୱ ସୁ ପଲିସ୍, ଭିକେସି, ସ୍ମାଟେକ୍, ପଲିଟେକ୍, ପ୍ରେଷ୍ଟିଜ୍, ହାଇଓ୍ୱାକ୍, ମାର୍କ, କ୍ୟୁବିକ୍ସ, ଷ୍ଟାଇଲୋ, ଫିନିକ୍ସ, ୟୁରୋଷ୍ଟାର୍, ବୟସନ୍, ଫ୍ଲିଟ୍‌ଏ, ଟାୟିଗ୍ରିସ୍, ଫନ୍‌ସ୍କଲ, ଟଏଜ୍, ଲିଓ ।

## ବିଦ୍ୟୁତ୍ ଓ ବୈଦ୍ୟୁତିକ ସାମଗ୍ରୀ

ଭିଡ଼ିଓକନ୍, ବି.ପି.ଏଲ, ଓନିଡା, ଭି-ଗାର୍ଡ଼, ଟାକ୍‌ସନ୍, ଓ୍ୱେଷ୍ଟନ୍, କଲେଟ୍ରନ୍, ଟିଭିଏସ୍, ଗୋଦରେଜ୍, କ୍ରାଉନ୍, ବଜାଜ୍, ଉଷା, ପୋଲାର, ସୂର୍ଯ୍ୟ, ଓରିଏଣ୍ଟ, କ୍ରମ୍ପଟନ୍, ଶ୍ରୀରାମ, ବ୍ଲୁଷ୍ଟାର, ଭୋଲ୍‌ଟାସ୍, ଖୈତାନ୍, ଏଭରେଡ଼ି, ଜିପ୍, ନୋଭିନୋ, ଆମ୍ପ୍ରୋ, ସୁବିଥ୍, ଅଜନ୍ତା, ଏଚ୍.ଏମ୍.ଟି, ପ୍ରେଷ୍ଟିଜ୍ ପ୍ରେସର କୁକର, କେଲଭିନ୍, ଆଲଓ୍ୱିନ, କୁଲିର୍ମା, ମଇସୁର, ହକିନ୍ସ ପ୍ରେସର କୁକର, ହେଭଲ୍ସ, ଉଇପ୍ରୋ, ସୀମା, ବଙ୍ଗାଲ୍, ପ୍ରକାଶ, ପିଜିଓନ୍, କାଞ୍ଚନ, ଆଙ୍କର, କୁନ୍ଦନ, ଏଚ୍‌ସିଏଲ୍ ।

## କମ୍ପ୍ୟୁଟର, ଲାପ୍‌ଟପ୍, କମ୍ପ୍ୟୁଟର ସାମଗ୍ରୀ

ଏଚ୍‌ସିଏଲ୍, ସେନିଥ, ଉଇପ୍ରୋ, ସାହାର, ଇଣ୍ଟେକ୍ସ, ଚିରାଙ୍ଗ, ଆମକେଟ୍, ମୋଜରବିଅର୍, ବିପିଏଲ୍, ଅଜନ୍ତା, ଟିଭିଏସ୍ ।

## ରେଡ଼ିମେଡ଼

ମଫତୁଲାଲ୍, କେମ୍ବ୍ରିଜ୍, ଅରବିନ୍ଦ, ଡନ୍, ଟିଟି ଲକ୍ସ, ଭିଆଇପି, ନିଉ ପୋର୍ଟ, କିଲର୍, ପେଟର ଇଙ୍ଗଲଣ୍ଡ, ଡ୍ୟୁକ୍, ଏକ୍ସ-କାଲିବର୍, ଟ୍ରେଟ୍, ଡବ୍ଲ ବୁଲ, ଡେନିମ୍, ପାର୍କ ଆଭିନ୍ୟୁ, ରେମଣ୍ଡ, ଫ୍ଲାଇଙ୍ଗ ମେସିନ୍, ଡକ୍‌ସନ, କିଙ୍ଗ ରିଚାର୍ଡ଼, କଟନ କିଙ୍ଗ, ଫୋର୍ ସ୍କୋୟର୍, ପାକ୍ସ ।

## ସୌଖୀନ ସାମଗ୍ରୀ ଓ ସୁନ୍ଦରତାର ଯତ୍ନ

କେଲଭିନ୍‌କେୟାର, ଶୃଙ୍ଗାର, ସିନ୍ଥଲ, ସନ୍ତୁର, ଇମାମି, ବରୋପ୍ଲସ୍, ତୁଳସୀ, ଭିକୋ ଟରମରିକ୍, ହେୟାର କେୟାର, ହିମାନି ପାରାଚୁଟ, ବଲ୍‌ସାରା, ପାର୍କ ଆଭେନ୍ୟୁ, କୁଟିକୁରା, ବଜାଜ୍, କାବେରି, ପ୍ରିମିୟମ୍, ଆଫଗାନ୍, ଡାବର, ହିମାଳୟ, ବରୋଲିନ୍, ପାକ୍ସ, ବୈଦ୍ୟନାଥ, ଜୈନସ୍ ପ୍ରଡକ୍ସସ୍, ଖଦୀ ଏଣ୍ଡ ଏସ୍‌ଏମ୍‌ଇ ପ୍ରଡକ୍ସସ୍ ।

## ଯାନବାହନ

ଟାଟା, ଅଶୋକ ଲେଲ୍ୟାଣ୍ଡ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଆଇଚର, ସ୍ୱରାଜ ମାଜ୍‌ଦା, ଟିଭିଏସ୍, ହିରୋ, ବଜାଜ୍, କାଇନେଟିକ୍, ଏଲ୍‌ଏମ୍‌ଏଲ. ସୋନାଲିକା, ହିନ୍ଦୁସ୍ଥାନ ମୋଟର୍ସ, ଫୋର୍ସ, ଅତୁଲ, ଟାଫେ, ଏଏମ୍ ଡବ୍ଲୁ, ବିକ୍ରମ, ଚାମ୍ପିୟନ୍, ପଜାବ୍, ଏସ୍‌କର୍ଟସ୍, ଜାଗୁଆର୍ ।

## ଟାୟାର୍

ଆପୋଲୋ, ଏମ୍‌ଆରଏଫ୍, ଜେକେ, ମୋଦି, ଟିଭିଏସ୍, ବିକ୍ରାନ୍ତ, ପ୍ରିମିୟର, ଶ୍ରୀଚକ୍ର, ସିଏଟ୍, ଇନ୍‌ଟେକ୍, ଡନଲପ୍ ।

## ବିସ୍କୁଟ୍, ଚକୋଲେଟ୍, ପାଉଁରୁଟି, ଚିପ୍ସ

ନିଉଟ୍ରନ୍, ପାର୍ଲେ, କ୍ରାକ୍‌ଜ୍ୟାକ୍, କ୍ରିପ୍‌ଟମ୍‌ସ, ଅମୂଲ, ନିଉଟ୍ରାମୂଲ, ଆରୋରୁଟ୍, କ୍ରେଜ୍, ପୋଷ୍ଟର, ବେକ୍‌ମ୍ୟାନ୍, କାମ୍ପକୋ, କ୍ରିଷ୍ଟାଲ, ଫାଣ୍ଟା, ଉଇନର, ଟ୍ରର୍ବୋ, ମେଲଟୋ, କମ୍ପକୋ କ୍ରିମ୍, ଫାଷ୍ଟାନ୍, ଚମ୍ପିଆନ୍, ବ୍ରିଟାନିଆ, ଚମ୍ପିଆନ, ହଲଦୀରାମ, ଟକାଟକ୍, ବିକାନୋ, ବିକାଜି ଓ ଅନ୍ୟାନ୍ୟ କ୍ଷୁଦ୍ରଶିଳ୍ପ ଉତ୍ପାଦ, ସ୍ଥାନୀୟ ଉତ୍ପାଦ ।

## ମୋବାଇଲ ହ୍ୟାଣ୍ଡସେଟ୍

ବିପିଏଲ୍, ଓନିଡ଼ା, ସ୍ପାଇସ୍, ଅରପାଟ୍, ଉଷାଇଲ୍ଲେସ୍, ବିଟେଲ, ଭିଡ଼ିଓକନ୍, ଜେନ୍, ଲନ୍, କାର୍ବୋନ୍, ମାଇକ୍ରୋମାକ୍ସ, ଲାଭା, ଇନ୍‌ଟେକ୍ସ, ଇଥନ୍ ।

## ଟେଲିକମ୍ କମ୍ପାନିଜ୍

ବିଏସ୍‌ଏନ୍‌ଏଲ, ରିଲିଆନ୍ସ, ଟାଟା ଇଣ୍ଡିକମ୍, ଟାଟା ଡୋକୋମୋ, ଆଇଡ଼ିଆ, ଏମ୍.ଟିଏନ୍‌ଏଲ, ଏୟାରଟେଲ, ଭିଡ଼ିଓକନ୍, ଲୁପ୍ ।

**ଏଥି ସହିତ ପତଞ୍ଜଳି ଯୋଗ ସମିତି, ଆଶାରାମ ବାପୁ ଆଶ୍ରମ ଭଳି ବିଭିନ୍ନ ସଂସ୍ଥା ଦ୍ୱାରା ନିର୍ମିତ ବସ୍ତୁ ସ୍ୱଦେଶୀ ଅଟେ ।**

**ଛୋଟ ପଦକ୍ଷେପ, ବୃହତ୍ତର ପ୍ରଭାବୀ ସମାଧାନ**

**ଭାରତୀୟ ଭାବେ ଭାରତୀୟ ଗ୍ରହଣ କରନ୍ତୁ ।**
**BE INDIAN - BUY INDIAN**

ଏହା ହରଇ ଗୃହଦ୍ୱନ୍ଦ୍ୱ । ଅଜ୍ଞାନୀଜନଙ୍କ ଆନନ୍ଦ ।।

## ସମ୍ବାଦ ଚୁମ୍ବକେ ଚୁମ୍ବକେ

### ଶିକ୍ଷାନୁଷ୍ଠାନରେ ପାଳନ ହେବ 'ଅମୃତ ମହୋତ୍ସବ' :-

୭୫ତମ ସ୍ୱାଧୀନତା ଦିବସଠାରୁ ସମ୍ପୂର୍ଣ୍ଣ ବର୍ଷ 'ଆଜାଦୀ କା ଅମୃତ ମହୋତ୍ସବ' ସମଗ୍ର ଦେଶରେ ପାଳନ କରିବାର ଯୋଜନା କରାଯାଇଛି । ଏହି ପରିପ୍ରେକ୍ଷୀରେ ବିଦ୍ୟା ଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ ପକ୍ଷରୁ ମଧ୍ୟ ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ନିଷ୍ପତ୍ତି ନିଆଯାଇଛି । କେନ୍ଦ୍ରଦ୍ୱାରା ନିର୍ଦ୍ଧାରିତ ଦେଶାତ୍ମବୋଧକ ସଙ୍ଗୀତ ସାମୂହିକ ଭାବେ ଗାନ କରାଯିବ । ସ୍ଥାନୀୟ ସ୍ତରରେ ଏକ ରାଷ୍ଟ୍ରଭକ୍ତିଯୁକ୍ତ ମାସିକ ସଙ୍ଗୀତ ପ୍ରତିଦିନ ଗାନ କରାଯିବ । ପ୍ରଧାନାଚାର୍ଯ୍ୟ, ଆଚାର୍ଯ୍ୟ ଏବଂ ଛାତ୍ରମାନଙ୍କ ଦ୍ୱାରା ସଂଗ୍ରାମରେ ନିଜକୁ ବଳିଦାନ ଦେଇଥିବା ଶିଶୁଙ୍କ ଗାଥାଗୁଡ଼ିକର ଆଲୋଚନା ହେବ । ଆଚାର୍ଯ୍ୟଙ୍କ ଦ୍ୱାରା ୧୯୪୭ରୁ ୨୦୨୦ ମସିହା ପର୍ଯ୍ୟନ୍ତ ବିଜ୍ଞାନ, କ୍ରୀଡ଼ା, ଶିକ୍ଷା ତଥା ସୁରକ୍ଷା କ୍ଷେତ୍ରରେ ଭାରତର ଉପଲବ୍ଧି, ସମାଜ ଜୀବନର ସର୍ବସାଧାରଣ ବ୍ୟକ୍ତିଙ୍କ ମଧ୍ୟରେ ଥିବା ଅସାଧାରଣ ବ୍ୟକ୍ତିତ୍ୱ ଯେଉଁ ବ୍ୟକ୍ତିମାନେ ପଦ୍ମ ପୁରସ୍କାର ପ୍ରାପ୍ତ କରିଛନ୍ତି ସେମାନଙ୍କ ବିଶେଷତ୍ୱ, ପରମବୀରଚକ୍ର ପୁରସ୍କାରପ୍ରାପ୍ତ ବୀରଙ୍କ ପରିଚୟ ଆଦି ସଂଗ୍ରହ କରାଯାଇ ଆକର୍ଷଣୀୟ ପୁସ୍ତକ ପ୍ରସ୍ତୁତ କରାଯିବ । ସ୍ୱତନ୍ତ୍ର ଭାରତର ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀମାନଙ୍କ ସମ୍ବନ୍ଧରେ ସୂଚନା ଓ ପରିଚୟର ସଂକଳନ କରାଯିବ । ଗୋଟିଏ ପ୍ରକଳ୍ପ ମାଧ୍ୟମରେ ବିଦ୍ୟାର୍ଥୀ ନିଜ ଜିଲ୍ଲାର କୃଷି, ସଡ଼କ, ବିଜୁଳି, ପାଣି, ଜଳସେଚନ, ସ୍ୱାସ୍ଥ୍ୟ, ଉଦ୍ୟୋଗ ଓ ବ୍ୟବସାୟ ଆଦି କ୍ଷେତ୍ରରେ ବିକାଶ ଯାତ୍ରାର ସୂଚନାଗୁଡ଼ିକୁ ସଂଗ୍ରହ କରାଯିବା ନେଇ ସଂସ୍ଥାନ ପକ୍ଷରୁ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି ।

### ରାଷ୍ଟ୍ରୀୟ ଶିକ୍ଷାନୀତି ଆଲୋଚନା ଚକ୍ର :-

ସ୍ୱାଧୀନତା ଦିବସ ଅବସରରେ ଶିକ୍ଷା ବିକାଶ ସମିତି, ଓଡ଼ିଶା ଓ ପୂର୍ବତନ ଛାତ୍ର ପରିଷଦ ଦ୍ୱାରା ରାଷ୍ଟ୍ରୀୟ ଶିକ୍ଷାନୀତି ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ସ୍ୱାମୀ ବିବେକାନନ୍ଦ ଆଭାସୀ ବାଖ୍ୟାନମାଳାର 'ସ୍ୱାଧୀନତା ନବଦିଗନ୍ତ - ରାଷ୍ଟ୍ରୀୟ ଶିକ୍ଷାନୀତି' ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ପୂର୍ବତନ ଛାତ୍ର ପରିଷଦର ମାର୍ଗଦର୍ଶକ ଶ୍ରୀ ସତ୍ୟନାରାୟଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସଂଗଠନ ମନ୍ତ୍ରୀ ତଥା ପରିଷଦର ଆବାହକ ଶ୍ରୀମାନ ରମାକାନ୍ତ ମହାନ୍ତ ଅଭିଭାଷଣ ପ୍ରଦାନ କରିଥିଲେ । ଶ୍ରୀ ଅନୀଲକୁମାର ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଧାର୍ଯ୍ୟ ପ୍ରସଙ୍ଗ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ପୂର୍ବତନ ଛାତ୍ର ଶ୍ରୀ ଅଶ୍ୱିନୀକୁମାର ସାହୁ, ଶ୍ରୀ ଶୁଭେନ୍ଦୁ ଶେଖର ସାସମଲ, ଶ୍ରୀ ମିହିରକୁମାର ମିଶ୍ର ପ୍ରମୁଖ ନିଜର ମତ ରଖିଥିଲେ । ପୂର୍ବତନ ଛାତ୍ରୀ ସୁଶ୍ରୀ ସ୍ୱାତୀ ସୁମନ ମହାପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ରଂଜନ ଦାଶ ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ ରଖିଥିଲେ । ଓୟୁଏଟିର ଆସିଷ୍ଟାଣ୍ଟ ପ୍ରୋଫେସର ଡଃ. କୁମାରେଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ନାନା ପ୍ରକାରେ ହରିପାଦେ । ଯାହାର ଚିତ୍ତ ଅପ୍ରମାଦେ ।।














ବିଦ୍ୟା ଭାରତୀ ପୂର୍ବକ୍ଷେତ୍ର ଆନୁକୂଲ୍ୟରେ "ରାଷ୍ଟ୍ରୀୟ ଶିକ୍ଷାନୀତି" ଆଧାରିତ ପ୍ରଶିକ୍ଷକ ପ୍ରଶିକ୍ଷଣ, ସ.ପ୍ର.ମ. କେଶବଧାମ, କଟକ

September - 2021 RNI - Reg. No : ODIODI/2012/51053



ଭାରତ ସ୍ୱତନ୍ତ୍ରତା ଅମର ସହିତ ଭଗତ୍ ସିଂଙ୍କ
ପବିତ୍ର ଜନ୍ମ ଜୟନ୍ତୀ ସ୍ମରଣେ
(୨୮ ସେପ୍ଟେମ୍ବର ୧୯୦୭)

Printed and published by : Secretary, on behalf of Shiksha Vikash Samiti, Odisha &
Printed at Saraswati DTP Centre, E-59, Sector -A, Zone -A
Mancheswar Industrial Estate, Bhubaneswar-10